ସକାଳ
THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI

VOLUME- 43 ISSUE-148 MONDAY 24 NOVEMBER 2025 PAGE-12 ₹ 6.00

ବର୍ଷ-୪୩ ସଂଖ୍ୟା-୧୪୮ ସୋମବାର ୨୪ ନଭେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦


## ପ୍ରଥମ ମହିଳା ଦୃଷ୍ଟିହୀନ ଟି-୨୦ ବିଶ୍ୱକପ୍

# ଭାରତକୁ ଚାମ୍ପିଅନ କଲେ ଓଡ଼ିଶାର ଫୁଲ ସୋରେନ

■ ଭୁବନେଶ୍ୱର, ୨୩।୧୧ (ସମିସ): ଶ୍ରୀଲଙ୍କାର କଲମ୍ବୋରେ ଅନୁଷ୍ଠିତ ପ୍ରଥମ ମହିଳା ଦୃଷ୍ଟିହୀନ ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ରେ ଭାରତ ଚାମ୍ପିଅନ ହୋଇ ଇତିହାସ ରଚିଛି। ରବିବାର ପି. ସାରା ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଭାରତ ୭ ୱିକେଟରେ ନେପାଳକୁ ପରାସ୍ତ କରି ଟାଇଟଲ୍ ଜିତିଥିଲା। ଟସ୍ ଜିତି ଭାରତୀୟ ଦଳର ଅଧିନାୟିକା ଟିସି ଦୀପିକା ବୋଲିଂ ନିଷ୍ପତ୍ତି ନେଇଥିଲେ। ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ଯୋଗୁ ନେପାଳ ୨୦ ଓଭରରେ ୫ ୱିକେଟ ହରାଇ ୧୧୪ ରନର ଛୋଟିଆ ସ୍କୋର କରିଥିଲା। ଜବାବରେ ଭାରତ ୧୨ ଓଭରରେ ୩ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓଡ଼ିଆ ଖେଳାଳି ଫୁଲ ସୋରେନ ଭାରତ ପକ୍ଷରୁ ସର୍ବାଧିକ ଅପରାଜିତ ୪୪ ରନ କରିଥିଲେ। ଇନିଂସ ଓପନ୍ କରିଥିବା ଫୁଲ ୨୭ ବଲରେ ୪ ଚୌକା ସହ ଏହି ଦ୍ରୁତ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେ କରୁଣା ମଧ୍ୟ ୪୨ ରନ ସଂଗ୍ରହ କରିଥିଲେ। ଫୁଲଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଫୁଲଙ୍କ ବ୍ୟତୀତ ଓଡ଼ିଶାର ଯମୁନାରାଣୀ ଟୁଡୁ, ବାସନ୍ତୀ ହାଁସଦା ଓ ପାର୍ବତୀ ମାରାଣ୍ଡି ବିଶ୍ୱ ଚାମ୍ପିଅନ ଭାରତୀୟ ଦଳର ସଦସ୍ୟା ରହିଛନ୍ତି।



ଚାମ୍ପିଅନ ଟ୍ରଫି ସହ ଓଡ଼ିଶାର ୪ ଖେଳାଳି

# ମା' କ୍ଷୀରରୁ ମିଳିଲା ୟୁରାନିୟମ

## ୬ ଜିଲ୍ଲାରୁ ସାମ୍ନାକୁ ଆସିଲା ୪୦ ମାମଲା

■ ପାଟନା, ୨୩।୧୧ (ଏଜେନ୍ସି): ନବଜାତକଙ୍କ ଅମୃତ ମା' କ୍ଷୀର ବି ଏବେ ବିଶୁଦ୍ଧ ନୁହେଁ। ଏହା ବିଷ ପାଲଟି ଗଲାଣି। ମା' କ୍ଷୀରରୁ ବିଷାକ୍ତ ୟୁରାନିୟମ ମିଳିଛି। ବିହାରରୁ ଏଭଳି ବିପଜ୍ଜନକ ସୂଚନା ସାମ୍ନାକୁ ଆସିଛି। ବିହାର ସ୍ତନ୍ୟପାନ କରାଉଥିବା ୪୦ ମହିଳାଙ୍କ କ୍ଷୀର ନମୁନାରୁ ୟୁରାନିୟମ (ୟୁ୨୩୮) ମିଳିଛି। ନେଚର ଜର୍ଣ୍ଣାଲରେ ଏହି ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି। ମା' କ୍ଷୀରରେ ଥିବା ୟୁରାନିୟମ ଶିଶୁଠାରେ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ ବୋଲି କୁହାଯାଉଛି।

ଅନେକ ପ୍ରତିଷ୍ଠାନର ଗବେଷକଙ୍କ ଅନୁଯାୟୀ କ୍ଷୀର ମାଧ୍ୟମରେ ଶିଶୁଙ୍କ ଶରୀରକୁ ୟୁରାନିୟମ ଗଲେ କର୍କଟ ଭଳି ଜଟିଳ ରୋଗର ବିପଦ ସୃଷ୍ଟି ହୋଇପାରେ। ଠିକରେ ହାଡ଼ର ବିକାଶ ହୁଏ ନାହିଁ। ପାଟନାର 'ମହାବୀର କ୍ୟାନସର ପ୍ରତିଷ୍ଠାନ' ପକ୍ଷରୁ ହୋଇଥିବା ଗବେଷଣାରୁ ଏହା ଜଣାପଡ଼ିଛି। ଏଥିରେ ଦିଲ୍ଲୀ ଏମ୍ସର ବାୟୋ କେମେଷ୍ଟ୍ରି ବିଭାଗ ଡ. ଅଶୋକ ଶର୍ମାଙ୍କ ଟିମ୍ ମଧ୍ୟ ସାମିଲ ଥିଲା। ସେ ଏହି ଅଧ୍ୟୟନର ସହାୟକ ଲେଖକ ମଧ୍ୟ। ଡ. ଶର୍ମା କହିଛନ୍ତି ଯେ ୪୦ ମାଆଙ୍କ ଉପରେ ଏହି ଅଧ୍ୟୟନ କରାଯାଇଥିଲା। ସବୁ ନମୁନାରୁ ୟୁରାନିୟମ ମିଳିଥିଲା। ୟୁରାନିୟମର ଉତ୍ସ ବିଷୟରେ ଏବେ କିଛି ସ୍ପଷ୍ଟ ହୋଇନାହିଁ। ଏହା କେମିତି ଆସିଲା ଜଣାପଡ଼ି ନାହିଁ। ବିହାରରେ ପାନୀୟ ଏବଂ ▶ପୃଷ୍ଠା-୭


# ଶେଷ ମିନିଟ୍‌ରେ ବାତିଲ୍ କରିହେବ ବିମାନ ଟିକଟ; ଫେରସ୍ତ ମିଳିବ ଭଡ଼ା

■ ନୂଆଦିଲ୍ଲୀ,୨୩।୧୧ (ଏଜେନ୍ସି): କେନ୍ଦ୍ର ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଖୁବ୍ ଶୀଘ୍ର ବିମାନ ଭଡା ଫେରସ୍ତ ବା ରିଫଣ୍ଡ ଏବଂ ଟିକଟ ଉପରେ ଯାତ୍ରୀଙ୍କ ପାଇଁ ବୀମା ସୁବିଧା ଆରମ୍ଭ କରିବାକୁ ଯାଉଛି। କାରଣ ଡିଜିସିଏ ବିମାନ ଭଡା ଫେରସ୍ତ ସମ୍ବନ୍ଧୀୟ ନିୟମରେ ଏକ ବଡ଼ ପରିବର୍ତ୍ତନ ପ୍ରସ୍ତାବ ଦେଇଛି। ନୂତନ ଚିଠା ନିର୍ଦ୍ଦେଶାବଳୀରେ କୁହାଯାଇଛି ଯେ ଯଦି କୌଣସି ଯାତ୍ରୀଙ୍କୁ ଚିକିତ୍ସା ଜରୁରୀକାଳୀନ ପରିସ୍ଥିତିରେ ଟିକଟ ବାତିଲ କରିବାକୁ ପଡ଼େ, ତେବେ ବିମାନ କମ୍ପାନୀକୁ ସମ୍ପୂର୍ଣ୍ଣ ଅର୍ଥ ଫେରସ୍ତ କରିବାକୁ ପଡିବ କିମ୍ବା ଏକ କ୍ରେଡିଟ୍ ନୋଟ୍ ଜାରି କରିବାକୁ ପଡିବ। ଟ୍ରାଭେଲ୍ ଏଜେଣ୍ଟଙ୍କ ମାଧ୍ୟମରେ କିଣାଯାଇଥିବା ଟିକଟ ପାଇଁ ରିଫଣ୍ଡ ଏବେ ବିମାନ କମ୍ପାନୀର ଦାୟିତ୍ୱ ହେବ। ଏହାର ଅର୍ଥ ହେଉଛି ଅନଲାଇନ୍ ପୋର୍ଟାଲ କିମ୍ବା ଏଜେଣ୍ଟଙ୍କ ମାଧ୍ୟମରେ କିଣାଯାଇଥିବା ଟିକଟ ପାଇଁ ମଧ୍ୟ ବିମାନ କମ୍ପାନୀ ଯାତ୍ରୀଙ୍କୁ ଫେରସ୍ତ ଅର୍ଥ ପ୍ରଦାନ କରିବ। ଏଥିପାଇଁ ୨୧ କାର୍ଯ୍ୟ ଦିବସର ସମୟସୀମା ଧାର୍ଯ୍ୟ କରାଯାଇଛି। ଚିଠା ନିୟମ ଉପରେ ଅଂଶୀଦାରମାନଙ୍କ ମତାମତ ନଭେମ୍ବର ୨୦ ମଧ୍ୟରେ ଲୋଡାଯାଇଛି। ଆହୁରିମଧ୍ୟ ସରକାର ବିମାନ ଟିକଟରେ ଇନ୍-ବିଲ୍ଟ ବୀମା ଯୋଡିବାକୁ ପ୍ରସ୍ତୁତ ହେଉଛନ୍ତି, ଯାହା ଉଡ଼ାଣର ମାତ୍ର କିଛି ଘଣ୍ଟା ପୂର୍ବରୁ ▶ପୃଷ୍ଠା-୭

# ଦ୍ୱନ୍ଦ୍ୱ ବଢ଼ାଇଲା ଯୋଡ଼ା ଲଘୁଚାପ

## ଆଜି ଅବପାତର ରୂପ ନେବ ଲଘୁଚାପ ■ ବାତ୍ୟା ଗତିପଥ ବଦଳାଇଲେ ବର୍ତ୍ତିଯିବ ଓଡ଼ିଶା

■ ଭୁବନେଶ୍ୱର, ୨୩।୧୧ (ସମିସ): ମଲାକ୍କା ଓ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗରରେ ଉପରେ ସୃଷ୍ଟି ହୋଇଥିବା ଲଘୁଚାପ ସୁଦଶ ଲଘୁଚାପରେ ପରିଣତ ହୋଇଛି। ସୋମବାର ସୁଦ୍ଧା ଏହା ଅଧିକ ଘନୀଭୂତ ହୋଇ ଅବପାତ ଓ ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ବାତ୍ୟାର ପରିଣତ ହେବ। ଏହି ସ୍ୱଷ୍ଟ ଚିହ୍ନିତ ଲଘୁଚାପ ବର୍ତ୍ତମାନ ସକ୍ରିୟ ରହିଖିଥିବା ବେଳେ ଏହା କ୍ରମଶଃ ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତି ଜାରି ରଖିଛି। ଅନ୍ୟପଟେ ଏହି ଲଘୁଚାପ ସହିତ ବଙ୍ଗୋପସାଗରରେ ଆସନ୍ତା ୨୫ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାକୁ ଯାଉଛି ଯାହାକି ବାତ୍ୟାର ଗତିପଥ ଓ ତୀବ୍ରତାକୁ ଦ୍ୱନ୍ଦ୍ୱାତ୍ମକ କରିଦେଇଛି। ପାଣିପାଗ ବିଶେଷଜ୍ଞମାନେ ଦୁଇଟି ଲଘୁଚାପର



ମିଶ୍ରଣ ନେଇ ଆକଳନ କରୁଥିଲେ ମଧ୍ୟ ଏହା ମିଶ୍ରଣ ପରେ କେଉଁ ଆଡ଼କୁ ଗତି କରିବ ତାହା ଆସନ୍ତା ୨୭ ପରେ ସ୍ପଷ୍ଟ ହେବ ବୋଲି କହୁଛନ୍ତି।

ଅନ୍ୟପଟେ ଦୀର୍ଘ ୧୦୦ ବର୍ଷର ରେକର୍ଡ ଅନୁଯାୟୀ ଶୀତ ଦିନରେ ବାତ୍ୟା ସୃଷ୍ଟି ହେଲେ ତାହାର ପ୍ରଭାବ ତାମିଲନାଡୁ ବା ଆନ୍ଧ୍ର ଆଡ଼କୁ ହୋଇଥିବା ଦେଖା ଦେଇଛି। ତେଣୁ ଏହି ବାତ୍ୟା ମଧ୍ୟ ଓଡିଶା ଆଡ଼କୁ ଆସିବାର ସମ୍ଭାବନା କମ୍ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଶରତ ଚନ୍ଦ୍ର ସାହୁ କହିଛନ୍ତି। ସେ କହିଛନ୍ତି ଏହା ପ୍ରଭାବରେ ଉପକୂଳ ଓ ଦକ୍ଷିଣ ଓଡିଶାରେ ଅଳ୍ପରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତାଙ୍କ କହିବା ଅନୁଯାୟୀ ▶ପୃଷ୍ଠା-୭

## 'ସକାଳ'ର ୫ମ ସ୍ୱନକ୍ଷତ୍ର

# ବିତର୍କରେ ଭାଗନେଲେ ରାଜ୍ୟର ୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ



ଭୁବନେଶ୍ୱର, ୨୩।୧୧(ସମିସ): ଲୋକପ୍ରିୟ ଦୈନିକ 'ସକାଳ'ର ୫ମ ସ୍ୱନକ୍ଷତ୍ର ଅବସରରେ ରାଜ୍ୟର ସବୁ ଜିଲ୍ଲାର ସଦର ମହକୁମା ସହ ଭୁବନେଶ୍ୱର, ରାଉରକେଲା ଓ ଜୟପୁରରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଛି ବିତର୍କ ପ୍ରତିଯୋଗିତା । ରାଜ୍ୟର ବିଭିନ୍ନ ସ୍ଥାନରେ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି । କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ପାଇଁ ରହିଥିବା ବିଷୟବସ୍ତୁ 'ଜେନ୍-ଜି: ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଦାମତା' ପ୍ରସଙ୍ଗରେ ଛାତ୍ରଛାତ୍ରୀମାନେ ନିଜନିଜର ଆଭିମୁଖ୍ୟ ପୋଷଣ କରିଛନ୍ତି। ସେହିପରି ସେହିପରି ପୁସ୍ତକ ବଞ୍ଚିବା ଶିଖାଇବା ସହିତ ଜ୍ଞାନ ଓ ଚେତନାକୁ ବଢ଼ାଇବାରେ ପ୍ରମୁଖ ଭୂମିକା ନେଇଥାଏ ବୋଲି ବିଦ୍ୟାଳୟ ଛାତ୍ରଛାତ୍ରୀମାନେ 'ବହି ପଢ଼ା: ଜରୁରୀ ଆବଶ୍ୟକତା ନା ଅନାବଶ୍ୟକ ଚାପ' ବିଷୟ ଉପରେ ନିଜନିଜ ଆଭିମୁଖ୍ୟ ରଖିଛନ୍ତି ।

**ରାଜ୍ୟସ୍ତରୀୟ ବିତର୍କ ପାଇଁ ୩୦ଜିଲ୍ଲାରୁ ୬୦ ପ୍ରତିଯୋଗୀ ମନୋନୀତ**

'ଭାରତ ମସଲା' ପ୍ରାୟୋଜିତ ଓ 'ଶ୍ରୀ ବିନାୟକ କନ୍‌ସେପ୍ଟ ସ୍କୁଲ' ସହଭାଗିତାରେ ଅନୁଷ୍ଠିତ ଏହି ବିତର୍କ ପ୍ରତିଯୋଗିତାରେ ସାରା ରାଜ୍ୟର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ହଜାର ହଜାର ପ୍ରତିଭାଦୀପ୍ତ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ମାର୍ମିକ ଅଭିଭାଷଣ ରଖିଛନ୍ତି। ବିଭିନ୍ନ ସ୍ଥାନରେ ସମାଜରେ ପ୍ରତିଷ୍ଠିତ ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଜ୍ଞ ବିଚାରକମାନେ ଛାତ୍ରଛାତ୍ରୀଙ୍କ ବିତର୍କର ମୂଲ୍ୟାୟନ କରିଛନ୍ତି । ପ୍ରତିଯୋଗିତା ଶେଷରେ ବିଚାରକ ତଥା ଅତିଥିମାନେ ପ୍ରତି ଜିଲ୍ଲାରେ ଉଭୟ ବର୍ଗରେ ଶ୍ରେଷ୍ଠ ବିବେଚିତ ହୋଇଥିବା ୩ ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ସହ ସ୍ମୃତି ଫଳକ ସହ ସମ୍ମାନିତ କରିଛନ୍ତି ଓ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଆଜି ଅନୁଷ୍ଠିତ ଜିଲ୍ଲାସ୍ତରରେ ପ୍ରଥମସ୍ଥାନ ଅଧିକାର କରିଥିବା ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗର ଛାତ୍ରଛାତ୍ରୀମାନେ ଆସନ୍ତା ଡିସେମ୍ବର ୧ ତାରିଖ ଦିନ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ଯୋଗ ଦେବେ।

ପ୍ରତିଷ୍ଠା ହେବାର ମାତ୍ର ୫ ବର୍ଷ ମଧ୍ୟରେ ପାଠକଙ୍କ ବିଶ୍ୱସନୀୟତା ହାସଲ କରିଥିବା ''ସକାଳ' ପକ୍ଷରୁ ଏହି ବିତର୍କ ପ୍ରତିଯୋଗିତା ସାଧାରଣରେ ବେଶ୍ ପ୍ରଶଂସିତ ହୋଇଛି। ସାମ୍ପ୍ରତିକ ସମୟର ଦୁଇଟି ପ୍ରାସଙ୍ଗିକ ପ୍ରସଙ୍ଗ ଉପରେ ବିତର୍କ ଜରିଆରେ ଆଲୋକପାତ କରିବାରେ ସମର୍ଥ ହୋଇ ପାରିଥିବାରୁ 'ସକାଳ'ର ପ୍ରୟାସକୁ ଅତିଥିମାନେ ବେଶ୍ ପ୍ରଶଂସା କରିଛନ୍ତି। ରାଜ୍ୟରେ 'ସକାଳ'ର ସ୍ୱନକ୍ଷତ୍ର ଦିବସ ଅବସରରେ ବିଭିନ୍ନ ଜିଲ୍ଲାରେ ଉଭୟ ବର୍ଗରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ 'ସକାଳ'ର କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ଦାସ ଶୁଭେଚ୍ଛା ଜ୍ଞାପନ କରିବା ସହ କାର୍ଯ୍ୟକ୍ରମର ସଫଳତା ପାଇଁ 'ସକାଳ' ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

## ଖୋର୍ଦ୍ଧା ବାଘମାରୀରେ ନାବାଳିକାକୁ ଗଣଦୁଷ୍କର୍ମ

# ହୃଦୟବିଦାରକ ଓ ସ୍ପର୍ଶକାତର: ନବୀନ

■ ଭୁବନେଶ୍ୱର, ୨୩।୧୧ (ସମିସ): ଖୋର୍ଦ୍ଧା ବାଘମାରୀରେ ନାବାଳିକାଙ୍କୁ ଅପହରଣ ଓ ଗଣଦୁଷ୍କର୍ମ ଘଟଣାକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହି ଘଟଣାକୁ ଅତ୍ୟନ୍ତ ସ୍ପର୍ଶକାତର ଏବଂ ହୃଦୟବିଦାରକ ବୋଲି ଉଲ୍ଲେଖ କରି ମହିଳାମାନଙ୍କ ଉପରେ ରାଜ୍ୟରେ ଦିନକୁ ଦିନ ବଢୁଥିବା ଅତ୍ୟାଚାର ଓ ଦୁଷ୍କର୍ମ ଘଟଣା ସମସ୍ତଙ୍କୁ ବିଚଳିତ କରିଦେଉଛି ବୋଲି ନବୀନ ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରିଛନ୍ତି। ସେହିପରି ଭଦ୍ରକ ଜିଲ୍ଲାରେ ଜଣେ ଯୁବତୀଙ୍କୁ ଗାଁ ଦାଣ୍ଡରେ ନିସ୍ତୁକ ମାଡ଼ ଘଟଣାକୁ ମଧ୍ୟ ସେ ନିନ୍ଦା କରିଛନ୍ତି ।



**ବିଜେପି ସରକାରରେ ରାଜ୍ୟର ମା'ମାନେ ସବୁଠୁ ଅସୁରକ୍ଷିତ**

**ନିଦରୁ ଉଠି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରଙ୍କୁ ଆହ୍ୱାନ**

ନବୀନ କହିଛନ୍ତି ଯେ ଭଦ୍ରକ ଅରଞ୍ଜିରେ ମା'ର ମୃତ୍ୟୁ ପରେ କିସ୍ତି ଟଙ୍କା ପାଇଁ ଜଣେ ଯୁବତୀଙ୍କୁ ଗାଁ ଦାଣ୍ଡରେ ଏସ୍‌ଏଚଜିର ▶ପୃଷ୍ଠା-୭

## ଏସ୍‌ଆଇଆର୍ ଚାପ

# ୧୯ ଦିନରେ ୧୫ ବିଏଲ୍‌ଓଙ୍କ ମୃତ୍ୟୁ

■ ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି): ଦେଶରେ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଚାଲିଥିବା ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର୍) ଅଭିଯାନ ଅବସରରେ ବୁଥ ଲେବଲ ଅଫିସର (ବିଏଲ୍‌ଓ)ଙ୍କ ମୃତ୍ୟୁ ଚିନ୍ତା ସୃଷ୍ଟି କରିଛି। କାର୍ଯ୍ୟର ଚାପ ଯୋଗୁ ଏଭଳି ଘଟଣା ଘଟୁଛି ବୋଲି କୁହାଯାଉଛି। ନଭେମ୍ବର ୨୧ ରାତିରୁ ୨୨ ତାରିଖ ମଧ୍ୟରେ ମଧ୍ୟପ୍ରଦେଶରେ ଦୁଇଜଣ ବିଏଲ୍‌ଓଙ୍କ ମୃତ୍ୟୁ ଘଟିଛି। ମଧ୍ୟପ୍ରଦେଶରେ ଭୋପାଳରେ ୨ ଜଣ ବିଏଲ୍‌ଓ ହୃଦ୍‌ଘାତ ଆସିବା ଫଳରେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପଶ୍ଚିମବଙ୍ଗରେ ଜଣେ ମହିଳା ବିଏଲ୍‌ଓ ଆତ୍ମହତ୍ୟା କରିଛନ୍ତି। ଅଧିକ କାର୍ଯ୍ୟ ଓ ଲକ୍ଷ୍ୟ ପୂରଣ କରିବାର ଚାପକୁ ନିୟନ୍ତ୍ରଣ ନ କରିପାରିବାରୁ ସେ ମୃତ୍ୟୁବରଣ କରିଛନ୍ତି ବୋଲି ମୃତକଙ୍କ ପରିବାର ଲୋକେ କହିଛନ୍ତି। ଶନିବାର ନିର୍ବାଚନ କମିଶନଙ୍କ ରିପୋର୍ଟ ଅନୁସାରେ ରାଜସ୍ଥାନ ଭଳି ବଡ଼ ରାଜ୍ୟରେ ସର୍ବାଧିକ ୬୦.୫୪ ପ୍ରତିଶତ ଫର୍ମ ଡିଜିଟାଲ ହୋଇଛି। ସେହିପରି କେରଳରେ ସର୍ବନିମ୍ନ ୧୦.୫୮ ଫର୍ମ ଡିଜିଟାଲ ହୋଇଛି। ମୋଟ୍ ଉପରେ ୯୮. ୯୮ ଫର୍ମ ବିତରଣ ହୋଇଛି ବୋଲି କମିଶନ ସୂଚନା ଦେଇଛନ୍ତି।

**ଗୁଜରାଟ, ଏମ୍‌ପିରେ ୪ ଜଣ ଲେଖାଏଁ, ପଶ୍ଚିମବଙ୍ଗରେ ୩, ରାଜସ୍ଥାନ, ତାମିଲନାଡୁ ଓ କେରଳରେ ଜଣେ**

ପଶ୍ଚିମବଙ୍ଗରେ ଦ୍ୱିତୀୟ ଆତ୍ମହତ୍ୟା ସହ ବିଏଲ୍‌ଓଙ୍କ ମୃତ୍ୟୁ ସଂଖ୍ୟ ୩ରେ ପହଞ୍ଚିଛି। ରାଜ୍ୟରେ ଦୁଇଜଣ ବିଏଲ୍‌ଓ ଆତ୍ମହତ୍ୟା କରିଥିବା ବେଳେ ଆଉ ଜଣେ ଚାପ ଯୋଗୁ ଭିନ୍ନ କାରଣରୁ ମୃତ୍ୟୁବରଣ କରିଛନ୍ତି। ସେହିପରି ରାଜସ୍ଥାନର ଜୟପୁରରେ ରବିବାର ବିଏଲ୍‌ଓ ମୁକେଶ ଜାଙ୍ଗିଡ଼ (୪୮) ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଅନ୍ୟପଟେ କରୋଲିରେ ଜଣେ ବିଏଲ୍‌ଓ ମୃତ୍ୟୁବରଣ କରିଛନ୍ତି। ସବାଇ ମାଧୋପୁରରେ ଜଣେ ବିଏଲ୍‌ଓ ହୃଦ୍‌ଘାତର ଶିକାର ହୋଇଛନ୍ତି। ଅନ୍ୟପଟେ ଗୁଜରାଟ୍‌ରେ ୪ ଦିନରେ ୪ ଜଣ ବିଏଲ୍‌ଓ ପ୍ରାଣ ହରାଇଛନ୍ତି। ଅହମଦାବାଦ୍ ଓ ଦାହୋଦ୍‌ରେ ଜଣେ ବିଏଲ୍‌ଓ ଅସୁସ୍ଥ ହେବା କାରଣରୁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

ମଧ୍ୟ ପ୍ରଦେଶରେ ଗୋଟିଏ ରାତିରେ ୨ ଜଣ ବିଏଲ୍‌ଓ ମୃତ୍ୟୁବରଣ କରିଥିବା ବେଳେ ଜଣେ ନିଖୋଜ ଓ ଆଉ ଜଣେ ହୃଦ୍‌ଘାତ୍‌ର ଶିକାର ▶ପୃଷ୍ଠା-୭

# ସ୍କର୍ପିଓ ଧକ୍କାରେ ୨ ଗୁରୁତର

## ଗାଡ଼ି ଛାଡ଼ି ପଳାଇଲେ ବିଧାୟକ, ଚାଳକ

■ ଖୁଣ୍ଟା/କୁଆମରା, ୨୩।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅଧୀନ ଟିଟିଆ ନିକଟ ଟାଙ୍ଗଣା ଛକରେ ସାରସକଣା ବିଧାୟକ ଭାଦବ ହାଁସଦାଙ୍କ ସ୍କୋର୍ପିଓ ଧକ୍କାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ତେବେ ମାନବିକତା ଭୁଲି ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ପଠାଇବା ପରିବର୍ତ୍ତେ ବିଧାୟକ ଶ୍ରୀ ହାଁସଦା ଓ ତାଙ୍କ ଡ୍ରାଇଭର ଦୌଡ଼ି ପଳାଇଯାଇଥିବା ଅଭିଯୋଗ ହେଉଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ଉଦଳା-ବାରିପଦା ରାସ୍ତାର ତେରମାଇଲ ନିକଟରେ ରାସ୍ତା ଅବରୋଧ କରିଥିଲେ। ଗୁରୁତରଦ୍ୱୟ ହେଲେ, ମିଟୁ ସିଂ (୬୦) ଓ ସନ୍ନ୍ୟାସୀ ସିଂ(୫୫)।

ସୂଚନା ମୁତାବକ, ରବିବାର ସଂଧ୍ୟା ୫ଟାରେ ବିଧାୟକଙ୍କ ସ୍କର୍ପିଓ ଗାଡ଼ି ବାରିପଦାରୁ ଉଦଳାକୁ



ଯାଉଥିଲା। ଏହି ସମୟରେ ଏକ ମୋପେଡ ଗାଡ଼ିରେ ମିଟୁ ଓ ସନ୍ନ୍ୟାସୀ ହାଟରୁ ସଉଦା କରି ଘରକୁ ଫେରୁଥିବା ସମୟରେ ଦ୍ରୁତ ଗତିରେ ସ୍କର୍ପିଓଟି ସେମାନଙ୍କୁ ଧକ୍କା ଦେଇ ରାସ୍ତା ପାଶ୍ୱର୍ ଏକ ବଉଳ ଗଛକୁ ଧକ୍କା ଦେଇ ଅଟକ ରହିଥିଲା। ଏହା ଦେଖି ବିଧାୟକ, ପିଏସ୍‌ଓ ଓ ଚାଳକ ସେଠାରୁ ପଳାଇଥିବା କୁହାଯାଉଛି। ଦୁର୍ଘଟଣାରେ ଉଭୟ ଆହତଙ୍କ ପ୍ରବଳ ରକ୍ତସ୍ରାବ ହେବାରୁ ସ୍ଥାନୀୟ ଲୋକେ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ ବାରିପଦା ଜିଲ୍ଲା ▶ପୃଷ୍ଠା-୭

## ରୋବର୍ଟ କିୟୋସାକିଙ୍କ ଚେତାବନୀ

# ମାନ୍ଦାବସ୍ଥା କବଳରେ ବିଶ୍ୱ

■ ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି): 'ରିଚ୍ ଡ୍ୟାଡ୍, ପୁଅର୍ ଡ୍ୟାଡ୍'ର ଲେଖକ ରବର୍ଟ କିୟୋସାକି ଏକ ବିଶ୍ୱ ଆର୍ଥିକ ସଙ୍କଟ ବିଷୟରେ ଚେତାବନୀ ଦେଇଛନ୍ତି। ରବର୍ଟ କିୟୋସାକି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି ଯେ ଇତିହାସର ସବୁଠାରୁ ବଡ଼ ଅର୍ଥନୈତିକ ମାନ୍ଦାବସ୍ଥା ଆରମ୍ଭ ହୋଇଛି। ୭୮ ବର୍ଷୀୟ କିୟୋସାକି ତାଙ୍କର ଭବିଷ୍ୟବାଣୀକୁ ପୁନରାବୃତ୍ତି କରି କହିଛନ୍ତି, ୨୦୧୩ରେ, ସେ 'ରିଚ୍ ଡ୍ୟାଡ୍ସ ଭବିଷ୍ୟବାଣୀ' ପ୍ରକାଶ କରିଥିଲେ। ସେଥିରେ ସେସବୁଠାରୁ ବଡ଼ ମାନ୍ଦାବସ୍ଥାର ଭବିଷ୍ୟବାଣୀ କରିଥିଲେ। ଦୁର୍ଭାଗ୍ୟବଶତଃ, ସେହି ମାନ୍ଦାବସ୍ଥା ଆସିଯାଇଛି। ସେ ଲେଖିଛନ୍ତି ଯେ ଏହା କେବଳ ଯୁକ୍ତରାଷ୍ଟ୍ର ଆମେରିକା ବିଷୟରେ ନୁହେଁ। ୟୁରୋପ ଏବଂ ଏସିଆ ମଧ୍ୟ ଏକ ଆର୍ଥିକ ମାନ୍ଦାବସ୍ଥାର କବଳରେ ରହିଛି। ତେବେ କେଉଁ ସମ୍ପତ୍ତି ଏହି ବଜାର ମାନ୍ଦାବସ୍ଥାରୁ ରକ୍ଷା କରିବାରେ ସାହାଯ୍ୟ କରିପାରିବ, ତାହା ମଧ୍ୟ ସେ ବ୍ୟାଖ୍ୟା କରିଛନ୍ତି। ସେ ଲେଖିଛନ୍ତି ଯେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଯୋଗୁଁ ବଜାର ତଳମୁହାଁ ହୋଇଛି। କିୟୋସାକି



ବିଶ୍ୱାସ କରନ୍ତି ଯେ ଏଆଇ ଚାକିରି ଖାଇଯିବ। ଯେତେବେଳେ ଚାକିରି ଉଭାନ ହୋଇଯିବ, ଅଫିସ ଏବଂ ଆବାସିକ ସମ୍ପତ୍ତିର ମୂଲ୍ୟ ମଧ୍ୟ ହ୍ରାସ ପାଇବ। ରିଅଲ୍ ଇଷ୍ଟେଟ୍ ବଜାର ମଧ୍ୟ କ୍ରାସ୍ ହୋଇପାରେ। ଏହି ହ୍ରାସକୁ ଏଡାଇବା ପାଇଁ, କିୟୋସାକି ସୁନା, ରୁପା, ବିଟ୍ କଏନ୍ ଏବଂ ଇଥେରିୟମ୍ ଭଳି ଜିନିଷଗୁଡ଼ିକରେ ନିବେଶ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଏହି ସମ୍ପତ୍ତିରେ ନିବେଶ କରିବାର ଏହା ସଠିକ୍ ସମୟ। ସେ କହିଛନ୍ତି ଯେ ରୁପାକୁ ସର୍ବୋତ୍ତମ ଏବଂ ସୁରକ୍ଷିତ ବୋଲି ବିବେଚନା କରାଯାଏ।

**ଇତିହାସର ସବୁଠାରୁ ବଡ଼ ପତନ ଆରମ୍ଭ**

କିୟୋସାକି ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଆଜି ରୁପା ମୂଲ୍ୟ ୫୦ ଡଲାର। ଖୁବ୍ ଶୀଘ୍ର ଏହା ୭୦ ଡଲାର ରେ ପହଞ୍ଚିବ ଏବଂ ୨୦୨୬ ସୁଦ୍ଧା ୨୦୦ ଡଲାରରେ ମଧ୍ୟ ପହଞ୍ଚିପାରେ। ଏଥିରେ ଖବର ହେଉଛି ଯେ ଲକ୍ଷ ଲକ୍ଷ ଲୋକ ସେମାନଙ୍କ ସମସ୍ତ ସମ୍ପତ୍ତି ହରାଇବେ। ଏକ ନୂତନ ପୋଷ୍ଟରେ କିୟୋସାକି ବିଟ୍ କଏନ୍ କିଣିବାକୁ ପରାମର୍ଶ ଦେଉଛନ୍ତି, ଯଦିଓ ସେ ନିଜେ ବିଟ୍ କଏନ୍ ବିକ୍ରି କରିଛନ୍ତି। ଦୁଇ ଦିନ ପୂର୍ବେ, ଏକ ପୋଷ୍ଟରେ, କିୟୋସାକି କହିଥିଲେ ଯେ ସେ ୨.୨୫ ନିୟୁତ (ପ୍ରାୟ ୨୦ କୋଟି ଟଙ୍କା) ମୂଲ୍ୟର ବିଟ୍ କଏନ୍ ବିକ୍ରି କରିଛନ୍ତି। ପ୍ରତ୍ୟେକ ମୁଦ୍ରାର ମୂଲ୍ୟ କେବଳ ୬୦୦୦ (ପ୍ରାୟ ୫ ଲକ୍ଷ ଟଙ୍କା) ଥିବାବେଳେ ସେ ଏହି ବିଟ୍ କଏନ୍ କିଣିଥିଲେ। ବର୍ତ୍ତମାନ, ସେ ସେଗୁଡ଼ିକୁ ପ୍ରାୟ ୯୦ ହଜାର (ପ୍ରାୟ ୮୦ ଲକ୍ଷ ଟଙ୍କା) ରେ ବିକ୍ରି କରିଛନ୍ତି। ଏହି ଟଙ୍କାରେ ସେ ଦୁଇଟି ସର୍ଜରୀ କେନ୍ଦ୍ର କିଣିଛନ୍ତି ଏବଂ ଏକ ବିଲବୋର୍ଡ ବ୍ୟବସାୟରେ ନିବେଶ କରିଛନ୍ତି।

## ୯ ବର୍ଷ ପରେ ପୁଣି ଚଣ୍ଡିଗଡ଼ ବିବାଦ; ନୂଆ ବିଲ୍ ଆସିବନି: କେନ୍ଦ୍ର

**ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି):** ଦୀର୍ଘ ୯ ବର୍ଷ ପରେ ଚଣ୍ଡିଗଡ଼କୁ ନେଇ ପୁଣି ବିବାଦ ଆରମ୍ଭ ହୋଇଛି। ଚଣ୍ଡିଗଡ଼କୁ ନେଇ ନୂଆ ସମ୍ବିଧାନ ସଂଶୋଧନ ପ୍ରସ୍ତାବ ଆସିବା ମାତ୍ରେ ହିଁ ପଞ୍ଜାବରେ ରାଜନୈତିକ ଉତ୍ତପ୍ତତା ବଢ଼ିବାରେ ଲାଗିଛି। ପଞ୍ଜାବର ସବୁ ରାଜନୈତିକ ଦଳ ଏହା ବିରୋଧରେ ଏକଜୁଟ୍ ହୋଇଛନ୍ତି। ଅବଶ୍ୟ ଏହା ପରେ କେନ୍ଦ୍ର ସରକାର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ଚଣ୍ଡିଗଡ଼ ପାଇଁ କେବଳ ଆଇନ ତିଆରି ପ୍ରକ୍ରିୟାକୁ ସରଳ କରିବା ନିମନ୍ତେ ଆସିଥିବା ପ୍ରସ୍ତାବ ଏବେ ବିଚାରାଧୀନ ରହିଛି। ଏ ନେଇ ଅନ୍ତିମ ନିଷ୍ପତ୍ତି ନିଆଯାଇ ନାହିଁ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରବିବାର କହିଛି। ଆଗକୁ ସଂସଦର ଶୀତକାଳୀନ ଅଧିବେଶନରେ ଏ ସମ୍ପର୍କରେ କୌଣସି ବିଲ୍ ସରକାରଙ୍କ ତରଫରୁ ଆଗତ ହେବ ନାହିଁ ବୋଲି କେନ୍ଦ୍ର ସ୍ପଷ୍ଟ କରିଛି। ଏହି ପ୍ରସ୍ତାବ ମାଧ୍ୟମରେ ଚଣ୍ଡିଗଡ଼ର ଶାସନ ବ୍ୟବସ୍ଥାରେ କୌଣସି ପ୍ରକାର ପରିବର୍ତ୍ତନ କିମ୍ବା ପଞ୍ଜାବ ଓ ହରିୟାଣା ମଧ୍ୟରେ ପାରମ୍ପରିକ ସମ୍ପର୍କକୁ ପ୍ରଭାବିତ କରିବାର କୌଣସ ଅଭିପ୍ରାୟ ନାହିଁ ବୋଲି କୁହାଯାଇଛି। ବ୍ୟାପକ ଚର୍ଚ୍ଚା ପରେ ଯାଇ କୌଣସି ନିଷ୍ପତ୍ତି ନିଆଯିବ ବୋଲି କେନ୍ଦ୍ର ସ୍ପଷ୍ଟ କରିଛି। ଉଲ୍ଲେଖଥାଉ କି, ୨୦୧୬ରେ କେନ୍ଦ୍ର ସରକାର ଚଣ୍ଡିଗଡ଼ ପାଇଁ ଭିନ୍ନ ପ୍ରଶାସକ ନିଯୁକ୍ତି ନେଇ ନିଷ୍ପତ୍ତି ନେଇଥିଲା। କିନ୍ତୁ ସେତେବେଳର ଅକାଳୀ ଦଳର ମୁଖ୍ୟମନ୍ତ୍ରୀ ପ୍ରକାଶ ସିଂ ବାଦଲ ଓ କଂଗ୍ରେସ ପ୍ରଦେଶ ଅଧ୍ୟକ୍ଷ କ୍ୟାପ୍ଟେନ ଅମରେନ୍ଦ୍ର ସିଂ ଏହାକୁ କଡ଼ା ବିରୋଧ କରିଥିଲେ। ପ୍ରବଳ ରାଜନୈତିକ ବିରୋଧ ଫଳରେ କେନ୍ଦ୍ର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିଥିଲା। ଏହି ପ୍ରସ୍ତାବିତ ବିଲ୍ ଚଣ୍ଡିଗଡ଼ର ପ୍ରଶାସନିକ ପରିଚୟକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେବ ବୋଲି ଚର୍ଚ୍ଚା ହେଉଛି। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ଓ ଆମ ଆଦମୀ ପାର୍ଟି ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ, କଂଗ୍ରେସ ଓ ଶିରୋମଣୀ ଅକାଳୀ ଦଳ ତରଫରୁ ଏହି ବିଲ୍‌କୁ ବିରୋଧ କରାଯାଇଛି। ଏହା ଦ୍ୱାରା ଚଣ୍ଡିଗଡ଼ ଉପରେ ପଞ୍ଜାବ ତା'ର ଅଧିକାର ହରାଇବାର ଆଶଙ୍କା ରହିଛି ବୋଲି କୁହାଯାଇଛି।



## ତେଜସ୍ ଦୁର୍ଘଟଣା: ୱିଙ୍ଗ୍ କମାଣ୍ଡର ନମାଂଶଙ୍କ ଶେଷକୃତ୍ୟ

**ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି):** ଦୁବାଇ ଏୟାର ଶୋ'ରେ ତେଜସ ଫାଇଟର ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୱିଙ୍ଗ କମାଣ୍ଡର ନମାଂଶ ସ୍ୟାଲଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି। ତାଙ୍କ ପାର୍ଥିବ ଶରୀରକୁ ରବିବାର ହିମାଚଳ ପ୍ରଦେଶର ତାଙ୍କ ପୈତୃକ ଗ୍ରାମ ନାଗ୍ରୋଟା ବାଗୱାନ (ପଟିଆଲକାର) ଅଣାଯିବା ସହ ରବିବାର ସେଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ନମାଂଶଙ୍କ ପତ୍ନୀ ଅଫ*ସାନ ମଧ ଜଣେ ବାୟୁସେନା ଅଧିକାରୀ। ଅନ୍ତେଷ୍ଟି କ୍ରିୟାରେ ଅଫସାନ ତାଙ୍କୁ ଶେଷ ତଥା ଅଶ୍ରୁଳ ସାଲ୍ୟୁଟ ପ୍ରଦାନ କରି ଅନ୍ତିମ ବିଦାୟ ଦେଇଥିଲେ। ପାଖରେ ତାଙ୍କୁ ୫ ବର୍ଷର ଝିଅ ମଧ ଉପସ୍ଥିତ ଥିଲେ। ଗାଁ ସବୁ ଲୋକ ଏକାଠି ହୋଇ ଲୁହଭରା ଆଖିରେ ନମାଂଶଙ୍କୁ ଅନ୍ତିମ ବିଦାୟ ଦେଇଥିଲେ। ଦୁବାଇ ଏୟାର ଶୋର ଅନ୍ତିମ ଦିବସରେ ରୁଷି ବିମାନର ଏକ ଦଳ 'ମିସିଂ ମ୍ୟାନର ଫର୍ମେସନ' ତିଆରି କରି ନମାଂଶଙ୍କୁ ସ୍ୱତନ୍ତ୍ର ଭାବେ ଶ୍ରଦ୍ଧାଞ୍ଜଳି ଦେଇଛି। ମିସିଂ ମ୍ୟାନ ଫର୍ମେସନ ହେଉଛି ଏକ ସ୍ୱତନ୍ତ୍ର ଏରିଆଲ ଟ୍ରିବ୍ୟୁଟ ବାୟୁ ଶ୍ରଦ୍ଧାଞ୍ଜଳି।



### ଶ୍ରଦ୍ଧାଞ୍ଜଳି ଦେଲା ରୁଷ ବିମାନ ଟିମ୍

ଆଜି ଭାରତୀୟ ବାୟୁସେନାର ଏକ ବିମାନରେ ତାଙ୍କ ପାର୍ଥିବ ଶରୀରକୁ କାଂଗ୍ରା ବିମାନ ବନ୍ଦରକୁ ଅଣାଯାଇଥିଲା ଓ ସେଠାରୁ ତାଙ୍କ ଗାଁକୁ ନିଆଯାଇଥିଲା। ତେବେ ପ୍ରଥମେ ତାଙ୍କ ମୃତଦେହକୁ କୋଏମ୍ବାଟୁରର ଏୟାର ବେଶ୍ ଅଣାଯାଇଥିଲା। କୋଏମ୍ବାଟୁର ଜିଲ୍ଲାପାଳ ପବନ କୁମାର ଜି ଗିରୟାପାନାବାର ତାଙ୍କୁ ସୁଲୁର ନିକଟସ୍ଥ ଏୟାରବେଶ୍‌ରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ହିମାଚଳ ପ୍ରଦେଶର ବାସିନ୍ଦା ନମାଂଶ ନଭେମ୍ବର ୨୧ ଶୁକ୍ରବାର ଦିନ ଦୁବାଇ ଏୟାର ଶୋରେ ପ୍ରଦର୍ଶନ ଅବସରରେ ସ୍ୱଦେଶୀ ମଲ୍ଟି- ରୋଲ ଲାଇଟ୍ କମ୍ବାକ୍ଟ ଏୟାରକ୍ରାଫ୍ଟ (ଏଲ୍‌ସିଏ) ତେଜସ୍‌ର ଦୁର୍ଘଟଣା ହେବା ପରେ ମୃତ୍ୟୁବରଣ କରିଛନ୍ତି। ନମାଂଶ ସୁଜନପୁର ଟୀରା ସୈନିକ ସ୍କୁଲ୍ ଛାତ୍ର। ୨୦୦୯ ଡିସେମ୍ବରରେ ସେ ଭାରତୀୟ ବାୟୁସେନାରେ ଭର୍ତ୍ତି ହୋଇଥିଲେ। ପତ୍ନୀ, ଝିଅ ଓ ତାଙ୍କ ପିତାମାତାଙ୍କୁ ନମନଶ ଛାଡି ଚାଲିଯାଇଛନ୍ତି। ଭାରତୀୟ ବାୟୁସେନା ତରଫରୁ ମଧ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି।

## ଦେଶର ସୀମା କେବେ ବଦଳିବ କହିହେବନି; ରାଜନାଥ

ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପୁଣି ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। ଭାରତର ସୀମା କେତେବେଳେ ବଦଳିବ ତାହା କହି ହେବ ନାହିଁ ବୋଲି ସେ କହିଛନ୍ତି। ପାକିସ୍ତାନରେ ସାମିଲ ଥିବା ସିନ୍ଧ ଭାରତର ଅଂଶ ହୋଇ ନ ଥିଲେ ମଧ ସଭ୍ୟତା ଦୃଷ୍ଟିକୋଣରୁ ଭାରତର ଅଙ୍ଗ ହୋଇ ସର୍ବଦା ରହିବ। କାଲି ପୁଣି ସିନ୍ଧ ଭାରତକୁ ଫେରି ନ ଆସିବ ବୋଲି କେହି କହିପାରିବେ ନାହିଁ। ଦିଲ୍ଲୀରେ ଆୟୋଜିତ ସିନ୍ଧ ସମ୍ମିଳନୀରେ ଯୋଗ ଦେଇ ରବିବାର ସେ ଏହି କଥା କହିଛନ୍ତି। ଏହି କ୍ରମରେ ସେ ବରିଷ୍ଠ ବିଜେପି ନେତା ଲାଲ କୃଷ୍ଣ ଆଡୱାନୀଙ୍କ ଲିଖିତ ଏକ ବହିର ଲେଖା ଉଲ୍ଲେଖ କରିଥିଲେ। ସିନ୍ଧି ହିନ୍ଦୁ, ଖାସ୍ କରି ତାଙ୍କ ପିଢ଼ିର ଲୋକେ ସିନ୍ଧକୁ ଭାରତରୁ ଭିନ୍ନ ବୋଲି ମନେ କରନ୍ତି ନାହିଁ। ୧୯୪୭ରେ ଦେଶ ବିଭାଜନ ହେବା ପରେ ସିନ୍ଧ ପ୍ରଦେଶ ପାକିସ୍ତାନରେ ସାମିଲ ହୋଇଥିଲା। ଏହା ପାକିସ୍ତାନର ତୃତୀୟ ସର୍ବ ବୃହତ୍ ରାଜ୍ୟ। ଏହାର ରାଜଧାନୀ କରାଚି। ସିନ୍ଧ ପ୍ରଦେଶରେ ଉର୍ଦ୍ଦୁ, ସିନ୍ଧି ଓ ଇଂଲିଶ୍ କୁହାଯାଇଥାଏ।

## ୨୬୨ କୋଟିର ନିଶାଦ୍ରବ୍ୟ ଜବତ; ୨ ଗିରଫ

ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି): ଦିଲ୍ଲୀ ପୁଲିସ ଓ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ମିଳିତ ଚଢ଼ାଉରେ ରାଜଧାନୀରେ ଏକ ବଡ଼ ଧରଣର ନିଶା କାରବାରର ପର୍ଦ୍ଦାଫାସ୍ କରିଛି। ଏହି ଟିମ୍ ୩୨୮ କେଜି ମେଥାମଫେଟାମାଇନ୍ ଜବତ କରିଛି। ଅନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ ୨୬୨ କୋଟି ଟଙ୍କା ବୋଲି କୁହାଯାଇଛି। ଏହି ମାମଲାରେ ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଟିମ୍‌ର ଏହି କାର୍ଯ୍ୟାନୁଷ୍ଠାନକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ପ୍ରଶଂସା କରିଛନ୍ତି। ଡ୍ରଗ୍ସ ବିରୋଧରେ ସରକାର କଠୋର ଓ ଦ୍ରୁତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଓ ନିଶାଦ୍ରବ୍ୟ କାରବାର ବିରୋଧରେ ସରକାର ଶୂନ୍ୟ ସହନଶୀଳତା ନିତୀ ଅବଲମ୍ବନ କରୁଛନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି।

## ଦିଲ୍ଲୀରେ ଚରସ ସହ ଆଫଗାନ ନାଗରିକ ଗିରଫ

● ବିନା ଭିସାରେ ୧୦ ବର୍ଷ ରହିଆସୁଥିଲା

ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି): ଦିଲ୍ଲୀର ଲାଜପତ ନଗର ଅଞ୍ଚଳରେ ଜେଣ ଆଫଗାନିସ୍ତାନ ନାଗରିକ ନଜିବ ଅହମ୍ମଦକୁ ଗିରଫ କରାଯାଇଛି। ତା ନିକଟରୁ ୨୧୫.୭୪ ଗ୍ରାମ୍ ଚରସ ଜବତ କରାଯାଇଛି। ନଜିବ ୨୦୧୪ରେ ଭାରତ ଆସିଥିଲା। ୨୦୧୫ରେ ଭିସା ଶେଷ ହେବା ପରେ ବି ସେ ଭାରତରେ ରହି ଆସୁଥିଲା। ସେ ଦକ୍ଷିଣପୂର୍ବ ଦିଲ୍ଲୀର କିଛ ଅଞ୍ଚଳକୁ ନିଶାଦ୍ରବ୍ୟ ଚୋରାଚାଲାଣ କରୁଥିଲା। ତେବେ ତା ନାରେ ପୂର୍ବରୁ କୌଣସି ଆପରାଧିକ ମାମଲା ନାହିଁ ବୋଲି ପୁଲିସ କହିଛି। ନଭେମ୍ବର ୨୧ରେ ସୂଚନା ମିଳିବା ମାତ୍ରେ ଆଣ୍ଟି ନାର୍କୋଟିକ୍ସ ସ୍କ୍ୱାଡ ଲାଜପତ ନଗରରେ ନଜିବକୁ ଗିରଫ କରିଥିଲା। ସେ ୨/ଆଇ ବ୍ଲକ ମୁଖ୍ୟ ବଜାର ରୋଡ୍‌ରେ ଥିବା ମଜାର ରେସ୍ତୋରାଁରେ ଚରସ ବିକ୍ରି କରୁଥିଲା।

### ଧର୍ମସ୍ଥଳରେ ୯୮୯ ଅପ୍ରାକୃତିକ ମୃତ୍ୟୁ

# ଏତଲା ନାହିଁ; ହତ୍ୟା ନା ମୋକ୍ଷ ଜଣାନାହିଁ

**ବେଙ୍ଗାଲୁରୁ, ୨୩।୧୧ (ଏଜେନ୍ସି):** କର୍ଣ୍ଣାଟକର ପ୍ରସିଦ୍ଧ ସହର ଧର୍ମସ୍ଥଳ ପୁଣି ଚର୍ଚ୍ଚାର କେନ୍ଦ୍ରରେ ରହିଛି। ୮୦୦ ବର୍ଷ ତଳର ଭଗବାନ ମଞ୍ଜୁନାଥଙ୍କ ମନ୍ଦିର ଯେତେ ପୌରାଣିକ ଏହା ସହ ଜଡ଼ିତ କଥା ମଧ ସେତେ ରହସ୍ୟମୟ ହୋଇ ରହିଛି। ଧର୍ମସ୍ଥଳକୁ ନେଇ ପୁଣି ବିସ୍ଫୋରକ ତଥ୍ୟ ସାମ୍‌ନାକୁ ଆସିଛି। ଗତ ୨୫ ବର୍ଷ ମଧ୍ୟରେ ତଥା ୨୦୦୧ ଠାରୁ ଏ ପର୍ଯ୍ୟନ୍ତ ଏହି ଅଞ୍ଚଳରେ ୯୮୯ ଅପ୍ରାକୃତିକ ମୃତ୍ୟୁ ହୋଇଛି।

ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ଏହି କି ଯେ ମନ୍ଦିର ପରିସରରେ ଏବଂ ଏହାର ଆଖପାଖରେ ହୋଇଥିବା ମୃତ୍ୟୁର ବିସ୍ତୃତ ତଥ୍ୟ ପୁଲିସ ପାଖରେ ନାହିଁ। ପ୍ରକୃତ ଠିକଣା ନ ଲେଖି ପୁଲିସ କେବଳ ଆଖପାଖ ଗାଁର ନାମ ଲେଖିଛି। ଆଉ ମୃତକଙ୍କ ସମ୍ପର୍କୀୟ ମୃତ୍ୟୁକୁ ନେଇ କୌଣସି ପ୍ରଶ୍ନ ନ ଉଠାଇବା ମଧ ମାମଲାକୁ ଅଧିକ ଜଟିଳ କରିଦେଉଛି। ଏଥିଯୋଗୁଁ ପୁଲିସ ବିନା ଯାଞ୍ଚରେ ମାମଲାକୁ ବନ୍ଦ କରିଦେଇଛି। ଆଜି ପର୍ଯ୍ୟନ୍ତ କେହି ଅପରାଧୀ ବାହାରି ନାହାନ୍ତି। ଏହି ମୃତ୍ୟୁ କାହିଁକି ହେଲା ତାହା ଏବେ ବି ପ୍ରଶ୍ନବାଚୀ ହୋଇ ରହିଛି। ଦକ୍ଷିଣ ଭାରତର କାଶୀ କୁହାଯାଉଥିବା ଏହି ଧର୍ମସ୍ଥଳରେ ହେଉଥିବା ମୃତ୍ୟୁ ମୋକ୍ଷ ନା ହତ୍ୟା ତାହା ଏବେ ବି ପ୍ରଶ୍ନ ହୋଇ ରହିଛି। ମୃତ୍ୟୁ ରହସ୍ୟକୁ ଲୁଚାଇବା ପାଇଁ ମୋକ୍ଷର କାହାଣୀ ଗଢ଼ା ଯାଉଥିବା କୁହାଯାଉଛି।

ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ଶ୍ରଦ୍ଧାଳୁ ମୋକ୍ଷ ପାଇଁ ଏଠାକୁ ଆସନ୍ତି। ମନ୍ଦିର ପରିସର, ଫାଟକ, ବାହୁବଳୀ ମୂର୍ତ୍ତି ନିକଟ, ମନ୍ଦିର ବାହାରେ ଏବଂ ନେତ୍ରବତି ନଦୀରେ ଅଧିକାଂଶଙ୍କ ଜୀବନ ଯାଇଛି। ୨୦୧୬ରେ ଏଏସପି ଥିବା ରାହୁଲ କୁମାର ଦାବି କରିଥିଲେ ଯେ ବର୍ଷକୁ ଶହେରୁ ଅଧିକ ଲୋକ ମୋକ୍ଷ ପାଇଁ ଧର୍ମସ୍ଥଳରେ ଆମ୍ୱହତ୍ୟା କରୁଛନ୍ତି। ତେବେ ଏହାର ଯାଞ୍ଚ କେବେ ବି ହୋଇ ନାହିଁ। ଗତ ମେ' ମାସରେ ମନ୍ଦିରର ସଫେଇ କର୍ମଚାରୀ ସିଏନ ଚିନ୍ନୟା ଧର୍ମସ୍ଥଳ ଆଖପାଖରେ ଶତାଧିକ ଲୋକଙ୍କୁ କବର ଦିଆଯାଇଥିବା କହିଥିଲେ। କିନ୍ତୁ ଏସଆଇଟି ଯାଞ୍ଚ ପରେ ସେ ନିଜ ବୟାନ ବଦଳାଇ ଦେଇଥିଲା। ୨୦୧୫ରୁ ୨୦୨୫ ମଧ୍ୟରେ ଧର୍ମସ୍ଥଳ, ମଞ୍ଜୁନାଥ ମନ୍ଦିର ଏବଂ ଆଖପାଖ ଗାଁରେ ୬୪୦ ଜଣଙ୍କ ମୃତ୍ୟୁ ହୋଇଥିବା ଆରଟିଆଇରେ ସୂଚନା ଦିଆଯାଇଥିଲା। ୨୦୦୧ରୁ ୨୦୧୨ ଭିତରେ ୩୪୯ ଆମ୍ୱହତ୍ୟା ହୋଇଥିବା ପୁଲିସ ସ୍ୱୀକାର କରିଥିଲା। ଏହି ସମୟରେ ଧର୍ମସ୍ଥଳ ନିକଟସ୍ଥ ୧୭ ଜନସଂଖ୍ୟା ବିଶିଷ୍ଟ ଉଜ୍ରେ ଗ୍ରାମରେ ୮୪ ଜଣ ଆମ୍ୱହତ୍ୟା କରିଥିଲେ।

ନାଗରିକ ସେବା ଟ୍ରଷ୍ଟର ସୋମନାଥ ନାୟକ କହିଛନ୍ତି ଯେ ପ୍ରକୃତ ଅପରାଧୀଙ୍କୁ ସୁରକ୍ଷା ଦେବା ପାଇଁ ମୋକ୍ଷର କାହାଣୀ ଗଢ଼ାଯାଉଛି। ମୃତ୍ୟୁର ରହସ୍ୟକୁ ଦଶନ୍ଧି ଦଶନ୍ଧି ହେଲା ଅନ୍ଧବିଶ୍ୱାସରେ ଚପାଇ ଦେବାକୁ ପ୍ରୟାସ ଚାଲିଛି। ମନ୍ଦିରର ଧର୍ମାଧିକାରୀ ଏବଂ ପରିଚାଳକଙ୍କ ଉପରେ ଜମି ହଡ଼ପ ଓ ସାମୂହିକ ଋଣ ବାହାନାରେ କୋଟି କୋଟି ଟଙ୍କାର ଠକେଇକୁ ଛପାଇବା ପାଇଁ ଏହି ମୃତ୍ୟୁ ହେଉନି କି ବୋଲି ସେ ପଚାରିଛନ୍ତି। ଏହାର ଯାଞ୍ଚ ହେବା ଉଚିତ। ଏହି ଗୋଷ୍ଠୀରେ କର୍ଣ୍ଣାଟକର ୫୨ ଲକ୍ଷ ଲୋକ ସାମିଲ ଅଛନ୍ତି। ଏହି ଅଭିଯୋଗକୁ ନେଇ ମନ୍ଦିର ଧର୍ମାଧିକାରୀ ତଥା ରାଜ୍ୟସଭା ସାଂସଦ ବୀରେନ୍ଦ୍ର ହେଗ୍‌ଡେ କୌଣସି ଉତ୍ତର ଦେଉ ନାହାନ୍ତି।

ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ରଞ୍ଜନ ରାଓ କହିଛନ୍ତି ଯେ ଧର୍ମସ୍ଥଳରେ ଏତେ ମୃତ୍ୟୁ ହୋଇଥିଲେ ବି କେହି ଅଭିଯୋଗ କରିବାକୁ ଆସିନାହାନ୍ତି। ୧୯୮୯ରୁ ଆମେ କୋର୍ଟଙ୍କ ନିର୍ଦ୍ଦେଶ ପାଇଁ ଲଢେଇ କରୁଛୁ, କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଧର୍ମାଧିକାରୀଙ୍କ ବିରୋଧରେ ଅନେକ ଅଭିଯୋଗ କରାଯାଇଛି। କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଅଭିଯୋଗକାରୀ ସୋମନାଥଙ୍କୁ ତିନି ମାସ ପର୍ଯ୍ୟନ୍ତ ଜେଲ୍‌ରେ ଭର୍ତ୍ତି କରିଦିଆଯାଇଛି। ୨୦୧୩ରେ ପୂର୍ବତନ ସିଦ୍ଧରମେୟା ସରକାର ବୀରେନ୍ଦ୍ରଙ୍କ ଟ୍ରଷ୍ଟ ଏବଂ କାର୍ଯ୍ୟକଳାପର ଯାଞ୍ଚ କରିବେ ବୋଲି କହିଥିଲେ। ମାତ୍ର କିଛି ବି କରାଯାଇ ନ ଥିଲା। ଆଜି ବି ସେହି ସରକାର ଥିବା ସତ୍ତ୍ୱେ, କାର୍ଯ୍ୟାନୁଷ୍ଠାନ ଶୂନ ରହିଛି।



### ସନ୍ଦେହ ଘେରରେ ଧର୍ମାଧିକାରୀଙ୍କ ଭୂମିକା
### ଅପରାଧୀଙ୍କୁ ସୁରକ୍ଷା ଦିଆଯାଉଥିବା ଦାବି

### ଡିସେମ୍ବର ୧ରୁ କେସ୍ ଲିଷ୍ଟିଂର ନୂଆ ବ୍ୟବସ୍ଥା

## ମାମଲା ସଂଖ୍ୟା ହ୍ରାସ ମୋର ଲକ୍ଷ୍ୟ: ଜଷ୍ଟିସ ସୂର୍ଯ୍ୟକାନ୍ତ



**ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି):** ଜଷ୍ଟିସ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ ଅର୍ଥାତ ସୋମବାର ସୁପ୍ରିମକୋର୍ଟର ୫୩ତମ ମୁଖ୍ୟ ବିଚାରପତି (ସିଜେଆଇ) ଭାବେ ଶପଥ ଗ୍ରହଣ କରିବେ। ସେ ଡିସେମ୍ବର ୧ରେ ସମସ୍ତଙ୍କୁ ଚକିତ କଲା ଭଳି ନିଷ୍ପତ୍ତି ନେବେ ବୋଲି ସୂଚନା ଦେଇଛନ୍ତି। କେସ୍ ଲିଷ୍ଟିଂ ବା ବିଚାରଧିନ ମାମଲାକୁ ତାଲିକାଭୁକ୍ତ କରିବାକୁ ନେଇ ସେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଛି। ଲିଷ୍ଟିଂର ବ୍ୟବସ୍ଥା ଏତେ ଭଲ ହେବ ଯେ, ସମସ୍ତେ ତାଙ୍କୁ ସ୍ୱାଗତ କରିବେ। ଦେଶର ଅଦାଲତରେ ବାକି ପଡିଥିବା ମାମଲାଗୁଡିକର ସଂଖ୍ୟା କମ୍ କରିବା ମୋର ଲକ୍ଷ୍ୟ ବୋଲି ସେ କହିଛନ୍ତି। ହାଇକୋର୍ଟଗୁଡିକରେ ଯେଉଁ କେସ୍ ଶେଷ ପର୍ଯ୍ୟାୟରେ ରହିଛି, ସେଗୁଡିକୁ ସୁପ୍ରିମକୋର୍ଟରେ ଶେଷ କରିବେ। ସେହିପରି ମେଡିଏସନ ଅର୍ଥାତ ମଧ୍ୟସ୍ଥତାକୁ ଏକ ଗେମ୍ ଚେଞ୍ଜର ବୋଲି ସେ ଅବିହିତ କରିଥିଲେ। ମଧ୍ୟସ୍ଥତା କୋର୍ଟ ବାହାରେ ବିଭିନ୍ନ ମାମଲାକୁ ଦ୍ରୁତଗତିରେ ସମାଧାନ କରିପାରେ। ପୁଣି ମେଡିଏସନ ଦ୍ୱାରା ପ୍ରି-ଲିଟିଗେସନ ମାମଲାର ସମାଧାନ ହୋଇପାରିବ। ଏପରି ହେଲେ କୋର୍ଟଙ୍କ ଉପରେ ବୋଝ କମ୍ ହେବ ବୋଲି ସେ ମତ ଦେଇଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ ଦିଲ୍ଲୀସ୍ଥିତ ନିଜ ସରକାରୀ ବାସଭବନରେ ସାମ୍ବାଦିକଙ୍କୁ ସମ୍ବୋଧିତ କରି ଏହି ଟିପ୍ପଣୀ ଦେଇଛନ୍ତି।

### ସିଜେଆଇ ଭାବେ ଆଜି ନେବେ ଶପଥ

ଜଷ୍ଟିସ ସୂର୍ଯ୍ୟକାନ୍ତ ସୋମବାର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କରିବେ। ଏହି ଉତ୍ସବରେ ୭ଟି ଦେଶର ପ୍ରଧାନ ବିଚାରପତି ଅଂଶଗ୍ରହଣ କରିବେ। ଏଥିରେ ଭୁଟାନ, କେନିଆ, ମାଲେସିଆ, ମରିସସ୍, ନେପାଳ ଓ ଶ୍ରୀଲଙ୍କା ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଯୋଗ ଦେବେ।

● ୩୫ ବର୍ଷ ପରେ ଖୋଲିଲା ରହସ୍ୟ

## ଯବାନଙ୍କୁ ୟାସିନ୍ ମଲ୍ଲିକ ହିଁ ମାରିଥିଲା ଗୁଳି

ଶ୍ରୀନଗର,୨୩।୧୧(ଏଜେନ୍ସି): ଶ୍ରୀନଗରରେ ୧୯୯୦ ଜାନୁଆରୀ ୨୫ରେ ଭାରତୀୟ ବାୟୁସେନା ଯବାନଙ୍କ ଉପରେ ଆକ୍ରମଣ ହେବାର ୩୫ ବର୍ଷପରେ ପୁଣି ଏହି ଘଟଣାକୁ ନେଇ ଦେଶରେ ହଇଚଇ ସୃଷ୍ଟି ହୋଇଛି। ଶନିବାର ଜମ୍ମୁର ଟାଡା କୋର୍ଟରେ ଦୁଇଜଣ ପ୍ରତ୍ୟକ୍ଷଦର୍ଶୀ ତଥା ସାକ୍ଷୀ ମୁଖ୍ୟ ଅଭିଯୁକ୍ତ ୟାସିନ ମଲିକଙ୍କ ସମେତ ଅନ୍ୟ ଅପରାଧୀ ଜାଭେଦ ମୀର, ନାନାଜୀ ଓ ସାକତେ ବକ୍ସିକୁ ଚିହ୍ନଟ କରିଛନ୍ତି। ବାୟୁସେନା ଯବାନଙ୍କ ଉପରେ ଗୁଳିମାଡ କରିଥିବା ଅପରାଧିଙ୍କ ମଧ୍ୟରେ ୟାସିନ ମଲିକ ହିଁ ସର୍ବାଗ୍ରେ ଥିଲା ବୋଲି ସାକ୍ଷୀମାନେ ସ୍ପଷ୍ଟ ଭାବେ କୋର୍ଟଙ୍କୁ ଅବଗତ କରାଇଛନ୍ତି। ୟାସିନ ହିଁ ମୁଖ୍ୟ ସୁଟର ଥିଲା ବୋଲି ସେମାନେ କହିଛନ୍ତି। ଶନିବାର ଟାଡା କୋର୍ଟରେ ସବୁ ଅଭିଯୁକ୍ତଙ୍କୁ ହାଜର କରାଯାଇଥିଲା। ୟାସିନ ତିହାର ଜେଲ୍‌ରୁ ଭିଡିଓ କନଫରେନ୍ସି ଜରିଆରେ ଯୋଗ ଦେଇଥିଲା। ତେବେ ଅନ୍ୟ ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟରେ ହାଜର ହୋଇଥିବା ଦୁଇଜଣ ସାକ୍ଷୀ ମଧ୍ୟରେ ଜଣେ ବାୟୁସେନା କର୍ମଚାରୀ ଓ ଆଉଜଣେ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ। ଦୁଇଜଣ ବିନା କୌଣସି ଦ୍ୱିଧାରେ ଅଭିଯୁକ୍ତଙ୍କୁ ସ୍ପଷ୍ଟ ଭାବେ ଚିହ୍ନି ପାରିଥିଲେ। ୟାସିନଙ୍କୁ ଗୁଳି ଚଳାଉଥିବାର ସେମାନେ ଦେଖିଥିଲେ ବୋଲି କହିଛନ୍ତି। ୩୫ ବର୍ଷ ତଳେ ହୋଇଥିବା ଏହି ଆକ୍ରମଣରେ ବାୟୁସେନା ଅଧିକାରୀ ରବି ଖାନ୍ନାଙ୍କ ସମେତ ୪ ଜଣ ଯବାନ ପ୍ରାଣ ହରାଇଥିଲେ ଏବଂ ୨୨ଜଣ ଆହତ ହୋଇଥିଲେ। ଶ୍ରୀନଗରର ବାହାର ଅଞ୍ଚଳରେ ରାବଲପୁରାରେ ବାୟୁସେନାର ଯବାନ ନିଜ ଡ୍ୟୁଟି କରିବାକୁ ଯାଉଥିବା ବେଳେ ଆତଙ୍କବାଦୀମାନେ ଅଚାନକ ଗୁଳି ଚଳାଇଥିଲେ। ୟାସିନ ହିଁ ଏହି ଆକ୍ରମଣର ଷଡ଼ଯନ୍ତ୍ର ରଚିବା ସହ ନେତୃତ୍ୱ ନେଇଥିଲା।



## ଜି୨୦ରେ ପ୍ରଥମ
## ଆୟୋଜକଙ୍କୁ ଦିଆଗଲାନି ନେତୃତ୍ୱ

**ଜୋହାନ୍ସବର୍ଗ, ୨୩।୧୧ (ଏଜେନ୍ସି):** ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ୨୦ତମ ଜି୨୦ ସମ୍ମିଳନୀ ଔପଚାରିକ ନେତୃତ୍ୱ ପରିବର୍ତ୍ତନ ବିନା ରବିବାର ଶେଷ ହୋଇଛି। ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା କୌଣସି ଆମେରିକା ଅଧିକାରୀଙ୍କୁ ଗାବେଲ ତଥା ଅଧ୍ୟକ୍ଷତାର ପ୍ରତୀକ ହାତୁଡ଼ା ପ୍ରଦାନ କରିନାହାନ୍ତି। କୌଣସି ଔପଚାରିକ ହସ୍ତାନ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବନାହିଁ ବୋଲି ବିଦେଶମନ୍ତ୍ରୀ ରୋନାଲ୍ଡୋ ଲାମୋଲା କହିଛନ୍ତି। ଆମେରିକା ଚାହିଁଲେ ଦକ୍ଷିଣ ଆଫ୍ରିକା ବିଦେଶ ମନ୍ତ୍ରାଳୟ (ଡିଆଇଆରସିଓ) କାର୍ଯ୍ୟାଳୟରୁ ଜି-୨୦ କାଗଜପତ୍ର ନେଇପାରିବ। ଏହାକୁ ନେଇ ଆମେରିକା କ୍ଷୁବ୍ଧ ହୋଇଛି। ଦକ୍ଷିଣ ଆଫ୍ରିକା ଜି-୨୦ର ପ୍ରତୀକ ହସ୍ତାନ୍ତର ନ କରି ଭୁଲ୍ କରିଛି ବୋଲି ହ୍ୱାଇଟ ହାଉସ୍ ଉପ-ସଚିବ ଅନ୍ନା କେଲି କହିଛନ୍ତି।

ସୂଚନା ଅନୁଯାୟୀ, ଏହି ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମିଲ ହୋଇ ନ ଥିବାରୁ ଔପଚାରିକ ହସ୍ତାନ୍ତର କାର୍ଯ୍ୟକ୍ରମ କରିବାକୁ ଦକ୍ଷିଣ ଆଫ୍ରିକା ରାଜି ହୋଇ ନ ଥିଲା। ପୂର୍ବରୁ ଟ୍ରମ୍ପ କହିଥିଲେ ଯେ ଦକ୍ଷିଣଆଫ୍ରିକାରେ ଗୋରା-ଖ୍ରୀଷ୍ଟିଆନଙ୍କୁ ହତ୍ୟା କରାଯାଉଛି। ତାଙ୍କ ଜମି ଛଡ଼ାଇ ନିଆଯାଉଛି। ଏଥିପାଇଁ ସେ ସମ୍ମିଳନୀରେ ସାମିଲ ହେବାକୁ ମନା କରିଦେଇଥିଲେ। କିନ୍ତୁ ଗାବେଲ ପାଇଁ ରାଷ୍ଟ୍ରଦୂତ ପଠାଇବାକୁ କହିଥିଲେ। ତେବେ କନିଷ୍ଠ ଅଧିକାରୀଙ୍କ ବଦଳରେ ଖାଲି ଚୌକିକୁ ଗାବେଲ ଦେଇଦେବେ ବୋଲି ରାମାଫୋସା କହିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କୁହାଯାଇଥିଲା ଯେ ଆମରିକା ସହ ଆମର କୌଣସି ବିବାଦ ନାହିଁ। କିନ୍ତୁ ଜି୨୦ ମଞ୍ଚରେ କନିଷ୍ଠ ଅଧିକାରୀଙ୍କୁ ଗାବେଲ ଦିଆଯାଇପାରିବ ନାହିଁ। କାରଣ ଏହା ସମ୍ମାନର ବିଷୟ। ଟ୍ରମ୍ପ ଏହି ସମ୍ମିଳନୀକୁ ସମ୍ମାନ ଦେବାକୁ ଚାହୁଁ ନାହାନ୍ତି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀରେ ସାମିଲ ହୋଇ ଏଆଇର ଅପବ୍ୟବହାରକୁ ନେଇ ଚେତାବନୀ ଦେଇଛନ୍ତି। ଏହା ଦ୍ୱାରା ବିଶ୍ୱର ଅନେକ କ୍ଷତି ହୋଇପାରେ। ତେଣୁ ଏହାର ମୁକାବିଲା ପାଇଁ ସବୁ ଦେଶ ମିଶି ନିୟମ ଆଣିବା ଜରୁରୀ ବୋଲି ମୋଦୀ କହିଛନ୍ତି।

## ଉମରକୁ ୪୦ ଲକ୍ଷ ଦେଇଥିଲା ଜମାତ

**ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି):** ଦିଲ୍ଲୀ କାର ବୋମା ବିସ୍ଫୋରଣରେ ସାମିଲ ଆତ୍ମଘାତୀ ଡକ୍ଟର ଉମର ଏବଂ ଡକ୍ଟର ମୁଜାମ୍ମିଲ ମଧ୍ୟରେ ୪୦ ଲକ୍ଷ ଟଙ୍କା ପାଇଁ ବିବାଦ ଥିଲା। ଏହି ପାଣ୍ଠି ଜମାତରୁ ଆସିଥିଲା। ଏହି ଟଙ୍କା ବ୍ୟବହାର କରି ସାମଗ୍ରୀ କିଣିବା ନେଇ ଉମର ଏବଂ ମୁଜାମ୍ମିଲ ମଧ୍ୟରେ ବିବାଦ ଥିଲା। ଏହି ମାମଲାରେ ଏନଆଇଏ ବିଶ୍ୱବିଦ୍ୟାଳୟ ନିକଟସ୍ଥ ଏକ ମସଜିଦରୁ ମୌଲବୀ ଇସ୍ତିଆକକୁ ଗିରଫ କରିଛି। ସେ ଜମାତ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ପାଇଥିଲା। ଏହାକୁ ମୁଜାମ୍ମିଲ ବିସ୍ଫୋରଣ ପାଇଁ ସାମଗ୍ରୀ କିଣିବାରେ ବ୍ୟବହାର କରିଥିଲେ। ଅନ୍ୟପଟେ ସବୁ ଆତଙ୍କବାଦୀ ପୃଥକ ହ୍ୟାଣ୍ଡଲରଙ୍କ ସଂସ୍ପର୍ଶରେ ଥିଲେ ବୋଲି ଜଣାପଡ଼ିଛି।

### ଜନତାଙ୍କୁ ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀଙ୍କ ଧମକ

# ଭୋଟ ନ ଦେଲେ ପାଣ୍ଠି ଦେବିନି

**ମୁମ୍ବଇ, ୨୩।୧୧ (ଏଜେନ୍ସି):** ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତଥା ସରକାରୀ ମେଣ୍ଟ ମହାୟୁତିରେ ସାମିଲ ଏନ୍‌ସିପି ମୁଖ୍ୟ ଅଜିତ ପାୱାର ଖୋଲାଖୋଲି ଭାବେ ଲୋକଙ୍କୁ ଧମକ ଦେବାରେ ଲାଗିଛନ୍ତି। ଏଥିପାଇଁ ଗାଁରୁ ନେଇ ସହର ପର୍ଯ୍ୟନ୍ତ ଲୋକେ ସବୁଠି ତାଙ୍କୁ ନିନ୍ଦା କରୁଛନ୍ତି। ଅଜିତଙ୍କୁ ଧମକ ଦେଉଥିବା ଉପ-ମୁଖ୍ୟମନ୍ତ୍ରୀ କହୁଛନ୍ତି। ଗତ ସେପ୍ଟେମ୍ବରରେ ବେଆଇନ ଖଣି ଖନନ ରୋକିବାକୁ ଯାଇଥିବା ଜଣେ ମହିଳା ଆଇପିଏସ ଅଧିକାରୀଙ୍କୁ କଲ୍ କରି ସେ ଧମକ ଦେଇଥିଲେ। ମୋତେ ତୁମେ ଚିହ୍ନି ନାହିଁ ବୋଲି କହିଥିଲେ। ଏହାର ଭିଡିଓ ଦେଶରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟି ଥିଲା। ବିଭିନ୍ନ ମହଲରୁ ସମାଲୋଚନା କରାଯାଇଥିଲା। ତଥାପି ଉପ-ମୁଖ୍ୟମନ୍ତ୍ରୀ ନିଜ ଗୁଣ ଛାଡ଼ିବାକୁ ନାରାଜ। ଧମକ ଦେବାକୁ ନେଇ ତାଙ୍କ ଉପରେ ମଧ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଏବେ ସେ ମାଲେଗାଁଓ ନଗର ପଞ୍ଚାୟତ ନିର୍ବାଚନ ପାଇଁ ବାରାମତିରେ ତହସିଲରେ ପ୍ରଚାର କରି ସିଧାସଳଖ ଭୋଟରଙ୍କୁ ଧମକ ଦେଇଛନ୍ତି। 'ଆପଣଙ୍କ ପାଖରେ ଭୋଟ ଆଉ ମୋ ପାଖରେ ପାଣ୍ଠି ଅଛି। ଯଦି ଭୋଟ ନ ଦେବେ ଅଞ୍ଚଳକୁ ଦିଆଯାଉଥିବା ପାଣ୍ଠି ହ୍ରାସ କରିଦେବି' ବୋଲି ଅଜିତ କହିଛନ୍ତି। ସେ ଗତ ଶୁକ୍ରବାର ଏହି ଟିପ୍ପଣୀ ଦେଇଥିଲେ।

ଅଜିତ କହିଥିଲେ ଯେ 'ଯଦି ଏନ୍‌ସିପି ପ୍ରାର୍ଥୀ ନିର୍ବାଚନରେ ଜିତିବେ ତେବେ ସେ ପାଣ୍ଠି ଜାରି କରିବେ। କେନ୍ଦ୍ର ଏବଂ ରାଜ୍ୟର ଅନେକ ଯୋଜନା ରହିଛି। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀ ଏକାଠି କାମ କରୁଛନ୍ତି। ଏହି ସବୁ ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କଲେ ମାଲେଗାଁଓର ବିକାଶ ସୁନିଶ୍ଚିତ ହୋଇପାରିବ। ୧୮ ଏନ୍‌ସିପି ପ୍ରାର୍ଥୀଙ୍କୁ ବିଜୟୀ କରାଇଲା ପାଣ୍ଠିର ଅଭାବ ରହିବ ନାହିଁ। ନିର୍ବାଚିତ କଲେ ଯାହା ପ୍ରତିଶ୍ରୁତି ଦେଇଛି ତାହା ପୂରଣ କରିବି। ଯଦି ଦଳର ପ୍ରାର୍ଥୀ ନ ଜିତିବେ ତେବେ ପାଣ୍ଠି ହ୍ରାସ କରିଦେବି। ଆପଣଙ୍କ ପାଖରେ ଭୋଟ ଦେବାର କ୍ଷମତା ଏବଂ ମୋ ପାଖରେ ପାଣ୍ଠି ଜାରି କରିବାର କ୍ଷମତା ରହିଛି। ଏବେ ନିଷ୍ପତ୍ତି ନିଅନ୍ତୁ ଆପଣ କ'ଣ କରିବେ'।



ମନ୍ତ୍ରୀଙ୍କ ଏହି ଟିପ୍ପଣୀକୁ ନେଇ ବିରୋଧୀ ସମାଲୋଚନା କରିଛନ୍ତି। ନିର୍ବାଚନ କମିଶନ କାହିଁକି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି ବୋଲି ବିରୋଧୀ ଏନ୍‌ସିପି (ଏସପି) ଏବଂ ଶିବସେନା ପକ୍ଷରୁ ପଚରାଯାଇଛି। କ୍ଷମତାରେ ଥିବାରୁ ମଦମତ୍ତ ହୋଇ ଏଭଳି ଧମକ ଦେଉଛନ୍ତି ବୋଲି କଂଗ୍ରେସ ନେତା ବିଜୟ ୱେଡିଟିୟାର କହିଛନ୍ତି। ଏଭଳି ସ୍ଥିତିରେ ମୁକ୍ତ ଏବଂ ଅବାଧ ନିର୍ବାଚନ କେମିତି ହେବ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ବିବାଦ ବଢ଼ିବାରୁ ଅଜିତ ରବିବାର ସାମ୍‌ନାକୁ ଆସି ସ୍ପଷ୍ଟୀକରଣ ଦେଇଛନ୍ତି। ଏହା କୌଣସି ଧମକ ନୁହେଁ ବୋଲି କହିଛନ୍ତି। ଏହା ସହିତ ନିଜ ବୟାନକୁ ଉଚିତ୍ ସାବ୍ୟସ୍ତ କରି ବିହାର ନିର୍ବାଚନରେ ଆରଜେଡି ନେତା ତେଜସ୍ୱୀ ଯାଦବ ଦେଇଥିବା ସରକାରୀ ଚାକିରି ପ୍ରତିଶ୍ରୁତି ବିଷୟରେ ଉଲ୍ଲେଖ କରିଛନ୍ତି।

### ଦୁଇ ସପ୍ତାହ ମଧ୍ୟରେ ଜିଲ୍ଲା କଂଗ୍ରେସ କମିଟି ଚୟନ

# ୧୪ ଡିସେମ୍ବର କଂଗ୍ରେସର ଦିଲ୍ଲୀ ଚଲୋ ଡକରା

ଭୁବନେଶ୍ୱର,୨୩।୧୧(ସମିସ): ଏଆଇସିସିର ସଂଗଠନ ସୃଜନ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାର ୩୫ ସଂଗଠନିକ ଜିଲ୍ଲାରେ ସଭାପତିମାନଙ୍କୁ ଚୟନ କରାଯାଇସାରିବା ପରେ ଏବେ ଏହି ଅଭିଯାନ ମାଧ୍ୟମରେ ଜିଲ୍ଲା କଂଗ୍ରେସ କମିଟି (ଡିସିସି) ଓ ବ୍ଲକ ସଭାପତି ବାଛିବାକୁ କଂଗ୍ରେସ ନିଷ୍ପତ୍ତି ନେଇଛି। ପ୍ରତି ଜିଲ୍ଲାରେ ସାଧାରଣ, ଦଳିତ, ଜନଜାତି, ସଂଖ୍ୟାଲଘୁ ଓ ମହିଳା ବର୍ଗରୁ ପ୍ରତିନିଧିତ୍ୱ ସହ ସର୍ବାଧିକ ୩୧ ଜଣ କର୍ମକର୍ତ୍ତା ରହିବେ। ପ୍ରତି ଜିଲ୍ଲା ସଂଗଠନରେ ୬ ଜଣ ଉପସଭାପତି ରହିବେ। ସଂଗଠନ ଦାୟିତ୍ୱରେ ତଥା ଛାମୁଆ ସଂଗଠନ ଦାୟିତ୍ୱରେ ଜଣେ ଲେଖାଏଁ ଉପସଭାପତି ରହିବେ। ପ୍ରତି ବିଧାନସଭା କ୍ଷେତ୍ରରୁ ଦୁଇଜଣ ଲେଖାଏଁ ସାଧାରଣ ସଂପାଦକଙ୍କୁ ଚୟନ କରାଯାଉଥିବା ବେଳେ ପ୍ରତି ବ୍ଲକ୍/ପୌରାଂଚଳରୁ ଦୁଇଜଣ ଲେଖାଏଁ ଡିସିସି ସଂପାଦକ ରହିବେ। ସମଗ୍ର ଜିଲ୍ଲା ପାଇଁ ଜଣେ ମୁଖପାତ୍ର ଓ ଜଣେ ସାମାଜିକ ଗଣମାଧ୍ୟମ ଇନ୍-ଚାର୍ଜ ରହିବେ। ଜିଲ୍ଲାର ପ୍ରଶିକ୍ଷଣ ଦାୟିତ୍ୱରେ ମଧ୍ୟ ଜଣେ କର୍ମକର୍ତ୍ତା ରହିବେ। ଆସନ୍ତା ୨ ସପ୍ତାହ ମଧ୍ୟରେ ଏ ସମସ୍ତ ତାଲିକା ପ୍ରସ୍ତୁତ କରି ୧୦ ଡିସେମ୍ବର ସୁଦ୍ଧା ପିସିସି ସଭାପତିଙ୍କ ଚୂଡ଼ାନ୍ତ ଅନୁମୋଦନ ପାଇଁ ପଠାକୁ ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ ନିର୍ଦ୍ଦେଶ ଦେଇଛନ୍ତି।



ରବିବାର ଅପରାହ୍ଣରେ କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଏଆଇସିସିର ଓଡ଼ିଶା ପ୍ରଭାରୀ ଏକ ଦୁଇ ସପ୍ତାହର ଖସଡ଼ା ଘୋଷଣା କରି ଡିସିସି ସଭାପତିମାନେ ନିଜନିଜ ଜିଲ୍ଲାର ସମସ୍ତ ବିଧାୟକ/ସାଂସଦ/ବରିଷ୍ଠ ନେତା/ପୂର୍ବତନ ବିଧାୟକ/ପୂର୍ବତନ ସାଂସଦ/ଗତ ଲୋକସଭା ଓ ବିଧାନସଭା ନିର୍ବାଚନର କଂଗ୍ରେସ ପ୍ରାର୍ଥୀମାନଙ୍କ ସହ ପରାମର୍ଶ କରି ତାଲିକାକୁ ଚୂଡ଼ାନ୍ତ ଅନୁମୋଦନ ପାଇଁ ପିସିସି ସଭାପତିଙ୍କ ପାଖକୁ ପଠାଇବାକୁ କହିଛନ୍ତି। ଅନ୍ୟପଟେ ବୈଠକରେ ଆସନ୍ତା ୨୬ ନଭେମ୍ବର ବୁଧବାର ଦେଶବ୍ୟାପୀ "ସମ୍ବିଧାନ ବଞ୍ଚାଅ' କାର୍ଯ୍ୟକ୍ରମ ପାଳନ କରାଯିବା ପାଇଁ କୁହାଯାଇଛି। ଏହି କ୍ରମରେ ଓଡ଼ିଶାର ସମସ୍ତ ଜିଲ୍ଲାରେ ସେଦିନ ଡିସିସିମାନଙ୍କ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରି ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ୬ ତାରିଖ ଆମ୍ବେଦକରଙ୍କ ତିରୋଧାନ ଦିବସ ପାଳିତ ହେବାକୁ ଥିବାବେଳେ ୧୪ ତାରିଖ ଦିଲ୍ଲୀର ରାମଲୀଳା ମୈଦାନରେ ଏକ ବିଶାଳ ସମାବେଶ ଆୟୋଜିତ ହେବ। "ଭୋଟ ଚୋରି ବିରୋଧରେ ଦସ୍ତଖତ ଅଭିଯାନ'ର ଦେଶର କୋଟିକୋଟି ଲୋକ ଭାଗ ନେଇଥିବାରୁ ସେଦିନ ବିଭିନ୍ନ ରାଜ୍ୟରୁ ଆସି ଉକ୍ତ ମୈଦାନରେ ଲକ୍ଷେ ଲୋକ ଠୁଳ ହେବେ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କେବଳ ଓଡ଼ିଶାରୁ ୫ ହଜାର ଲୋକ ଭାଗ ନେବାକୁ ଦିଲ୍ଲୀ ଯିବେ ବୋଲି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି।

ଆଜିର ପ୍ରଥମ ବୈଠକରେ ପିସିସି କର୍ମକର୍ତ୍ତା, ଡିସିସି ସଭାପତି ଓ ଛାମୁଆଁ ସଂଗଠନ/ବିଭାଗ/ପ୍ରକୋଷ୍ଠର ମୁଖ୍ୟମାନେ ଭାଗ ନେଇଥିବା ବେଳେ ଦ୍ୱିତୀୟ ବୈଠକରେ

- ■ ସମାବେଶ ପାଇଁ ଓଡ଼ିଶାରୁ ଯିବେ ୫ ହଜାର ଲୋକ
- ■ ୨୬ରେ ସମ୍ବିଧାନ ବଞ୍ଚାଅ ଦିବସ ପାଳିବ ଦଳ

ଦଳର ବିଧାୟକବୃନ୍ଦ, ଗତ ନିର୍ବାଚନରେ ଲଢ଼ିଥିବା ଦଳର ପ୍ରାର୍ଥୀମାନେ ଯୋଗ ଦେଇ ନେତୃବୃନ୍ଦଙ୍କ ସହ ଭାବ ବିନିମୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ଦୁଇ ପୂର୍ବତନ ପିସିସି ସଭାପତି ନିରଂଜନ ପଟ୍ଟନାୟକ ଓ ଜୟଦେବ ଜେନା, ୩ ଉପସଭାପତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ■ ମହାପ୍ରଭୁଙ୍କ ପାଖରେ ବାପା ମା'ଙ୍କ ଭିକ୍ଷା

# ଅସୁସ୍ଥ ପୁଅକୁ ସିଂହଦ୍ୱାରରେ ଗଡ଼ାଇ କାନି ପାତିଲେ ମା'

ପୁରୀ,୨୩।୧୧(ସମିସ): ଚିକିତ୍ସା ବିଜ୍ଞାନ ଯେଉଁଠି ଫେଲ୍ ମାରେ ସେଠି ମଣିଷ ଅସହାୟ ହୋଇପଡେ। ଶେଷରେ ଭଗବାନଙ୍କ ପାଖରେ ନିଜକୁ ସମର୍ପି ଦିଏ। ସେ ଜାଣିଛି ମହାପ୍ରଭୁ ହେଉଛନ୍ତି ଭାବର ଠାକୁର। ସେ ଭକ୍ତର ଡାକ ଶୁଣନ୍ତି। ଯେଉଁଥିପାଇଁ ଶ୍ରୀକ୍ଷେତ୍ରକୁ ଛୁଟି ଆସନ୍ତି ବହୁ ଅସହାୟ ମଣିଷ। ମଝିରେ ମଝିରେ ଏମିତି କିଛି ଦୃଶ୍ୟ ଶ୍ରୀମନ୍ଦିର ସିଂହଦ୍ୱାରରେ ଦେଖିବାକୁ ମିଳେ। ଡାକ୍ତର ଫେରାଇ ଦେବା ପରେ କିଏ କାଳିଆ ଠାକୁରଙ୍କ ପାଖକୁ ଧାଇଁଆସନ୍ତି ତ ଆଉ କେହି ସିଧା ହସ୍ପିଟାଲ ବେଡ୍‌ରୁ

ରବିବାର ଭୋରୁ ସିଂହଦ୍ୱାର ଫିଟିବା ପରେ ଏହି ଭାବ ବିହ୍ୱଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ପୁଅର ସୁସ୍ଥତା କାମନା କରି ସିଂହଦ୍ୱାରରେ ବାପା, ମା ମହାପ୍ରଭୁଙ୍କୁ ଆକୁଳ ନିବେଦନ କରୁଥିଲେ। ଅସୁସ୍ଥ କୁନି ପୁଅକୁ ଶୁଆଇ ଦେଇ କାନି ପତେଇ ମହାପ୍ରଭୁଙ୍କୁ ନିଜର ଦୁଃଖ ଜଣାଇଥିଲେ ତାଙ୍କ ମା'। ଦଣ୍ଡ ପ୍ରଣାମ କରି ମହିଳା ଜଣକ ସିଂହଦ୍ୱାର ନିକଟରେ ନିଜ ଛୁଆ ପାଇଁ ଗୁହାରି କରୁଥିଲେ। ଲାଗୁଥିଲା ସତେ ଯେମିତି ସେ ମାନସିକ କରିଛନ୍ତି ଦଣ୍ଡ ପ୍ରଣାମ କରି କାଳିଆ ଦୁଆରେ ନିଜ ପିଲାକୁ ଗଡାଇଦେଲେ ସେ ସୁସ୍ଥ ହୋଇଯିବ।



ଷ୍ଟ୍ରେଚରରେ ପହଞ୍ଚିଥାନ୍ତି। ସମସ୍ତଙ୍କର ଶେଷ ଭରସା ଓ ବିଶ୍ୱାସ ହେଉଛନ୍ତି ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ। ରବିବାର ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା ସିଂହଦ୍ୱାରରେ, ଯାହା ପ୍ରତିଟି ଶ୍ରଦ୍ଧାଳୁଙ୍କ ଆଖିକୁ ଓଦା କରି ଦେଇଥିଲା। ଅସହାୟ ମା' ବାପା ଜଗା ଦୁଆରେ ନିଜ କୁନି ପୁଅର ଜୀବନ ଭିକ୍ଷା କରିଥିଲେ। ପତିତପାବନଙ୍କ ପାଦପଦ୍ମରେ ଅସୁସ୍ଥ ପୁଅକୁ ଗଡାଇ ପଣତ କାନି ପତେଇଥିଲେ ମା'।ଚାହିଁ କାନ୍ଦି ନିଜ କୁନି ପୁଅକୁ ଭଲ କରିଦେବା ପାଇଁ ନେହୁରା ହେଉଥିଲେ। କାଳିଆ ଠାକୁରଙ୍କ ପାଖରେ ହାତପାତି ନିଜ ପୁଅର ଜୀବନ ପାଇଁ କାକୁତି ମିନତି ହେଉଥିଲେ ଦମ୍ପତି।

ଶନିବାର ମଧ୍ୟ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଗତ ୯ ତାରିଖରେ ରାଜସ୍ଥାନର ନିଖିଲ ଭୋଇ ବ୍ରେନ ଷ୍ଟ୍ରୋକ ଯୋଗୁ କୋମାରେ ଥିବା ୮ ବର୍ଷର ପୁଅକୁ ଆଣି ମହାପ୍ରଭୁଙ୍କ ନିକଟକୁ ଆସିଥିଲେ। ଭାବର ଠାକୁର ଶୁଣିଲେ ଭକ୍ତର ଡାକ। କୋମାରେ ଥିବା ତାଙ୍କ ପୁଅ ଧୀରେ ଧୀରେ ସୁସ୍ଥ ହେବାରେ ଲାଗିଛି। ହାତଗୋଡ ହଲାଇବା ଆରମ୍ଭ କରିବା ପରେ ପୁଣି ନିଖିଲ ପୁଅକୁ ଧରି ଶନିବାର ମହାପ୍ରଭୁଙ୍କୁ ଧନ୍ୟବାଦ ଜଣାଇ କୃପା ଭିକ୍ଷା କରିଛନ୍ତି। ମହାପ୍ରଭୁଙ୍କର ଏହି ଚମତ୍କାରିତା ନେଇ ଏବେ ସବୁଠି ଚର୍ଚ୍ଚା ଭିତରେ ରବିବାର ଅସୁସ୍ଥ କୁନି ପୁଅକୁ ଧରି କାଳିଆ ଠାକୁରଙ୍କ ଶରଣ ପଶିଛନ୍ତି ଦମ୍ପତି।

## ବାଲି ବୋଝେଇ ଟ୍ରାକ୍ଟର ଓଲଟି ନାବାଳକ ମୃତ

ଦିଗପହଣ୍ଡି, ୨୩।୧୧ (ସମିସ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ସମାସିଙ୍ଗି ଗ୍ରାମ ନିକଟ ବାହୁଦା ନଦୀପଠାରେ ବାଲି ବୋଝେଇ ଟ୍ରାକ୍ଟର ଓଲଟି ପଡ଼ିବାରୁ ଜଣେ ନାବାଳକ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଭ୍ରମରପୁର ଗ୍ରାମର ପ୍ରଫୁଲ୍ଲ ନାଇକଙ୍କ ପୁଅ ପ୍ରକାଶ ନାଇକ (୧୧)।

ପ୍ରକାଶ ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପଢୁଛନ୍ତି। ପରିବାରର ଆର୍ଥିକ ସ୍ଥିତି ଭଲ ନଥିବାରୁ ପ୍ରକାଶଙ୍କ ବାପା ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ପ୍ରକାଶ ଗ୍ରାମର ରବୀନ୍ଦ୍ର ସାହୁଙ୍କ ଟ୍ରାକ୍ଟରରେ କିଛି ଦିନ ହେଲା ଶିଶୁ ଶ୍ରମିକ ଭାବେ କାମ କରୁଥିଲେ। ରବିବାର ସକାଳେ ଅନ୍ୟ ଶ୍ରମିକଙ୍କ ସହ ପ୍ରକାଶ ବାଲି ଉତ୍ତୋଳନ ପାଇଁ ଗାଁ ନିକଟ ନଦୀ ପଠାକୁ ଯାଇଥିଲେ। ସେଠାରେ ବାଲି ଲୋଡ୍ ପରେ ଟ୍ରାକ୍ଟରଟି ବାଲି ଖାଦାନ ରାମ୍ପ୍ ଦେଇ ନଦୀ ହିଡ଼କୁ ଉଠୁଥିବା ବେଳେ ଚାଳକଙ୍କ ଅସାବଧାନତା କାରଣରୁ ଓଲଟି ପଡ଼ିଥିଲା। ଟ୍ରାକ୍ଟରରେ ବସିଥିବା ପ୍ରକାଶ ବାଲି ବୋଝେଇ ଡାଲା ତଳେ ଚାପି ହୋଇ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ରହ୍ମପୁର ବଡ଼ ମେଡ଼ିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ ଓ ପୁଲିସ ଟିମ୍ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଗିରଫ ଭୟରେ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଛି। ଦିଗପହଣ୍ଡି ତହସିଲଦାର ଶ୍ରୀ ସାହୁ ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି।

## ନଦୀରୁ ନରକଙ୍କାଳ ଉଦ୍ଧାର

ବଲାଙ୍ଗିର,୨୩।୧୧ (ସମିସ): ବଲାଙ୍ଗିର ସଦର ଥାନା ଅଧୀନ କୁମିଆପାଲି ଗାଁ ଦେଇ ପ୍ରବାହିତ ସୁକତେଲ ନଦୀରୁ ପୁଲିସ ଏକ ନରକଙ୍କାଳ ଉଦ୍ଧାର କରିଛି।



ଗ୍ରାମବାସୀଙ୍କ ପାଖରୁ ଖବର ପାଇ ସଦର ପୁଲିସ ନରକଙ୍କାଳ ଉଦ୍ଧାର କରିଥିଲା। ତେବେ ଏହି ଉଦ୍ଧାର କଙ୍କାଳ କାହାର ତାହା ଅସ୍ପଷ୍ଟ ରହିଛି। ଏ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଗତ ୨ ମାସ ତଳେ ବଲାଙ୍ଗିର ଜିଲ୍ଲା ଲରମ୍ବା ଥାନା ଫଟାମୁଣ୍ଡା ଗାଁର ପ୍ରଶାନ୍ତ ଡୁଡୁକା(୨୭) ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ଅଛନ୍ତି। ଏଣୁ ଏହା ତାଙ୍କ କଙ୍କାଳ ହୋଇଥିବା ପରିବାର ଲୋକେ ସନ୍ଦେହ କରୁଛି; କିନ୍ତୁ ଏନେଇ କିଛି ସ୍ପଷ୍ଟ ହୋଇନାହିଁ। ପରିଚୟ ସ୍ପଷ୍ଟ କରିବାକୁ ଉଦ୍ଧାର କଙ୍କାଳର ଡିଏନଏ ପରୀକ୍ଷା ପାଇଁ ନମୁନା ପଠାଯିବ ବୋଲି ବଲାଙ୍ଗିର ସଦର ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି।

## କାଠ ଫାଳିଆରେ ପିଟି ବୃଦ୍ଧଙ୍କୁ ହତ୍ୟା

ବାଳିଗୁଡ଼ା, ୨୩।୧୧ (ସମିସ): ଭଣଜା ମୃତ୍ୟୁ ଖବର ପାଇ ଭଉଣୀ ଘରକୁ ଆସିଥିବା ବେଳେ ରାତି ଅଧରେ କାଠ ଫାଳିଆରେ ପିଟି ପିଟି ଜଣେ ବୃଦ୍ଧଙ୍କୁ ହତ୍ୟା କରାଯାଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା କ. ନୂଆଗାଁ ଥାନା ଯୁଗାପଦର ଗ୍ରାମରେ। ମୃତକ ହେଲେ କ. ନୂଆଗାଁ ଥାନା କଞ୍ଚାମେଣ୍ଡି ଅଞ୍ଚଳର ଅଲେଖ ନାୟକ। ସୂଚନାନୁସାରେ, ଅଲେଖ ନିଜର ସମ୍ପର୍କୀୟ ଭଣଜାର ଅକାଳ ମୃତ୍ୟୁ ଖବର ଶୁଣି ଶନିବାର ସନ୍ଧ୍ୟାରେ ଆସି ଯୁଗାପଦର ଗାଁରେ ପହଞ୍ଚିଥିଲେ। କିନ୍ତୁ ସେଠାରେ ମିଥୁନ ମଲିକ ନାମକ ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ଏକ କାଠ ଫାଳିଆରେ ଅଲେଖଙ୍କୁ ପିଟିପିଟି ହତ୍ୟା କରିଥିଲା। ହତ୍ୟା ପରେ ଅଭିଯୁକ୍ତ ମିଥୁନ କ. ନୂଆଗାଁ ଥାନାକୁ ଯାଇ ଆତ୍ମସମର୍ପଣ କରିଛି। ଘଟଣାସ୍ଥଳରେ ବାଳିଗୁଡ଼ା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଓ କ. ନୂଆଗାଁ ପୁଲିସ ଅଧିକାରୀ ପହଞ୍ଚି ତଦନ୍ତ ଚଳାଇଛନ୍ତି। ହତ୍ୟାର କାରଣ ଜଣାପଡ଼ିନାହିଁ।

## ଦୁଇ ପୁଲିସ ଏସ୍‌ଆଇ ଚାକିରି ଆଶାୟୀଙ୍କୁ ସିବିଆଇର ଜେରା

ଭୁବନେଶ୍ୱର,୨୨।୧୧(ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ଭୁବନେଶ୍ୱର ସିବିଆଇ ରବିବାର ୨ପରୀକ୍ଷାର୍ଥୀଙ୍କୁ ଜେରା କରିଛି। ନୋଟିସ ଅନୁଯାୟୀ ଆଶାୟୀମାନେ ଭୁବନେଶ୍ୱର ସିବିଆଇ କାର୍ଯ୍ୟାଳୟରେ ହାଜର ହୋଇଥିଲେ। ସିବିଆଇ ଅଧିକାରୀମାନେ ସେମାନଙ୍କୁ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ପଚରାଉଚରା କରିଥିଲେ। ଏହି ପଚରାଉଚରା ସମ୍ପର୍କରେ ଚାକିରିରେ ଅନିୟମିତତା ସଂକ୍ରାନ୍ତରେ ଅନେକ ତଥ୍ୟ ମିଳିଥିବା କୁହାଯାଉଛି।

**୩ ଦିନରେ ଜେରା ହେଲେଣି ମୋଟ ୧୦ ଜଣ**

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଲଗାତାର ୩ଦିନ ମଧ୍ୟରେ ମୋଟ୍ ୧୦ଜଣଙ୍କୁ ଜେରା କରିଛି ସିବିଆଇ। ସେମାନଙ୍କୁ ୬ଘଣ୍ଟା ଧରି ପଚରାଉଚରା କରାଯିବା ବେଳେ ଏହି ରାକେଟର କିଏ ମାଷ୍ଟରମାଇଣ୍ଡ ସେ ସମ୍ପର୍କରେ ପଚରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ସହ ସେମାନଙ୍କର କିଭଳି ଲିଙ୍କ୍ ରହିଛି। ଦଲାଲ୍ ସେମାନଙ୍କୁ କେଉଁ ମାଧ୍ୟମରେ ଯୋଗାଯୋଗ କରିଥିଲା। ଆଶାୟୀମାନେ କାହାକୁ ଟଙ୍କା ଦେଇଛନ୍ତି। କେତେଟଙ୍କା ଦେଇଛନ୍ତି। ଏଥିରେ କେଉଁ ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି। ଆଶାୟୀମାନଙ୍କୁ ଆନ୍ଧ୍ର କଣ ପାଇଁ ନିଆଯାଇଥିଲା। ଏଠାରେ ଦଲାଲଙ୍କ ଭୂମିକା କଣ ରହିଥିଲା। ଏଭଳି ଅନେକ ପ୍ରଶ୍ନ ପଚାରିବା ପରେ ଶେଷରେ ସେମାନଙ୍କୁ ଛାଡି ଦିଆଯାଇଥିଲା।

# କଟକର ୨୪ ଶ୍ମଶାନ ଅବହେଳିତ

କଟକ,୨୩।୧୧(ସମିସ): କଟକ ସହରରେ ଥିବା ଶ୍ମଶାନଗୁଡିକ ଏବେ ଅବହେଳିତ ଅବସ୍ଥାରେ ପଡିରହିଛି। ସାଧାରଣ ଭାବେ ଏଗୁଡିକୁ ଯେତିକି ସର୍ବନିମ୍ନ ସୁବିଧା ଉପଲବ୍ଧ କରାଯିବା କଥା ତାହା ହୋଇପାରିନାହିଁ। ହାଇକୋର୍ଟ ମଧ୍ୟ ଏହି ପ୍ରସଂଗକୁ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରୁଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ କଟକ ସହରରେ ଥିବା ଶ୍ମଶାନ ଏବଂ କବରସ୍ଥାନର ସଂଖ୍ୟା ଏବଂ ପାଣି, ଶୌଚାଳୟ, ଆଲୋକ ଏବଂ ବିଶ୍ରାମାଗାର ଭଳି ସ୍ଥାନରେ ମୌଳିକ ସୁବିଧାର ସ୍ଥିତି ସମ୍ପର୍କରେ ଏକ ରିପୋର୍ଟ ଦାଖଲ କରାଯାଇଛି। ଅଦାଲତଙ୍କୁ କଟକ ସଦର ତହସିଲଦାର ଦେଇଥିବା ଏହି ରିପୋର୍ଟ ଅନୁସାରେ ସହରରେ ମୋଟ ୨୪ଟି ଶ୍ମଶାନ/କବରସ୍ଥାନ ରହିଛି। ଏଗୁଡିକ ମଧ୍ୟରେ ସିଏମସି ପରିଚାଳନା ଅଧିନସ୍ଥ ୫ଟି ଶ୍ମଶାନ ରହିଛି। ଖାନନଗର ଶବଦାହ ଚୁଲା, ଖାନନଗର ଶ୍ମଶାନ, ବିଡାନାସୀ ଶ୍ମଶାନ, ସତୀଚୌରା ଶ୍ମଶାନ, କାଳିଆବୁଦା ଶ୍ମଶାନ ଆଦି ଅନ୍ତର୍ଭୁକ୍ତ।

ମିଳିଥିବା ସୂଚନାନୁସାରେ, ସିଏମସି ଶ୍ମଶାନଗୁଡିକରେ ବି ଆନୁଷଙ୍ଗିକ ସର୍ବନିମ୍ନ ସୁବିଧା ନାହିଁ। ସହରରେ ସ୍ୱର୍ଗଧାମ, ଶଙ୍କରପୁର, କଦମରସୁଲ, କେଶରପୁର, ଗୋପାଳପୁର, ଇଦଗା, ଗୋରାକବର, ନୂଆହାଟ, ପୋତାପୋଖରୀ, ବନ୍ଧଛଡା, ଭାଣପୁର, ତେଲେଙ୍ଗାପେଣ୍ଠ, ସାର୍ତ୍ତୋଳ, ବିଦ୍ୟାଧରପୁର, କହ୍ନେଇପୁର, ନାକେଇପଡିଆ ଓ ଚାଉଳିଆଗଞ୍ଜ



ଆଦି ଶ୍ମଶାନ ଓ ଆଉ କେତେକ କବରସ୍ଥାନ ରହିଛି। ଏଗୁଡିକ ମଧ୍ୟରେ ୧୩ଟିରେ ଆଦୌ ପିଇବାପାଣି ସୁବିଧା ନଥିବା ବେଳେ ୧୭ଟିରେ ଶୌଚାଳୟ ନାହିଁ। ସେହିଭଳି ୧୦ଟି ସ୍ଥାନରେ ଶବସଂସ୍କାର ପାଇଁ ଆସୁଥିବା ଲୋକଙ୍କ ପାଇଁ ବିଶ୍ରାମାଗାର ନଥିବା ବେଳେ ୧୧ଟି ଶ୍ମଶାନରେ ଆଲୋକ ସୁବିଧା ନଥିବାରୁ ଅନ୍ଧାରରେ ରହିଛି। ଅଧିକାଂଶ ସ୍ଥାନରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ପ୍ରଦାନ କରାଯାଇଥିବା ରିପୋର୍ଟକୁ ଦୃଷ୍ଟିରେ ରଖି, ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ଏବଂ ସିଏମସି କର୍ତ୍ତୃପକ୍ଷ ସମ୍ପୃକ୍ତ ଶ୍ମଶାନ/କବରସ୍ଥାନରେ ସମସ୍ତ ମୌଳିକ ସୁବିଧା ଉପଲବ୍ଧ କରାଇବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ସହ ମିଳି ବୈଠକ କରିବେ ବୋଲି ଜଣାପଡିଛି। କଟକ ସହରରେ ପରିବେଶ ଅନୁକୂଳ ଶ୍ମଶାନ ପ୍ରତିଷ୍ଠା ଉପରେ ଯେହେତୁ ଅଦାଲତ ଗୁରୁତ୍ୱାରୋପ କରିଥିଲେ ଏହି ଦିଗରେ ମଧ୍ୟ ଆଲୋଚନା ହେବ ବୋଲି ଜଣାପଡିଛି।

### ■ ପଛୁଆ ବର୍ଗ କମିଶନଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

## ଏସ୍‌ଇବିସି ବର୍ଗଙ୍କୁ ଓବିସି ସୂଚୀଭୁକ୍ତ କରାଯାଉ

ଭୁବନେଶ୍ୱର,୨୩।୧୧(ସମିସ): ରାଜ୍ୟର ଏକାଧିକ ଜାତିଙ୍କୁ କେନ୍ଦ୍ରୀୟ ଓବିସି (ଅନ୍ୟାନ୍ୟ ପଛୁଆ ବର୍ଗ) ତାଲିକାରେ ସାମିଲ କରିବା ପାଇଁ ରାଷ୍ଟ୍ରୀୟ ପଛୁଆ ବର୍ଗ ଆୟୋଗର ଅଧ୍ୟକ୍ଷ ହଂସରାଜ ଅହିରଙ୍କୁ ଚିଠି ଲେଖିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ନିଜ ଚିଠିରେ ଓଡ଼ିଶା ସରକାରଙ୍କ ଏସଇବିସି ତାଲିକାଭୁକ୍ତ ଖଣ୍ଡାୟତ, ପାଇକ, ଚଷା ପାଇକ, ଆଳିଆ, ପାଇକାଳି, କଳିଙ୍ଗୀ ଶୂଦ୍ର ଖଣ୍ଡାୟତ, ମହାନାୟକ ଶୂଦ୍ର, ଓଡ଼-ଖଣ୍ଡାୟତ, ବୟାଳିଶା, ଓଡ଼, ଓଡ଼ ପାଇକ, ଓଡ଼ ପାଇକୋ, ହଳଦିଆ ତେଲି ଏବଂ ରାଜଶ୍ରୀବଳାସୀ/ବଳାସୀ ବର୍ଗଗୁଡ଼ିକୁ ଓବିସି ତାଲିକାରେ ସ୍ଥାନ ଦେବା ପାଇଁ ଅନୁରୋଧ କରିଛନ୍ତି।

**ତାଲିକାଭୁକ୍ତ ହୋଇ ନ ଥିବାରୁ ମିଳୁନି ଯୋଜନାର ସୁବିଧା**

ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟ ଏସ୍‌ଇବିସି ତାଲିକାରେ ଥିବା ଅନେକ ଜାତି କେନ୍ଦ୍ରୀୟ ଓବିସି ତାଲିକାରେ ନ ଥିବାରୁ ଏହି ସମାଜର ଲୋକମାନେ କେନ୍ଦ୍ର ସରକାରଙ୍କ ଚାକିରି, ଶିକ୍ଷା ଓ ବୈଷୟିକ ଶିକ୍ଷାନୁଷ୍ଠାନରେ ନାମଲେଖା ତଥା ସରକାରଙ୍କ ଅନେକ କଲ୍ୟାଣକାରୀ ଯୋଜନାରେ ସଂରକ୍ଷଣର ଲାଭ ପାଇବାରୁ ବଞ୍ଚିତ ହେଉଛନ୍ତି । କେନ୍ଦ୍ରୀୟ ଓବିସି ତାଲିକାରେ ଏହି ବର୍ଗର ଜାତିଙ୍କୁ ସାମିଲ କରାଗଲେ ସେମାନଙ୍କର ସାମାଜିକ-ଅର୍ଥନୈତିକ ବିକାଶ ଘଟିବ । ଓଡ଼ିଶାର ଏହି ବୃହତ୍ ସମାଜକୁ ସେମାନଙ୍କର ଅଧିକାର ଦେବା ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ମାସରେ ଜାତୀୟ ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଅହିର ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ଅବସରରେ କମିଶନ ରାଜ୍ୟର ବିଭିନ୍ନ ଜାତିବର୍ଗଙ୍କଠାରୁ ସେମାନଙ୍କ ଦାବି ସଂପର୍କରେ ଶୁଣିବା ସହ ଏ ସମ୍ପର୍କିତ ତଥ୍ୟ ସମ୍ବନ୍ଧିତ କାଗଜପତ୍ର ଗ୍ରହଣ କରିଥିଲେ। ଭୁବନେଶ୍ୱର ସ୍ଥିତ ରାଜ୍ୟ ଅତିଥି ଭବନଠାରେ ଏହି ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ପ୍ରାୟ ୫୦ରୁ ଉଦ୍ଧ୍ୱର୍ ଜାତିବର୍ଗ, ସଂଗଠନର ୫୦୦ରୁ ଉଦ୍ଧ୍ୱର୍ ପ୍ରତିନିଧି କମିଶନ ଅଧ୍ୟକ୍ଷ ଏବଂ ସଦସ୍ୟଙ୍କୁ ସାକ୍ଷାତ କରି ସେମାନଙ୍କର ଦାବିପତ୍ର ପ୍ରଦାନ କରିଥିଲେ।

### ■ ଆଜି ମନ୍ତ୍ରୀ ପରିଷଦ ବୈଠକ

## ୧୩ ହଜାର କୋଟି ମଧ୍ୟରେ ରହିବ ଅତିରିକ୍ତ ବଜେଟ୍

ଭୁବନେଶ୍ୱର,୨୩।୧୧(ସମିସ): ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନରେ ଅପରାହ୍ଣରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ଆଗତ ହେବାକୁ ଥିବା ଅତିରିକ୍ତ ବଜେଟକୁ ଅନୁମୋଦନ ପ୍ରଦାନ କରାଯିବ। ମିଳିଥିବା ସୂଚନା ଅନୁଯାୟୀ ବୈଠକରେ ଚଳିତ ଆର୍ଥିକ ବର୍ଷ ପାଇଁ ଆଗତ ଅତିରିକ୍ତ ବଜେଟ୍ ୧୩ ହଜାର କୋଟି ଟଙ୍କା ମଧ୍ୟରେ ରହିବ। ଚଳିତ ଆର୍ଥିକ ବର୍ଷରେ ଅଧିକାଂଶ ବିଭାଗଗୁଡ଼ିକ ସେମାନଙ୍କର ମୂଳ ବଜେଟ ବରାଦ ଖର୍ଚ୍ଚ କରିବାରେ ବ୍ୟର୍ଥ ହୋଇଛନ୍ତି। ଏବେବି ବହୁ ବିଭାଗର ବଜେଟ ଆବଣ୍ଟିତ ଅର୍ଥ ଖର୍ଚ୍ଚ ଅତ୍ୟନ୍ତ ନିରୁତ୍ସାହଜନକ ରହିଛି। ସେଥିଲାଗି ଅତିରିକ୍ତ ବଜେଟରେ ସମ୍ପୃକ୍ତ ବିଭାଗଗୁଡ଼ିକ ପାଇଁ କମ୍ ଅର୍ଥ ବରାଦ ହୋଇଛି । କେବଳ ଅଣ ଯୋଜନା ବ୍ୟୟ ବାବଦରେ ସମ୍ପୃକ୍ତ ବିଭାଗ ପାଇଁ ଆବଶ୍ୟକ ଅର୍ଥ ବରାଦ କରାଯିବ ବୋଲି ଅର୍ଥନୀତି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ମୋଟ ୧୨୧୫୬ କୋଟି ଟଙ୍କାର ଅତିରିକ୍ତ ବଜେଟ ବିଧାନସଭାରେ ଆଗତ କରିଥିଲେ। ଏଥିରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୧୦୧୫୫ କୋଟି ଟଙ୍କା ଆବଣ୍ଟିତ ହୋଇଥିବା ବେଳେ ପ୍ରଶାସନିକ ବ୍ୟୟ ପାଇଁ ୧୬୮୫ କୋଟି ଟଙ୍କା ଆବଣ୍ଟିତ ହୋଇଥିଲା। ଚଳିତ ବର୍ଷ ଅତିରିକ୍ତ ବଜେଟ୍‌ର ଆକାର ପୂର୍ବବର୍ଷଠାରୁ ସାମାନ୍ୟ ଅଧିକ ରହିପାରେ ବୋଲି କୁହାଯାଉଛି। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ମୋଟ ୨.୯୦ ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଆଗତ ହୋଇଥିଲା । ଏଥିରୁ ଅଣଯୋଜନା ଅର୍ଥାତ୍ ପ୍ରଶାସନିକ ବ୍ୟୟ ବ୍ୟତୀତ ଅନ୍ୟ ଯୋଜନା ଓ କାର୍ଯ୍ୟକ୍ରମ ବ୍ୟୟ ବରାଦଗୁଡ଼ିକ ନିରୁତ୍ସାହଜନକ ରହିଛି।

# ଫ୍ୟାନ୍ସି ନମ୍ବର ପାଇଁ ଚିନ୍ତାରେ ପରିବହନ ବିଭାଗ

ଭୁବନେଶ୍ୱର,୨୩।୧୧ (ସମିସ): ଗାଡ଼ି କିଣିବା ଠାରୁ ପସନ୍ଦ ମୁତାବକ ଚଏସ୍ ନମ୍ବର ପାଇବାକୁ ଲୋକମାନେ ଅଗ୍ରାଧିକାର ଦେଉଛନ୍ତି। ନିର୍ଦ୍ଦିଷ୍ଟ ଟଙ୍କା ଦେଇ ପସନ୍ଦ ନମ୍ବର ଗୁଡ଼ିକ ଇ-ନିଲାମ ମାଧ୍ୟମରେ ନେବାକୁ ସରକାର

- ■ ବୈଷୟିକ ତ୍ରୁଟି; ଆସୁନି ଟଙ୍କା, ବୁକ୍ ହେଉଛି ନମ୍ବର
- ■ ବାରମ୍ବାର ନୋଟିସ୍ ପରେ ମଧ୍ୟ ଶୁଣୁନାହାନ୍ତି ଗାଡ଼ି ମାଲିକ
- ■ ଠିକଣା ନ ପାଇ ଫେରି ଆସୁଛି ଚିଠି; ଥାନାରେ ମାମଲା

ମଧ୍ୟ ବ୍ୟବସ୍ଥା କରିଛନ୍ତି। ହେଲେ ଏହି ପସନ୍ଦ ବା ଫ୍ୟାନ୍ସି ନମ୍ବର ଏବେ ପରିବହନ ବିଭାଗର ଚିନ୍ତା ବଢ଼ାଇଛି। କାରଣ, ବୈଷୟିକ ତ୍ରୁଟି ଯୋଗୁଁ ନମ୍ବର ଆଲଟ୍ ସମୟରେ କଟୁଥିବା ଟଙ୍କା ସରକାରୀ ଖାତାକୁ ଆସିବା ବଦଳରେ ଗାଡ଼ି ମାଲିକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଫେରି ଯାଉଛି। ରାଜଧାନୀର ୨ଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ରେ ପ୍ରାୟ ୩୦ରୁ ଅଧିକ ଏଭଳି ଘଟଣା ଘଟିଛି।

ଅଭିଯୋଗ ଅନୁଯାୟୀ, ବାଲେଶ୍ୱରର ଶ୍ରୀଦେବ ବଳବନ୍ତରାୟ ଗାଡ଼ି କିଣିବା ବେଳେ ଫ୍ୟାନ୍ସି ନମ୍ବର ଆବେଦନ କରିଥିଲେ। ବାହାନ ପୋର୍ଟାଲରେ ଆବେଦନ କରି ୧୦ ହଜାର ଟଙ୍କା ଦେବା ସହ ପସନ୍ଦ ମୁତାବକ ନମ୍ବର ପାଇଥିଲେ। ହେଲେ ଶ୍ରୀଦେବଙ୍କ ଆକାଉଣ୍ଟରୁ କଟିଥିବା ଟଙ୍କା ସରକାରୀ ବା ପରିବହନ କମିସନରଙ୍କ ଆକାଉଣ୍ଟକୁ ନ ଯାଇ ପୁଣି ଫେରି ଆସିଥିଲା। ସେହିପରି ନନ୍ଦନକାନନ ଥାନା ରଘୁନାଥପୁର ଅଞ୍ଚଳର ସୁନ୍ଦର ସିଂଙ୍କ କ୍ଷେତ୍ରରେ ମଧ୍ୟ ସମାନ ଘଟଣା ଘଟିଥିଲା। ସୁନ୍ଦର ୫ ହଜାର ଟଙ୍କା ଦେଇ ତାଙ୍କ ପସନ୍ଦର ନମ୍ବର ପାଇଥିଲେ। ୫ ହଜାର ଟଙ୍କାଟି ସରକାରୀ ଆକାଉଣ୍ଟକୁ ନଯାଇ ପୁଣି ତାଙ୍କ ଆକାଉଣ୍ଟକୁ ଫେରି ଆସିଥିଲା। ଇଏ କେବଳ ଦୁଇଟି ଘଟଣା ନୁହେଁ, ରାଜଧାନୀର ଦୁଇକି ଆରଟିଓ ଅଧୀନରେ ଏଭଳି ୩୦ରୁ ଅଧିକ ଘଟଣା ଘଟିଛି।




ଏଭଳି ପ୍ରକ୍ରିୟାରେ ଟଙ୍କା ଫସିବା ପରେ ଆର୍‌ଟିଓ ପକ୍ଷରୁ ଗାଡ଼ି ମାଲିକମାନଙ୍କୁ ନୋଟିସ କରାଯାଉଛି। କିଛି ଗାଡ଼ି ମାଲିକ ଫେରି ଯାଇଥିବା ଟଙ୍କାକୁ ନିଜ ଆଡୁ ଦାଖଲ କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଭୁଲ୍ ଠିକଣା ବା ଠିକଣା ନ ପାଇ ଏକାଧିକ ନୋଟିସ ଫେରି ଆସୁଛି। ସୁନ୍ଦର ସିଂ ଗାଡ଼ି କିଣିବା ସମୟରେ ନନ୍ଦନକାନନ ଥାନା ଅଞ୍ଚଳର ଏକ ଠିକଣା ଦେଇଥିଲେ। ଫ୍ୟାନ୍ସି ନମ୍ବର ଟଙ୍କା ନ ପାଇବାର ଆରଟିଓ ୨ ପକ୍ଷରୁ ସେହି ଠିକଣାରେ ନୋଟିସ କରାଯାଇଥିଲା। ହେଲେ ଠିକଣା ନ ପାଇବାରୁ ଡାକ ବିଭାଗ ପକ୍ଷରୁ ନୋଟିସକୁ ଫେରାଇ ଦିଆଯାଇଥିଲା। ରାଜଧାନୀରେ ଏଭଳି ୩୦ରୁ ଅଧିକ ଘଟଣା ଘଟିଥିବା ବେଳେ ସାରା ରାଜ୍ୟରେ ଏହାର ସଂଖ୍ୟା କେତେ ହେବ, ତାହା ଅନୁମେୟ। ଆରଟିଓ ୧ର ପ୍ରାୟ ୨୦ ଆରଟିଓ ୨ର ୧୧ଟି ଗାଡ଼ି ମାଲିକଙ୍କ ଟଙ୍କା ସରକାରୀ ଖାତାକୁ ଆସିନାହିଁ। କିଛି ଲୋକ ପୁନଃ ଟଙ୍କା ଦାଖଲ କରିଥିଲେ ମଧ୍ୟ ଅନେକ ଲୋକ କରିନାହାନ୍ତି। ବୈଷୟିକ ତ୍ରୁଟି ଯୋଗୁଁ ସୁବିଧା ଦେଇ ମଧ୍ୟ ସରକାର ରାଜସ୍ୱ ହରାଉଛନ୍ତି। ଏନେଇ ଆରଟିଓ ପକ୍ଷରୁ ସହିଦନଗର ଓ ଇନଫୋସିଟି ଥାନାରେ ଅଭିଯୋଗ ହୋଇଛି।

ସକାଳ THE SAKALA



www.sakalaepaper.com

## ଦେହୁର୍ଦ୍ଦା ବିଜେଡିର ସାଂଗଠନିକ ବୈଠକ

# ବିଜେଡିକୁ ତୃଣମୂଳସ୍ତରରୁ ମଜଭୁତ କରିବାକୁ ଆହ୍ୱାନ

ଭୋଗରାଇ,୨୩।୧୧(ସମିସ)



ଭୋଗରାଇ ବ୍ଲକ୍ ଦେହୁର୍ଦ୍ଦା ପଞ୍ଚାୟତର ବିଜୁ ଜନତା ଦଳର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନା ଏହିକି ଯେ ଆଜି ତାଳସରୀ ଠାରେ ବିଜୁ ଜନତା ଦଳର ଦେହୁର୍ଦ୍ଦା ପଞ୍ଚାୟତର ସଭାପତି ମାନସ ଗାଙ୍ଗୁଲିଙ୍କ ଆହ୍ୱାନରେ ଦେହୁର୍ଦ୍ଦା ପଞ୍ଚାୟତର ୧୭ ଟି ୱାର୍ଡର ପାଖାପାଖି ୫ ଶହରୁ ଊର୍ଦ୍ଧ୍ୱ ନେତା ଓ କର୍ମୀମାନେ ଯୋଗ ଦେଇଥିଲେ। ଏଥିରେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ଦେହୁର୍ଦ୍ଦା ସରପଞ୍ଚ ସରସ୍ୱତୀ କରଣ, ସମିତି ସଭ୍ୟ ସନ୍ଧ୍ୟା ରାଣୀ ଜେନା, ଅବିଭକ୍ତ ଦେହୁର୍ଦ୍ଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀପତି ସେଠୀ ଯୋଗଦେଇ ବିଜେଡିକୁ ତୃଣମୂଳସ୍ତରରୁ ମଜଭୁତ କରିବା ସହିତ ଲୋକମାନଙ୍କ ସୁଖ ଦୁଃଖରେ ସାହାଯ୍ୟ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖିଆଗରେ ରଖି ପଞ୍ଚାୟତର କେମିତି ବିଜେଡି ବାଜିମାତ୍ କରିବ ତାହା ପାଇଁ ଗୁରୁମନ୍ତ୍ର ଦେଇଥିଲେ। ଏଥିରେ ପଞ୍ଚାୟତର ନାଏବ ସରପଞ୍ଚ ରାଜେନ୍ଦ୍ର ନାୟକ ୱାର୍ଡ ସଭ୍ୟ ରାଜେନ୍ଦ୍ର କର, ଶିବଶଙ୍କର ଜେନା, ଦିଲୀପ ଗିର, ଆଶିଷ ଦାସ, ଶିବଶଙ୍କର ଜେନା, ଧରିତ୍ରୀ ପାତ୍ର, ସୁମତି ସାହୁ, ଅନିମାରାଣୀ ଦାସ ମାଳତୀ ସୋରେନ, ସୁବଲ ଜେନା, ଦିଲୀପ ଦେ, ରମେଶ ମଣ୍ଡଳ, ଉମେଶ ମଣ୍ଡଳ, କିଶରୀ ଗିରି, ରାମକୃଷ୍ଣ ଜେନା, ଭଜହରି ଦାସ, ବେନୁ ଚରଣ ସାହୁ, ଭାସ୍କର ନାଥ, ତପନ ଆଚାର୍ଯ୍ୟ, ସୁକାନ୍ତ ଦାସ, ଜ୍ୟୋତି ପ୍ରକାଶ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

## ଉନ୍ନତମାନର ଡାଇଗୋନିଷ୍ଟିକ୍ ସେଣ୍ଟର ଓ ଲାଇଫ୍‌ଲାଇନ୍ ଉଦ୍‌ଘାଟିତ



**ଜଳେଶ୍ୱର,୨୩।୧୧(ସମିସ):** ଉତ୍ତର ବାଲେଶ୍ୱର ଅଞ୍ଚଳର ରୋଗୀମାନଙ୍କୁ ଅତ୍ୟାଧୁନିକ ସେବା ଲାଗି ଏଣିକି ବାଲେଶ୍ୱର କିମ୍ବା ଖଡ଼ଗପୁର ଯିବାକୁ ପଡ଼ିବ ନାହିଁ। ୨୭ ପ୍ରକାର ଅଲଟ୍ରାସାଉଣ୍ଡ ସେବା ଓ ଇକୋ ସେବା ଯୋଗାଇବା ସହିତ ମାସରେ ଗୋଟିଏ ଦିନ ମାତୃତ୍ୱ ସୁରକ୍ଷା ଲାଗି ମାଗଣାରେ ଚିକିତ୍ସା ଯୋଗାଇ ଦେବା ଲକ୍ଷ୍ୟରେ ଜିକେ ଭଟ୍ଟର ହସ୍‌ପିଟାଲ ସନ୍ନକଟ ଲାଇଫଲାଇନ୍ ଡାଇଗୋନିଷ୍ଟକ୍ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ କାର୍ଯ୍ୟନିର୍ବାହୀ କୌଶିକ ଚାନ୍ଦ ଆଦର୍ଶ ସେବା ପ୍ରଦାନ ଓ ରୋଗ ନିରୁପଣ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ରବିବାର ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରତିମାସ ୯ ତାରିଖରେ ମାଗଣାରେ ଅଲଟ୍ରାସାଉଣ୍ଡ ସେବା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅର୍ଜନା ଚାନ୍ଦ, ଇଂ କାର୍ତ୍ତିକଚନ୍ଦ୍ର ଚନ୍ଦ, ପୌରପାଳ ପ୍ରତୀପ କୁମାର ପ୍ରଧାନ, ବ୍ଲକ ଉପାଧକ୍ଷା ସଞ୍ଜିତା ସେନାପତି, ମଧୁସୂଦନ ସେନାପତି, ବିଜେପି ନେତା ଫାଲଗୁନୀ ପାଣିଗ୍ରାହୀ, ସମୀର ପାତ୍ର ପ୍ରମୁଖ ଯୋଗଦେଇ ଡାଇଗୋନିଷ୍ଟିକ୍ ସେଣ୍ଟର ଦ୍ୱାରା ଜଳେଶ୍ୱରବାସୀ ହାତ ପାହାନ୍ତାରେ ଉନ୍ନତମାନର ରୋଗ ନିରୂପଣ ସେବା ପାଇ ପାରିବେ ବୋଲି କହିଥିଲେ। ଏହି ଉଦ୍‌ଘାଟନ ଉତ୍ସବକୁ ରାଜ କିଶୋର ଜେନା ପରିଚାଳନା କରିଥିବାବେଳେ, ସମସ୍ତ କର୍ମଚାରୀଙ୍କ ସମେତ ବହୁ ଅତିଥି ଉପସ୍ଥିତ ଥିଲେ।

## ସଜଫୁଲ ପକ୍ଷରୁ 'ଅସରନ୍ତି ଜହ୍ନ ରାତି' ଉନ୍ମୋଚିତ



**କାଳିପଦା,୨୩।୧୧(ସମିସ):** ବାଲିଆପାଳର ରମ୍ୟ ହାସ୍ୟ ଓ ବ୍ୟଙ୍ଗ ସାହିତ୍ୟ ହାଟ ପକ୍ଷରୁ ଟେଷ୍ଟ ଅଫ ଓଡ଼ିଶା ହୋଟେଲ ସମ୍ମିଳନୀ କକ୍ଷରେ କବି ବିଜୟ କୁମାର ପାତ୍ରଙ୍କ କବିତା ପୁସ୍ତକ "ଅସରନ୍ତି ଜହ୍ନରାତି‌ଟ ଉନ୍ମୋଚିତ ହୋଇଯାଇଛି। କବି ଶ୍ରୀହରି ମଣ୍ଡଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ଡିଆଇ ସୁବାସ ଚନ୍ଦ୍ର ଚୌଧୁରୀ, ସାମ୍ବାଦିକ ଅଜୟ କୁମାର ସାହୁ, ଦିଲ୍ଲୀପ କୁମାର ଦାସ, ସନ୍ୟାସୀ ବେହେରା, ମନ୍ମଥ କୁମାର ମଣ୍ଡଳ, ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି, ନଳିନୀ କାନ୍ତ ପାଢ଼ୀ, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, କବୟିତ୍ରୀ କବିତା ଗିରି, ରବୀନ୍ଦ୍ର କୁମାର ଦତ୍ତ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ବିଜୟ କୁମାର ପାତ୍ର ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ।

## ସତ୍ୟସାଇ ବାବାଙ୍କ ଶତାବ୍ଦୀ ସମାରୋହ



**ଜଳେଶ୍ୱର,୨୩।୧୧(ସମିସ):** ସତ୍ୟସାଇ ବାବାଙ୍କ ୧୦୦ ତମ ଜନ୍ମ ମହୋତ୍ସବ ବଡ଼ବଜାର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶନିବାର ସନ୍ଧ୍ୟାରେ ସହର ମଧ୍ୟରେ ଆଧ୍ୟାତ୍ମିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ପ୍ରଶାନ୍ତି ପତାକା ଉତ୍ତୋଳନ, ଷୋଡ଼ଶ ଉପଚାର, ଜଳେଶ୍ୱର ଜି. କେ ଭଟ୍ଟର ହସ୍ପିଟାଲ ଏବଂ ଉପ କାରାଗାରରେ ଫଳବଣ୍ଟନ, ସେବାଗ୍ରାମରେ ସେବାକାର୍ଯ୍ୟ, ରକ୍ତଦାନ ଶିବିର ୬୨ ୟୁନିଟ ରକ୍ତ ସଂଗ୍ରହ, ଆଧ୍ୟାତ୍ମିକ ସତସଙ୍ଗ, ବାଳବିକାଶ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ୧୦୦ ଟି ଭଜନ, ସଂଧ୍ୟାରେ ୧୦୦ଟି ଦୀପ ପ୍ରଜ୍ୱଳନ, ଜନ୍ମଦିନ କେକ୍ ଅର୍ପଣ ଏବଂ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ସୂଚନାଯୋଗ୍ୟ ସାଇ ଜିଲ୍ଲା ବାଲେଶ୍ୱର-୨ର ସେବା କମିଟି ପକ୍ଷରୁ ଶ୍ରୀସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମୋତ୍ସବ ଉପଲକ୍ଷେ ଦୀର୍ଘ ୧୦୦ ଦିନ ଧରି ବିଭିନ୍ନ ଗ୍ରାମରେ ପଶୁ ଚିକିତ୍ସା ଶିବିର , ସେବଗ୍ରାମ ସୁରୁଳା ଠାରେ ଚକ୍ଷୁ ଚିକିତ୍ସା ଶିବିର, ନର୍ସିମପୁର ଠାରେ ଗାଈଗୋରୁ ସେବା ଶିବିର, ଉପ କାରାଗାରରେ ରକ୍ଷା ବନ୍ଧନ ଓ ଫଳ ବଣ୍ଟନ, ବିଭିନ୍ନ ସ୍କୁଲ, କଲେଜ, ସେବାଶ୍ରମ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ପରିସରରେରେ ୧୦୦୦ରୁ ଊର୍ଦ୍ଧ୍ୱ ପ୍ରେମତରୁ (ବୃକ୍ଷ ) ରୋପଣ, ବିଭିନ୍ନ ସେବାଗ୍ରାମରେ ଗର୍ଭବତୀ ମହିଳା ଓ ୫ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ୧୦୦ରୁ ଊର୍ଦ୍ଧ୍ୱ ସାଇ ପ୍ରୋଟିନ ବିତରଣ, ବାଳବିକାଶ ଛାତ୍ରଛାତ୍ରୀଙ୍କ ଗୃହରେ ଆରାଧନା ମହୋତ୍ସବ ଓ ସାଇ ଆଶ୍ରିତଙ୍କ ଗୃହରେ ମହିଳା ଭଜନ, ସ୍ୱଚ୍ଛତାରୁ ଦିବ୍ୟତା କାର୍ଯ୍ୟକ୍ରମରେ ବିଭିନ୍ନ ଦେବାଳୟ, ପୂଜାମଣ୍ଡପ, ହସ୍ପିଟାଲ ପରିସରକୁ ପରିଷ୍କାର କରାଯାଇଥିଲା। ସମିତି ପକ୍ଷରୁ ଭିନ୍ନକ୍ଷମ ମହିଳା ଓ ପୁରୁଷଙ୍କୁ ଅମୃତକଳସ (ମାସକର ଖାଦ୍ୟପଦାର୍ଥ) ବିଶ୍ୱ ନାରାୟଣ ମହିଳାଙ୍କୁ ଜୋତା ଛତା, ସାଲ, କମ୍ବଳ ଏବଂ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା। ସମିତି ପକ୍ଷରୁ ପ୍ରତ୍ୟେକ ମାସର ୧୯ ତାରିଖରେ ବିଶ୍ୱ ମହିଳା ଦିବସ ପାଳନ, ପ୍ରତ୍ୟେକ ଦିନ ନଗର ସଂକୀର୍ତ୍ତନ, ଜଳେଶ୍ୱର ସମିତି ଅଧୀନରେ ଥିବା ନହଞ୍ଚରା ଭଜନ ମଣ୍ଡଳୀରେ ୧୦୦ ଜଣଙ୍କ ଗୃହରେ ପାରିବାରିକ ଭଜନ ଓ ଅଖଣ୍ଡ ଜ୍ୟୋତି ଯାତ୍ରା ସୁଚାରୁ ରୂପେ ପାଳନ, କାନପୁର ଭଜନ ମଣ୍ଡଳୀ ଓ କମର୍ଦ୍ଦା ଭଜନ ମଣ୍ଡଳୀରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦନ ହୋଇଥିବା ସମ୍ପର୍କରେ ସମିତି ଆବାହକ ସୂଚନା ଦେଇଛନ୍ତି।

## ଅବସରପ୍ରାପ୍ତ କୃଷି ଅଧିକାରୀଙ୍କ ବିୟୋଗ



**କମର୍ଦ୍ଦା,୨୩।୧୧(ସମିସ):** ଭୋଗରାଇ ବ୍ଲକ୍ ନୟାପାଲି ଗ୍ରାମର ଅବସରପ୍ରାପ୍ତ କୃଷିବିଭାଗ ଅଧିକାରୀ ଖଗେଶ୍ୱର ପାତ୍ରଙ୍କ ଶନିବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା। ଶ୍ରୀ ପାତ୍ର ବାର୍ଦ୍ଧକ୍ୟଜନୀତ ରୋଗରେ ପୀଡ଼ିତ ହୋଇ ନିଜ ବାସଭବନ ବାଇଗଣବାଡ଼ିଆରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସିତ ହେଉଥିଲେ। ସେ ଜଣେ ଧର୍ମପ୍ରାଣ , ନିଷ୍କପଟ , ଦୟାଳୁ , ପରୋପକାରୀ ଏବଂ ସମାଜସେବୀ ଭାବରେ ପରିଚିତ ଥିବା ସହିତ ଚାକିରି ଜୀବନରେ ଜଣେ ସଚ୍ଚୋଟ ଓ କର୍ତ୍ତବ୍ୟପରାୟଣ କର୍ମଚାରୀ ଥିଲେ। ଶ୍ରୀପାତ୍ରଙ୍କ ବିୟୋଗରେ ନୟାପାଲି ଏବଂ ବାଇଗଣବାଡ଼ିଆ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।ତାଙ୍କ ବିୟୋଗହେବା ଖବର ଶୁଣି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି , ଉପାଧ୍ୟକ୍ଷା ମିନାରାଣୀ ସାସମଲ , ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ଖରିଦପିପଳ ଗ୍ରାମପଞ୍ଚାୟତ ସରପଞ୍ଚ ମଞ୍ଜୁରାଣୀ ବେହେରା, ସମିତି ସଦସ୍ୟା ବିନତୀ ସାହୁ, ବାଇଗଣବାଡ଼ିଆ ଗ୍ରାମପଞ୍ଚାୟତର ସରପଞ୍ଚ ବିଷ୍ଣୁପଦ ପାତ୍ର , ସଦସ୍ୟା ବାସନ୍ତି ମାଝୀ , ନୟାପାଲି ଗ୍ରାମ ସଭାପତି ତରୁଣକାନ୍ତି ପାତ୍ର, ରୋଟାରିଆନ ଡ. ଶିବନାରାୟଣ ପାତ୍ର, ଉତ୍ତର ଭୋଗରାଇ କଳାକାର ସଂଘର ସଭାପତି ଶିବଶଙ୍କର ସେଠୀ , ସମାଜସେବୀ ଗିରିଶଚନ୍ଦ୍ର ପାତ୍ର, ହରିଶ୍ଚନ୍ଦ୍ର ଦାସ , ସୂର୍ଯ୍ୟକାନ୍ତ ଜେନା, ଜୟନ୍ତ କୁମାର ଦେ ପ୍ରମୁଖ ଶୋକ ପ୍ରକାଶ କରିବା ସହିତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନୀ ରାଧାରାଣୀ , ପୁତ୍ରବଧୂ ଚିନୁ ଝିଅ ଇଲା, ମିଲି, ଜ୍ୱାଇଁ ଜୟନ୍ତ, ଅମୀୟ, ପୁତୁରା ଓ ନାତି ନାତୁଣୀ ଉପସ୍ଥିତ ଥିଲେ।

## ରାଧାମାଧବ ଜୀଉ ସେବା ସଂଗଠନ ପକ୍ଷରୁ ଗୋ-ଚିକିତ୍ସା ଶିବିର



**କାଳିପଦା,୨୩।୧୧(ସମିସ):** ବାଲିଆପାଳ ବ୍ଲକ୍ ଶ୍ରୀରାମପୁର ପଞ୍ଚାୟତ ଜାହାଜି ପଡିଆରେ ବିଲ କୁମ୍ଭାରୀ ରାଧା ମାଧବ ଜୀଉ ଗୋ ସେବା ସଂଗଠନ ପକ୍ଷରୁ ରବିବାର ଗୋ ପୂଜନ ଓ ଗୋ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ନବୀନ କୁମାର ଦେଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଶୁସମ୍ପଦ ବିଭାଗ ଉପନିର୍ଦ୍ଦେଶକ ଡ. ଅଜୟ କୁମାର ବେହେରା, ଡ. ଗୌତମ ସୂତାର, ଘଣ୍ଟୁଆ ଏଲଆଇ ସୁଶାନ୍ତ କୁମାର ଗିରି, ତାପୁଣ୍ଡିଆ ଏଲଆଇ ଅଜିତ କୁମାର ଦାସ, ଅଜୟ କୁମାର ଗିରି, ଜୟସେନ ପୋଢ଼, ମୈତ୍ରୀ ଅନନ୍ତ କୁମାର ବେହେରା, ମଧୁପୁରାର ଜୀବନ କୃଷ୍ଣ ଦେ ପ୍ରମୁଖ ଗାଈ ଗୋରୁଙ୍କ ଚିକିତ୍ସା, ରୋଗ ଚିହ୍ନଟ, ଔଷଧ ବଣ୍ଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବ ରେ ଶିକ୍ଷାବିତ ନାରାୟଣ ପ୍ରସାଦ ସାହୁ, ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି, ସନ୍ୟାସୀ ବେହେରା, ଅଧ୍ୟାପକ ଶ୍ରବଣ କୁମାର ନାଥ, ସରପଞ୍ଚ ମୃତ୍ୟୁଞ୍ଜୟ ନାୟକ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଗୋ ପୂଜନର ପରମ୍ପରା ଓ ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଏହି ଅବସରରେ ପ୍ରହ୍ଲାଦ ଚରଣ ଜେନା, ଦୁଲି ମାରାଣ୍ଡି, ଶିବ କଲ୍ୟାଣ ଦେ ଏବଂ ସ୍ୱେଚ୍ଛାସେବୀ ସଂଗଠନ ଚନ୍ଦ୍ରଶେଖର ଆଜାଦକୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା। ଏଥିରେ ସାମ୍ବାଦିକ ଗୋପ ନାରାୟଣ ଜେନା ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଗୋ ସେବକ ଅରୁଣ କୁମାର ଦେ, ଜୟ ନାରାୟଣ ଜେନା, ସ୍ୱାଗତ ସାହୁ, ସୁବାସ ଜେନା, ବସନ୍ତ ଦେ, ସୁଜିତ ଗିରି, ଅଜୟ ଦେ, ମାନସ କୁମାର ଦାସ, ସୁବ୍ରତ ଜେନା, ଦିବ୍ୟେନ୍ଦୁ ଦେ, ଶୁଭଶ୍ରୀ ଜେନା ପ୍ରମୁଖ ପରିଚାଳନା କରିଥିଲେ। ସମ୍ପାଦିକା ମଞ୍ଜୁଲତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

● ବରହମ୍ପୁରରେ ଥାନା ଅଞ୍ଚଳରେ ସିରିଜ ଚୋରି

## ଲୁଟିନେଲେ ୪ ଲକ୍ଷ ଟଙ୍କାର ସୁନାଗହଣା ସମେତ ୨୦ ହଜାର ଟଙ୍କା

**ନୀଳଗିରି,୨୩।୧୧(ସମିସ):** ବରହମପୁର ମହୋତ୍ସବ ବୁଲିବାକୁ ଯାଇଥିବା ସମୟରେ ତାଲା ଭାଙ୍ଗି ତିନି ଘରୁ ସିରିଜ୍ ଚୋରି। ଲୁଟିନେଲେ ୪ ଲକ୍ଷ ଟଙ୍କାର ସୁନାଗହଣା ସମେତ ୨୦ ହଜାର ଟଙ୍କା। ବରହମପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଶନିବାର ରାତିରେ ବରହମପୁର ମହୋତ୍ସବ ଚାଲିଥିବା ବେଳା ଏହାର ସୁଯୋଗ ନେଇ ପୁନାସିଆ ଗ୍ରାମର ଅକ୍ଷୟ ମହାପାତ୍ରଙ୍କ ଘରୁ ଚୋରି ହୋଇଥିବାବେଳେ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଓ ବରହମପୁରର ଶଙ୍କର୍ଷଣ ପଶାଙ୍କ ଘରୁ ଗତ ରାତ୍ରିରେ ଚୋରି ପାଇଁ ଉଦ୍ୟାମ କରୁଥିଲା ବେଳେ ସଫଳ ହୋଇପାରି ନଥିଲେ। ବର୍ତ୍ତମାନ ବରହମପୁର ମହୋତ୍ସବ ଚାଲୁଥିବା ବେଳେ ଗତ ରାତିରେ ମହୋତ୍ସବ ଦେଖିବାକୁ ଏହି ତିନି ପରିବାର ଲୋକ ସମ୍ପର୍କୀୟଙ୍କ ସହିତ ଘରେ ଚାବି ଦେଇ ମହୋତ୍ସବ ଦେଖିବାକୁ ଯାଇଥିଲେ। ମହୋତ୍ସବରୁ ଘରକୁ ଫେରିଆସିବା ବେଳକୁ ଅକ୍ଷୟ ମହାପାତ୍ର ଘରର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ ଏବଂ ଘରେ ପଶି ଗଡରେଜ୍ ରେ ଥିବା ମୋଟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ସମେତ ୨୦ ହଜାର ଟଙ୍କା ଦୁର୍ବୃତ୍ତ ଚୋରି କରିଥିବା ଅନୁମାନ କରାଯାଇଛି। ବରହମପୁର ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏନେଇ ବରହମପୁର ଥାନାରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଆଇ.ଆଇ.ସି ପ୍ରେମଦା ନାୟକ ସୂଚନା ଦେଇଛନ୍ତି।

■ ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ ଘଟଣା

## ବାଡ଼ିର ମାଲିକାଣୀ କୋର୍ଟ ଚାଲାଣ

**ନୀଳଗିରି,୨୩।୧୧(ସମିସ):** ନୀଳଗିରି ସହର ୫ନଂ ୱାର୍ଡ ଅଧୀନ ସାନଅଡା ଅଞ୍ଚଳର ପୁରୁଷୋତ୍ତମ ଦାସଙ୍କ ପୁଅ ତାପସ ଦାସ(୩୪) ଫୁଲ ତୋଳିବାକୁ ଯାଇ ଗତ ଶୁକ୍ରବାର ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିବା ଘଟଣାରେ ବାଡ଼ିର ମାଲିକାଣିଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ପୂର୍ବରୁ ବାଡ଼ିର ମାଲିକାଣି ଫୁଲଚୋରି ରୋକିବାକୁ ନେଇ ଫୁଲଗଛ ଚାରି ପାଖେ ବିଦ୍ୟୁତ୍ ତାର ସଂଯୋଗ କରିଥିବାରୁ ଏଭଳି ଅଘଟଣ ଘଟିଥିବାର ମୃତକଙ୍କ ମା' ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ନେଇ ନୀଳଗିରି ଥାନା ପକ୍ଷରୁ ତଦନ୍ତ କରୁଥିବାବେଳେ ପ୍ରଥମେ ନୀଳଗିରି ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଶନିବାର ଏହି ଘଟଣାରେ ନୀଳଗିରି ପୋଲିସ ତଦନ୍ତ କରି ଜାଣିବାକୁ ପାଇଥିଲେ ଏହା ଅପମୃତ୍ୟୁ ନୁହେଁ, ଏହା ଘର ମାଲିକାଣିଙ୍କ ନିଜର ଅବହେଳା ପାଇଁ ଏଭଳି ଏକ ଦୁର୍ଘଟଣା ଘଟିଛି। ଏନେଇ ରବିବାର ନୀଳଗିରି ପୁଲିସ ବାଡ଼ିର ମାଲିକାଣିଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ନୀଳଗିରି ଏନ୍‌ଏସି ୫ନଂ ୱାର୍ଡ ଅଧୀନ ତାପସ ଦାସ(୩୪) ପ୍ରତିଦିନ ସକାଳେ ବିଭିନ୍ନ ସ୍ଥାନରୁ ଫୁଲ ତୋଳି ନିକଟସ୍ଥ ମନ୍ଦିରରେ ଦେଉଥିଲେ। ସକାଳ ପ୍ରାୟ ୬ ଟା ସମୟରେ ସେ ଫୁଲ ତୋଳିବାକୁ ଯାଇ ଗାଁରେ ଥିବା ଦିଲୀପ ରାଉତଙ୍କ ବାଡ଼ିରେ କିଛି ଗେଣ୍ଡୁ ଫୁଲ ତୋଳୁଥିବା ସମୟରେ ବିଦ୍ୟୁତ ଆଘାତ ପାଇ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମାତ୍ର ଫୁଲ ଗଛ ଚାରି ପାଖେ ବିଦ୍ୟୁତ୍ ତାର ସଂଯୋଗ ହୋଇଥିବା ତାପସ ଜାଣିପାରି ନ ଥିଲେ। ସ୍ଥାନୀୟ ଲୋକମାନେ ମୃତଦେହ ପଡ଼ିଥିବା ତାପସ ଙ୍କ ପରିବାରକୁ ଅବଗତ କରିଥିଲେ। ଯୁବକଙ୍କ ମୁହଁରୁ ଗୋଡ଼ ପର୍ଯ୍ୟନ୍ତ ବିଦ୍ୟୁତ ତାର ଲାଗି ପୋଡ଼ିଯାଇଥିବା ଦେଖାଯାଇଥିଲା।

## ଶିକ୍ଷାବିତଙ୍କ ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା

**କାଳିପଦା,୨୩।୧୧(ସମିସ):** ବାଲିଆପାଳ ବ୍ଲକସ୍ଥିତ ସୁରଢିହା ଗ୍ରାମର ଆଦର୍ଶ ଶିକ୍ଷକ ସୃଷ୍ଟିଧର ହାଜିରାଙ୍କର ଏକାଦଶାହ କ୍ରିୟା ଉପଲକ୍ଷେ ବରିଷ୍ଠ ନାଗରିକ ପରିଷଦଙ୍କ ପକ୍ଷରୁ ଶନିବାର ଶ୍ରଦ୍ଧାଞ୍ଜଳି ସଭା ପାଳିତ ହୋଇଯାଇଛି। ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ ଅଧ୍ୟକ୍ଷତା କରିଥିବାବେଳେ ପୂର୍ଣ୍ଣଚନ୍ଦ୍ର ରାଜ, ବଙ୍କିମ ଚନ୍ଦ୍ର ଜେନା, ଚିତ୍ତରଞ୍ଜନ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଧୀରେନ୍ଦ୍ର ନାଥ ହାଜିରା ପ୍ରାକ ସୂଚନା ଭାଷଣ ଦେଇଥିଲେ। ପରିଷଦର ଅନ୍ୟ ସଦସ୍ୟ ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ଦେ, ଡ.କୁଞ୍ଜକାନ୍ତ ପାତ୍ର, ସନ୍ନ୍ୟାସୀ ବେହେରା, ବିଜୟ କୁମାର ପାତ୍ର, ଗୁଣାକର ପାଳ, ବେଣୁଧର ମଣ୍ଡଳ, ରାଜକୃଷ୍ଣ ପାତ୍ର, ସୁଧାଂଶୁ କୁମାର ପାଣ୍ଡା ପ୍ରମୁଖ ଯୋଗ ଦେଇ ମଧ୍ୟ ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ। ତାଙ୍କର ବଡ଼ ଝିଅ ସୌଦାମିନୀ ପରିଡ଼ା, ପୁତ୍ର ରବୀନ୍ଦ୍ର କୁମାର ହାଜିରା, ତପନ କୁମାର ହାଜିରା, ମିନତୀ ଭୂୟାଁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ହ୍ୟୁମାନସାଗରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ଚନ୍ଦନେଶ୍ୱର,୨୩।୧୧(ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇର ରଣସିଂହପୁର ରଘୁନାଥ ସଙ୍ଗୀତ, ନୃତ୍ୟ ମହାବିଦ୍ୟାଳୟରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ରଘୁନାଥ କାଲ୍‌ଚୁରାଲ କଳାକାର ସଂଘର ସଭାପତି ଭୁବନଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ସଂଗୀତଜ୍ଞ ଗୁରୁ ପ୍ରଫୁଲ୍ଲ ବାରିକ, ମୁରଲୀ ମହାକୁଡ଼, ନୃତ୍ୟଗୁରୁ ଆଦ୍ୟାଶା ମହାନ୍ତି, ଭାସ୍କର ଦତ୍ତ, ବିଦ୍ୟାଳୟ କମିଟିରୁ ଜଳେନ୍ଦ୍ର ପାତ୍ର, ବିଷ୍ଣୁପଦ ପଟ୍ଟନାୟକ, ବନମାଳୀ ଘଡ଼ାଇ, ନରେନ୍ଦ୍ର ମଣ୍ଡଳ, ତରୁଣ ଜେନା ପ୍ରମୁଖ ଯୋଗଦେଇଥିଲେ। ହ୍ୟୁମାନସାଗର ୧୫ହଜାର ସଂଗୀତରେ କଣ୍ଠଦାନ କରି ଚଳିତ ମାସ ୧୭ ତାରିଖ ଇହଧାମ ପରିତ୍ୟାଗ କରି ସମସ୍ତ କଳାକାର ଜଗତ ପାଇଁ ସ୍ମୃତିଟିଏ ହୋଇ ରହିଗଲେ ବୋଲି କହିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ମହାବିଦ୍ୟାଳୟର ସମସ୍ତ ଗୁରୁ ଶିଷ୍ୟ ଓ ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ମାନେ ଉପସ୍ଥିତ ଥିଲେ।




ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ମିନତୀ କାନୁନଗୋ

ନଗେଶପୁର, ସାଲେପୁର

ତିରୋଧାନ - ୦୫/୧୨/୨୦୨୪

ମାଆ,
ଆପଣଙ୍କ ପରଲୋକ ଗମନ କରିବାର ଏକ ବର୍ଷ ବିତିଗଲ ।ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ ।ଆପଣଙ୍କ ଅମର ଆତ୍ମ ଶାନ୍ତି ଓ ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ:
ସମସ୍ତ କାନୁନଗୋ ପରିବାରବର୍ଗ


## ଭୋଳେଶ୍ୱର ଜନାର୍ଦ୍ଦନ ନୋଡାଲ ସ୍କୁଲର ହୀରକ ଜୟନ୍ତୀ ଲାଗି ପ୍ରସ୍ତୁତି

**ସୋର,୨୩।୧୧(ସମିସ):** ସୋର ବ୍ଲକ୍ ମଙ୍ଗଳପୁର ଭୋଳେଶ୍ୱର ଜନାର୍ଦ୍ଦନ ନେଡାଲ ହାଇସ୍କୁଲର ହୀରକ ଜୟନ୍ତୀର ପ୍ରସ୍ତୁତି ବୈଠକ ସଭାପତି ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ଦୁଇଦୁଇଟି ଅଧିବେଶନ ପାଇଁ ବହୁ ପ୍ରତିଷ୍ଠିତ ବ୍ୟକ୍ତି, ମୁଖ୍ୟମନ୍ତ୍ରୀ ବା ଅନାନ୍ୟ ରାଜନୈତିକ ଦଳର ବ୍ୟକ୍ତି ବିଶେଷଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯିବା ପାଇଁ ଆଲୋଚନା କରାଯାଇଥିଲା। କରୁଣାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଶାମୁକ୍ତ ରାଜ୍ୟ ଗଠନ ପାଇଁ 'ମୋନା' ପକ୍ଷରୁ ବୈଠକ



ଜଳେଶ୍ୱରବ୍ଲକ,୨୩।୧୧(ସମିସ)

ରବିବାର ସକାଳେ ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ପାଶ୍ୱର୍ରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନିଶା ନିବାରଣର ମହାନ ପୁରୋଧା ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୧୨୫ ତମ ଜୟନ୍ତୀ ଉପଲକ୍ଷେ "ମୋନା'ର ଜଳେଶ୍ୱର ଶାଖା ସଭାପତି ଅଶୋକ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ୧୯୫୬ ମସିହାରେ ଓଡ଼ିଶାକୁ ନିଶାମୁକ୍ତ ରାଜ୍ୟ ଗଠନ ନିମନ୍ତେ ପଦକ୍ଷେପ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ର ସଭାପତି ପଦ୍ମଚରଣ ନାୟକଙ୍କ ଆହ୍ୱାନରେ ଓଡ଼ିଶାକୁ ନିଶାମୁକ୍ତ ଅଭିଯାନ କୁ ସଫଳ କରିବାପାଇଁ ଆମ ରାଜ୍ୟର ବହୁ ଜନ ସାଧାରଣ ଏହି ସଂଗ୍ରାମରେ ସାମିଲ ହୋଇଛନ୍ତି। ସମଗ୍ର ରାଜ୍ୟରେ ବେଆଇନ ନିଶା କାରବାର ପାଇଁ ମୁଖ୍ୟ କେନ୍ଦ୍ରସ୍ଥଳ ଜଳେଶ୍ୱରରେ ନିଶା ମାଫିଆ ମାନଙ୍କର ବିସ୍ତାରିତ କଳା ସାମ୍ରାଜ୍ୟକୁ ନିପାତ୍ କରିବା ପାଇଁ ସରକାରଙ୍କଠାରେ ନିବେଦନ କରାଯାଇଛି। ଏହାସହିତ ନିଶା ମାଫିଆ ମାନଙ୍କର କାରବାରରେ ଉତ୍ସାହିତ କରୁଥିବା କାର୍ଯ୍ୟରତ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ସମ୍ପାଦକ ପ୍ରଦୀପ କୁମାର ସିଂ, ଦୁର୍ଗା ପ୍ରସାଦ ସ, ନିତ୍ୟାନନ୍ଦ ଜେନା, ଗଣେଶ ଗିରି, ରମେଶ ଚନ୍ଦ୍ର ହେମ୍ବ୍ରମ, ସୁଧାଂଶୁ ଜେନା, ନିରୋଜ ।ବେହେରା, ରମେଶ ଜେନା ପ୍ରମୁଖ ସହଯୋଗ କରିଥିଲେ।


BEST OFFER SALE

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

9437015112

# ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ପକ୍ଷରୁ ବିତର୍କ ପ୍ରତିଯୋଗିତା






ବାଲେଶ୍ୱର,୨୩।୧୧(ସମିସ)

ବୈଦିକ ଯୁଗରେ ବେଦ ଓ ଉପନିଷଦ ଆଦିକୁ ସ୍ମରଣ କରି ଶିକ୍ଷାପ୍ରାପ୍ତି କରିବା ବିଦ୍ୟାର୍ଥୀଙ୍କ ପାଇଁ ଏକମାତ୍ର ମାଧ୍ୟମ ଥିଲା। ପରେ ତାଳପତ୍ର ପୋଥି ଶିକ୍ଷାର ମାଧ୍ୟମ ପାଲଟିଥିଲା। ଗୁରୁ ଶିଷ୍ୟ ପରମ୍ପରା ମଧ୍ୟରେ ତାଳପତ୍ର ପୋଥି ଶିକ୍ଷାଦାନର ମାଧ୍ୟମ ହେଲା। ଯେଉଁଥିପାଇଁ ଆଜିବି ତାଳପତ୍ର ପୋଥିକୁ ଆମ ସଂସ୍କୃତିରେ ପୂଜା କରାଯାଉଛି। କାଳକ୍ରମେ ଶିକ୍ଷା କ୍ଷେତ୍ରରେ ପୁସ୍ତକର ଆବଶ୍ୟକତା ବଢ଼ିଲା। ଓଡ଼ିଆ ଭାଷା ସାହିତ୍ୟକୁ ପରିପୃଷ୍ଟ କରିବା ପାଇଁ ବ୍ୟାସକବି ଫକୀରମୋହନ ନିଜସ୍ୱ ଉଦ୍ୟମରେ ଓଡ଼ିଆ ଛାପାଖାନା ପ୍ରତିଷ୍ଠା କରି ଓଡ଼ିଆ ଜାତିକୁ ନବଦିଗନ୍ତ ପ୍ରଦାନ କରି ଉଦାହରଣ ସୃଷ୍ଟି କରିଥିଲେ। ବହି ମଣିଷ ପାଇଁ ଅମୂଲ୍ୟ ସମ୍ପଦ ପାଲଟିଯାଇଥିବା ବେଳେ ଆଜିର ଡିଜିଟାଲ ବହିପଢ଼ା ଏକ ଆଲୋଚ୍ୟ ବିଷୟବସ୍ତୁ ପାଲଟି ସାରିଛି।

ପକ୍ଷରୁ ‘ବାଲେଶ୍ୱରସ୍ଥିତ ସକାଳ ଓ ନନ୍ଦିଘୋଷ ଟିଭିର ଉତ୍ତର ଓଡ଼ିଶା ସଂସ୍କରଣ କାର୍ଯ୍ୟାଳୟରେ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ‘ସକାଳ’ ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ଅସୀମ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କନିଷ୍ଠ ବିଭାଗର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ‘ବହିପଢ଼ା; ଜରୁରୀ ଆବଶ୍ୟକତା? ଅନାବଶ୍ୟକ ବୋଝ? କମୁଛି କି ବହି ପ୍ରତି ଆକର୍ଷଣ? ଏହା ଛାତ୍ରଛାତ୍ରୀଙ୍କ ଉପରେ ବୋଝ ହେଉଛି କି?’ ଉପରେ ନିଜର ମତ ରଖିଥିଲେ। ଏଥିରେ ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ ଓ ସାହିତ୍ୟିକ କୁମାର ଚନ୍ଦ୍ର ମିଶ୍ର ଯୋଗଦେଇ କହିଥିଲେ ଯେ, ଏବେ ବିଦ୍ୟା ମଧ୍ୟରେ କିଛି ଅବିଦ୍ୟା ପ୍ରବେଶ କରିସାରିଛି। ପିଲାମାନେ ସ୍ଥିର ମନରେ ଚିନ୍ତା କରିପାରିଲେ ବିଦ୍ୟାର ମୂଲ୍ୟବୋଧ ହୃଦୟଙ୍ଗମ କରିପାରିବେ। ଏହାଛଡ଼ା ବହି ପଢ଼ିବାର ମାନସିକତାକୁ ହଜେଇ ଦେଲେ ସବୁ କିଛି ନଷ୍ଟ ହୋଇଯିବ। ଏଣୁ ବିଷୟବସ୍ତୁ ଉପରେ କହିବାକୁ ଯାଇ ସେ ଆହୁରି ମଧ୍ୟ କହିଥିଲେ, ଲକ୍ଷ୍ମୀ ପୁରାଣ ଚଟି ବହି ମଧ୍ୟରେ ଅନେକ ଜ୍ଞାନ ଆହରଣ କରିବାର ଶକ୍ତି ରହିଛି। ଯାହାକୁ ପଢ଼ିବା ଦ୍ୱାରା ମନରେ ଶାନ୍ତି ଭାବନା ଆସିବା ସହ ବହିର ମୂଲ୍ୟବୋଧ କଣ ତାହା ସ୍ପଷ୍ଟ ଭାବେ ଜାଣିହେବ। ଏଣୁ ବହି ସହିତ ଅନ୍ତରଙ୍ଗ ହେବାକୁ ହେଲେ ଏକ ନିବୃତ କୋଠରୀର ଆବଶ୍ୟକତା ରହିଛି ଯାହା ହେଉଛି ପଢ଼ାଘର’।

**‘ପୁସ୍ତକ ପଢ଼ିବାର ମାନସିକତାକୁ ହଜେଇ ଦେଲେ ସବୁ କିଛି ନଷ୍ଟ ହୋଇଯିବ’**

ଅନ୍ୟତମ ଅତିଥି ଭାବେ ନିଆରା ବଂଶୀ ବାଦକ ନରସିଂହ ନାୟକ ଯୋଗଦେଇ ନାକରେ ବଂଶୀ ବଜାଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟମ ଶ୍ରେଣୀର ଛାତ୍ରୀ ପିଆଲି ପଢ଼ିଆରି ଦ୍ୱିତୀୟ ଏବଂ ମଡର୍ଣ୍ଣ ପବ୍ଲିକ ସ୍କୁଲର ନବମ ଶ୍ରେଣୀର ଛାତ୍ର ଅନ୍ୱିତ କୁମାର ଦାସ ଅଧିକାରୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ସେହିପରି ଅପରାହ୍ନରେ ବରିଷ୍ଠ ବର୍ଗର ବିତର୍କ ପ୍ରତିଯୋଗିତାରେ ଜେନ-ଜେଡ: ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଦାମତା? ଶୀର୍ଷକରେ ଛାତ୍ରଛାତ୍ରୀମାନେ ନିଜର ମତ ରଖିଥିଲେ। ଏଥିରେ ବିଚାରକ ଭାବେ କବି ଶ୍ରୀଦେବ, ସାହିତ୍ୟିକ ଡ. କୁମାର ଗୋପାଲ, ଶିକ୍ଷାବିତ୍ ତଥା ‘ଅଗ୍ନିବେଣା’ ବିଜ୍ଞାନ ପତ୍ରିକାର ସଂପାଦକ ଡ. ପଙ୍କଜ କୁମାର ଜେନା ପ୍ରମୁଖ କହିଛନ୍ତି, ସମସ୍ତଙ୍କ ଭିତରେ ବହି ପଢ଼ିବାର ଅଭ୍ୟାସ ରହିବା ଦରକାର। ବହି ନାହିଁତ କିଛି ନାହିଁ। ନିଜର ଚିନ୍ତା ଓ ଚେତନା ଠିକ ରଖି ପାଠ ପଢ଼ିବାକୁ ପରାମର୍ଶ ଦେଇଥିଲେ। ଆହୁରି ମଧ୍ୟ କହିଥିଲେ ଆଗରୁ ବାପା ମା ପିଲାମାନଙ୍କର ଯେତିକ ଯତ୍ନ ନେଉଥିଲେ ଏବେ କିନ୍ତୁ ସେମାନେ ନିଜ ପିଲାମାନଙ୍କର ଅଧିକ ଯତ୍ନ ନେଉଛନ୍ତି। ହେଲେ ସେତେବେଳର ପିଲାମାନେ ନିଜ ବାପାମାଙ୍କୁ ପଚାରୁଥିଲେ ହେଲେ ଏବଂ ୭୦ରୁ ୮୦ପ୍ରତିଶତ ବାପାମା ବୃଦ୍ଧାଶ୍ରମରେ ରହୁଛନ୍ତି। ଯାହାର ପ୍ରତିଫଳନ ହେଉଛି ପିଲାମାନଙ୍କ ମଧ୍ୟରେ ଧୈର୍ଯ୍ୟଶକ୍ତିର ଅଭାବ। ଏଣୁ ନିଜେ ନିଜ କ୍ଷେତ୍ରରେ ଧୈର୍ଯ୍ୟକୁ କିପରି ଭାବେ ବୃଦ୍ଧି କରିପାରିବେ ତା ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ବିଭାଗରେ ଅନୁଷ୍ଠିତ ହୋଇଥିବା ବିତର୍କ ପ୍ରତିଯୋଗିତାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ଉପାସନା ପଟ୍ଟନାୟକ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଟେମ୍ପଲସିଟି ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି ଆଣ୍ଡ ଇଞ୍ଜିନିୟରିଂ କଲେଜର ଛାତ୍ର ଚନ୍ଦ୍ରାୟ ହେମ୍ବ୍ରମ ଦ୍ୱିତୀୟ ଏବଂ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଦୀପସା ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ ବିତର୍କ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗର ସମସ୍ତ ଛାତ୍ରଛାତ୍ରୀଙ୍କୁ





‘ସକାଳ’ର ୫ମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ବହିପଢ଼ା ଜରୁରୀ କି ନୁହଁ; ଆଧୁନିକ ପାଠ୍ୟକ୍ରମର ଚାପରେ ବହିପଢ଼ା ଆକର୍ଷଣ ହରାଇ ସ୍ମାର୍ଟ ଓ ଡିଜିଟାଲ ମାଧ୍ୟମକୁ ବିଦ୍ୟାର୍ଥୀ ଆପଣାଇବା କେତେଟା ଶ୍ରେୟସ୍କର ସେନେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ରବିବାର ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ସମସ୍ତେ ପ୍ରତ୍ୟେକ ଦିନ କିଛି ସମୟ ମୋବାଇଲ ଠାରୁ ଦୂରରେ ରହି ବହି ପଢ଼ିବାର ଅଭ୍ୟାସ କରିବାର ଆବଶ୍ୟକତା ରହିଛି।

ଅନ୍ୟତମ ବିଚାରକ ତଥା ଗାଳ୍ପିକ ଅଞ୍ଜନ କୁମାର ଚାନ୍ଦ କହିଛନ୍ତି, ଖୁବ ଅଳ୍ପ ଦିନ ମଧ୍ୟରେ ବାଲେଶ୍ୱର ମାଟିରେ ନିଜକୁ ପ୍ରତିଷ୍ଠିତ କରିପାରିଛି ‘ସକାଳ’ ଖବରକାଗଜ। ‘ସକାଳ’ ଏବେ ପାଠକ ଓ ଲେଖକଙ୍କ ପାଇଁ ଆକର୍ଷଣୀୟ ହୋଇପାରିଛି। ଆଜିର ମୁଖ୍ୟଅତିଥି ଭାବେ ‘ରମେଶ ଗୁପ୍ତା ଫାଉଣ୍ଡେସନ’ର ଅଧ୍ୟକ୍ଷ ରମେଶ କୁମାର ଗୁପ୍ତା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଯେ କୌଣସି ବଭାଗର ଶିକ୍ଷାକ୍ଷେତ୍ରରେ ଗଭୀର ଅଧ୍ୟୟନ ପାଇଁ ପୁସ୍ତକ ପଠନ ଜରୁରୀ ବୋଲି ପରାମର୍ଶ ଦେଇଥିଲେ।

ଏହି କନିଷ୍ଠ ବିଭାଗ ବିତର୍କ ପ୍ରତିଯୋଗିତାରେ ବାଲେଶ୍ୱର ଟାଉନ ହାଇସ୍କୁଲର ନବମ ଶ୍ରେଣୀର ଛାତ୍ରୀ ଧାର୍ମିକା ତୁଳସୀ ରଣା ପ୍ରମାଣପତ୍ର ପ୍ରଦାନ କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମକୁ ‘ସକାଳ’ଓ ‘ନନ୍ଦିଘୋଷ ଟିଭି’ ପରିବାରର ଧୃତିସୁନ୍ଦର ପଣ୍ଡା, ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି, ସୁବ୍ରତ କୁମାର ଦାସ, ରବିଚନ୍ଦ୍ର ବେହେରା, ଭବାନୀ ଶଙ୍କର ବେହେରା, ରମେଶ ଚନ୍ଦ୍ର ଦାସ, କଳିଙ୍ଗ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ସାଇ ନୃତ୍ୟ ସଂଗୀତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାଲେଶ୍ୱର,୨୩।୧୧(ସମିସ):** ସ୍ଥାନୀୟ ସାଇନୃତ୍ୟ ସଂଗୀତ ମହାବିଦ୍ୟାଳୟର ୫୧ତମ ବାର୍ଷିକ ଉତ୍ସବ ଗାନ୍ଧୀସ୍ମୃତି ଭବନରେ ପାଳିତ ହୋଇଯାଇଛି। ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ପରିଚାଳନା ପରିଷଦ ଉପସଭାପତି ହୃଷିକେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସାଧାରଣ ସମ୍ପାଦକ ବିଷ୍ଣୁଚରଣ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ର ଅଧ୍ୟକ୍ଷ ଅଞ୍ଜନ କୁମାର ଖଟୁଆ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସାଂସ୍କୃତିକ ସଂପାଦକ ଗୁରୁ ଗୌରବ ରବୀନ୍ଦ୍ର କୁମାର ବିଶ୍ୱାଳ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବାବେଳେ ଅଧ୍ୟକ୍ଷ ବସନ୍ତ କୁମାର ଦାସ, ଉପସଭାପତି ହରି ମୋହନ ମଲ୍ଲିକ, ଯୁଗ୍ମ ସମ୍ପାଦକ କାହ୍ନୁଚରଣ ଲେଙ୍କା ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ଗୁରୁ ଦିଲୀପ କୁମାର ମହାପାତ୍ରଙ୍କୁ ପ୍ରତିଭା ସମ୍ମାନ ଦିଆଯାଇଥିଲା। ଆରାଧ୍ୟା ବେହେରାଙ୍କୁ କୋଇଲିମଣି ଦେବୀ ସ୍ମୃତି ପୁରସ୍କାର, ଏକାମ୍ର ରଞ୍ଜନ ଖିଲାରଙ୍କୁ ଅଚ୍ୟୁତାନନ୍ଦ ଦାସ ସ୍ମୃତି ସମ୍ମାନ, ଏସ୍‌ଜେ ଦିବାଂଶୀ ପାଣିଗ୍ରାହୀଙ୍କୁ ଯତୀନ୍ଦ୍ର ନାଥ ପଟ୍ଟନାୟକ ସ୍ମୃତି ସମ୍ମାନ, ରାଜଲକ୍ଷ୍ମୀ ମହାଲିକଙ୍କୁ ଧିରେନ୍ଦ୍ର ନାରାୟଣ ଦାସ ସ୍ମୃତି ସମ୍ମାନ, ଦିବ୍ୟଜ୍ୟୋତି ସାହୁଙ୍କୁ ସତ୍ୟସାଧନ ଦାସ ପଟ୍ଟନାୟକ ସ୍ମୃତି ସମ୍ମାନ, ଜନ୍ମଜୟ ତାଲଦିଙ୍କୁ ଅରୁଣ ଦେ ସ୍ମୃତି ସମ୍ମାନ, ପ୍ରିୟାଂଶୁ ସାହୁଙ୍କୁ ହାରାଧନ ଆଚାର୍ଯ୍ୟ ସ୍ମୃତି ସମ୍ମାନ, ଗୌରବ କୁମାର ସାହୁଙ୍କୁ ଶ୍ରୀମା ଅରବିନ୍ଦ ସ୍ମୃତି ସମ୍ମାନ, ସ୍ମୃତିସ୍ୱରୂପା ମିଶ୍ରଙ୍କୁ ସୁବଳଚନ୍ଦ୍ର ରଣା ସ୍ମୃତି ସମ୍ମାନ ଓ ଶ୍ୱେତାଲିଲା ଶୁଭଦର୍ଶନୀଙ୍କୁ ଭାଗବତ ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥି ସହିତ କର୍ମଚାରୀ ଅନ୍ୟୁତାନନ୍ଦ ଗୋଛାୟତ ଓ ପୁରୁଷୋତ୍ତମ ବେହେରାଙ୍କୁ ଉତ୍ସର୍ଗୀକୃତ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ସତ୍ୟରଂଜନ ମହାନ୍ତି, ମନୋରଂଜନ ମହାନ୍ତି, ମାଳା ଦେ, ଅଜିତାନନ୍ଦ ଦେବ ଗୋସ୍ୱାମୀ, ସତ୍ୟନାରାୟଣ ହରିଦାସ, ସୁନୀତା ଶତପଥୀ ଓ ଉପାଧ୍ୟକ୍ଷ ବଂଶୀଧର ରଣା ସହଯୋଗ କରିଥିଲେ। ପରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ଗୀତ, ତବଲା, ଗୀଟାର ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ପୂର୍ବତନ ସଂପାଦକ ସ୍ୱର୍ଗତ ଧିରେନ୍ଦ୍ର ନାରାୟଣ ଦାସଙ୍କୁ ବାର୍ଷିକ ଉତ୍ସବ ମଞ୍ଚ ସମର୍ପିତ କରାଯିବା ସହିତ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରାରମ୍ଭରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

## ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ




**ବାଲିଆପାଳ,୨୩।୧୧(ସମିସ):** ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ମୋନା ପକ୍ଷରୁ ରବିବାର ଅପରାହ୍ନରେ ବାଲିଆପାଳ ବ୍ଲକ ବାଲିକୁଟି ପଞ୍ଚାୟତ ଅଫିସ୍ ସଭାଗୃହରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କର ୧୨୫ ତମ ଜୟନ୍ତୀ ପାଳନ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋନାର ରାଜ୍ୟ ସଂଯୋଜକା ତପସ୍ୱୀନି କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ବାଲିକୁଟି ସରପଞ୍ଚ ଯଶୋଦାମଣି ଧଳ, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ, ମିଳିତ ଓଡ଼ିଶା ନିଶା ନିବାରଣର ଜିଲ୍ଲା ସମ୍ପାଦକ ପିତାମ୍ବର ଭୂୟାଁ, ସଭାନେତ୍ରୀ ବ୍ରିଜେଶ୍ୱରୀ ପାଳ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରୁ ନିଶାମୁକ୍ତ କରିବା ପାଇଁ ପ୍ରତ୍ୟେକ ପରିବାରରୁ ସ୍ୱର ଉଠାଇବା ଏବଂ ଚୋରାମଦକୁ ବିରୋଧ କରିବା, ନିଜ ପରିବାରକୁ ନିଶା ମୁକ୍ତ କରିବା, ରାଜସ୍ୱ ନାଁରେ ସରକାର ମଦକୁ ପ୍ରୋତ୍ସାହନ ଯୋଗାଇବା ପରି ପ୍ରସଙ୍ଗ ଉପରେ ମତବ୍ୟକ୍ତ କରିଥିଲେ। ଏହା ବ୍ୟତୀତ ସରକାର ମଦମୁକ୍ତ ଓଡ଼ିଶା ଗଠନ ଦିଗରେ ନିଶାର ମୂଳଉତ୍ପାଟନ କରି ଖଣିଜ ପଦାର୍ଥ ଉପରେ ଅଧିକ ରୋୟାଲଟି ଲଗାଇ ରାଜସ୍ୱକୁ ବୃଦ୍ଧି କରିବା ପାଇଁ ଆହ୍ୱାନ ଦେଇଥିଲେ।

## ଟିପିଏନଓଡିଏଲ୍ ମିଜାଇଲ ସିଟି ୱାର୍ଲଡ ହାଫ୍ ମାରାଥନ୍
# ୨୦୦୦ ପ୍ରତିଯୋଗୀଙ୍କ ଅଂଶଗ୍ରହଣ




**ବାଲେଶ୍ୱର,୨୩।୧୧(ସମିସ):** ବାଲେଶ୍ୱର ମାରାଥନ ଆସୋସିଏସନ୍ ପକ୍ଷରୁ ପ୍ରଥମ ଟିପିଏନ୍‌ଓଡିଏଲ୍ ମିଜାଇଲ ସିଟି ୱର୍ଲଡ ହାଫ ମାରାଥନ-୨୦୨୫ ସହରରେ ଆୟୋଜିତ ହୋଇଯାଇଛି। ଏଥିରେ ସାରା ଦେଶରୁ ପାଖାପାଖି ୨୦୦୦ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଭାଗ ନେଇଥିଲେ ଯଥା - ୨୧କି. ମି., ୧୦କି. ମି., ୫କି. ମି., ୩କି. ମି.। ଆଜିର ଏହି ମାରାଥନର ପ୍ରତିଯୋଗୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ତଥା ଭାରତର ସୁନାମଧନ୍ୟା ଧାବିକା ଦ୍ୟୁତିଚାନ୍ଦ ଯୋଗ ଦେଇଥିଲେ। ସବୁଠାରୁ ଉତ୍ସାହିତପ୍ରଦ ଥିଲା ଜଣେ ପ୍ରତିଯୋଗୀ କଲିକତାରୁ ଯୋଗ ଦେଇଥିଲେ। ଯାହାଙ୍କର ଗୋଟିଏ ଗୋଡ଼ ନାହିଁ ଆଶା ବାଡ଼ିରେ ସେ ୧୦ କି. ମି.ଦୌଡ଼ରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ସଞ୍ଜୟ ଗୁପ୍ତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ସମ୍ପାଦକ ଡମ୍ବରୁଧର ଚଣ୍ଡ, ଆଲୋକ କୁମାର ସାହୁ, ବିଟରଞ୍ଜନ ପ୍ରଧାନ, କୋଷାଧ୍ୟକ୍ଷ ଏବଂ ସଂଘର ୪୦ ଜଣ ସଦସ୍ୟ ସଦସ୍ୟା ସୂଚାରୁରୂପେ ପରିଚାଳନା କରିଥିଲେ। ସମସ୍ତ ପ୍ରତିଯୋଗୀ ଆୟୋଜକମାଙ୍କ ଏଭଳି ଆୟୋଜନରେ ଅତ୍ୟନ୍ତ ଖୁସି ପ୍ରକଟ କରିଥିଲେ। ବାହାରୁ ଆସିଥିବା ପ୍ରତିଯୋଗୀମାନେ କହୁଥିଲେ ଯେ ସେମାନେ ଭାରତ ସାରା ମାରାଥନ ରେ ଭାଗ ନିଅନ୍ତି କିନ୍ତୁ ଏଠି ଯେଉଁଭଳି ଶାନ୍ତି ଶୃଙ୍ଖଳାର ସହ ଆୟୋଜନ ହୋଇଥିଲା କୌଣସି ଦିଗରୁ ଏହା ପ୍ରଥମ ଥର ଆୟୋଜନ ହୋଇଥିଲା ବୋଲି ଲାଗୁନଥିଲା। ସମସ୍ତ ପ୍ରତିଯୋଗୀ ଆୟୋଜକ ମାନଙ୍କୁ ଭୂୟସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ଆହୁରି ଅଧିକ ପ୍ରତିଯୋଗୀ ଆସିବେ ବୋଲି ସମସ୍ତେ ଆଶାବ୍ୟକ୍ତ କରିଥିଲେ।

## ସୋର ମେଡିକାଲର ମୁଖ୍ୟ କିରାଣିଙ୍କ ପରଲୋକ

**ସୋର,୨୩।୧୧(ସମିସ):** ସୋର ଡାକ୍ତରଖାନାରେ କାର୍ଯ୍ୟରତ ମୁଖ୍ୟ କିରାଣିଙ୍କ କର୍କଟ ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ସୋର ବ୍ଲକ ଅନନ୍ତପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ଗୀତାଞ୍ଜଳି ପଣ୍ଡା(୪୮) ପୂର୍ବରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟକରୁଥିବା ବେଳେ ଗତ ଏକ ବର୍ଷ ତଳେ ସୋର ଡାକ୍ତରଖାନାରେ ମୁଖ୍ୟ କିରାଣିଭାବେ କାର୍ଯ୍ୟରେ ଯୋଗଦାନ କରିଥିଲେ। ତେବେ ଗତ ୬ ମାସ ଧରି ସେ ପିତ୍ତକୋଷ କ୍ୟାନ୍ସରରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ଡାକ୍ତଙ୍କ ପରାମର୍ଶରେ ସେ ଘରେ ଥିବାବେଳେ ଆଜି ଅପରାହ୍ନରେ ହଠାତ ଅସୁସ୍ଥ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋରପୁଲିସ ମେଡିକାଲରେ ପହଞ୍ଚି ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ମେଡିକାଲ ଅଧିକ୍ଷକ ଡ଼. କାଶୀନାଥ ପଣ୍ଡାଙ୍କ ସମେତ ସମସ୍ତ କାର୍ଯ୍ୟରତ ଡାକ୍ତର, କର୍ମଚାରୀ ମେଡିକାଲରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## କବିତା ପୁସ୍ତକ ‘କବିତା ନିର୍ଝର’ ଲୋକାର୍ପିତ



**ସୋର,୨୩।୧୧(ସମିସ):** ଲେଖକର ଭାବ ସହିତ ପାଠକର ଆବେଗ ସମ୍ମିଶ୍ରିତ ହେଲେ କବିତା ସଫଳତା ଲାଭ ପୂର୍ବକ କାଳଜୟୀ ହୁଏ। କବିତା ବୁଝିପାରେ ଦୁଃଖର ରଙ୍ଗ, ବେଦନାର ଗନ୍ଧ, କବିତା ବି ବୁଝିପାରେ ଆନନ୍ଦରଉତ୍ସ ବୋଲି ସୋର ସଂସ୍କୃତି ଭବନଠାରେ କବି ରବୀନ୍ଦ୍ର କୁମାର ଦାସଙ୍କ ପ୍ରଥମ କବିତା ପୁସ୍ତକ “କବିତା ନିର୍ଝର’ ଲୋକାର୍ପିଣ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଗାଁ ମଜଲିସ୍ ସାହିତ୍ୟ ସଂସଦର ସଭାପତି ଡ. ରମାକାନ୍ତ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଲୋକର୍ପଣ ଉତ୍ସବକୁ ବିଶିଷ୍ଟ ଗାଳ୍ପିକ ରଜନୀକାନ୍ତ ମହାନ୍ତି ଉଦ୍‌ଘାଟନ କରି କହିଲେ ଯେ କବିଟିଏ ଚାହେଁ କାବ୍ୟମୟ ହୋଇଯାଉ କବିତା, ସମସ୍ତେ କବିତାର ଶବ୍ଦରେ କଥା ହୁଅନ୍ତୁ, ସମଗ୍ର ଦୁନିଆ ଲାଗୁ କବି କବି। ମୁଖ୍ୟଅତିଥି ଭାବେ ଗାଳ୍ପିକ ପବତ୍ର ପାଣିଗ୍ରାହୀ ଯୋଗଦେଇ କହିଥିଲେ ଯେ ଲେଖକର ଭାବ ସହିତ ପାଠକର ଆବେଗ ମିଶିଗଲେ କବିତା ସଫଳତାଲାଭ କରେ। କବିତାର ଦୁର୍ବୋଧତା ଓ ପାଠକର ଗ୍ରହଣୀୟତା ସଂପର୍କରେ ବିସ୍ତୃତ ଆଲୋଚନା କରି ମୁଖ୍ୟବକ୍ତା ଭାବେ କବି କିଶୋର ପାଣିଗ୍ରାହୀ କହିଲେ ଯେ ଉଚ୍ଚାଙ୍ଗ କବିତାର ସ୍ୱାଦ ଗ୍ରହଣ ପାଇଁ ପାଠକ ପ୍ରସ୍ତୁତି ନେବା ଆବଶ୍ୟକ। ସମୀକ୍ଷକ ଭାବେ ଡ. ରବୀନ୍ଦ୍ର ବିହାରୀ ପୁସ୍ତକର ସନ୍ନିବେଶିତ କବିତାଗୁଡ଼ିକର ଶୈଳୀ, ବିଷୟ ଚର୍ଯ୍ୟା ପାରମ୍ପାରିକ ହୋଇଥିଲେ ସୁଦ୍ଧା ନୂତନତ୍ୱର ବର୍ତ୍ତା ପ୍ରଦାନ କରେ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ପଦ୍ମଲୋଚନ ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବେ ଦାମୋଦର ଦାଶ ମହାପାତ୍ର ଏବଂ ଦେବେନ୍ଦ୍ର ପ୍ରଧାନ କବିଙ୍କ ଉନ୍ମୋଚିତ ପୁସ୍ତକର କବିତା ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତି ଡ. ବେହେରା କବି ଶ୍ରୀ ଦାସଙ୍କ ଉତ୍ତରୋତ୍ତର କମନା କରିଥିଲେ। ଉଦ୍ଧବ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଚେମେଇ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହେଶ୍ୱର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଚନ୍ଦ୍ରମୋହନ ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ଦ୍ୱୀତିୟ ଅଧିବେଶନ କବିତାପାଠୋତ୍ସବରେ ବିଜୟକୁମାର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସଂଯୋଜନା କରିଥିଲେ ସସ୍ମିତା ରାଉତ ଓ ଡ.ରଶ୍ମିରାଣୀ ଦାସ। କବି ନବକିଶୋର ଦାସ, ସୁରେନ୍ଦ୍ରନାଥ ବାରିକ, ଭରତ ଚନ୍ଦ୍ର ଦାଶ, ଶାନ୍ତିଲତା ସେଠୀ, ଚେମେଇ ଦାସ, ମୁରଲୀଧର ପାଢ଼ୀ, ଲମ୍ବୋଦର ମିଶ୍ର, ଚକ୍ରଧର ପାଢ଼ୀ, ନିତ୍ୟାନନ୍ଦ ପାଣିଗ୍ରାହୀ, ଅଭୟ ପତ୍ରୀ, ପ୍ରତିଭା ମଞ୍ଜରୀ ଜେନା, ମହେଶ୍ୱର ପଣ୍ଡା, ପ୍ରଦୀପ ମହାନ୍ତି, ଭାଗ୍ୟଶ୍ରୀ ଦେ, ମହେନ୍ଦ୍ର ସାହୁ, ସଂଧାରାଣୀ ଦାସ, ଜ୍ୟୋତିରଞ୍ଜନ ଜେନା, ରାମଚନ୍ଦ୍ର ପୃଷ୍ଟି, କୃଷ୍ଣା ପ୍ରଧାନ, ବ୍ରଜକିଶୋର ପାଲ, ଅଚ୍ୟୁତ୍ ପଣ୍ଡା, ଉଦ୍ଧବଚରଣ ବିଶ୍ୱାଳ ଓ ଦାଶରଥି ନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

# ସମ୍ପାଦକୀୟ



ଅସ୍ପୃଶ୍ୟତା ବିରୋଧୀ ଅଭିଯାନ ଜରିଆରେ ମୁଁ ଅମାନବିକତା ବିରୋଧରେ ସଂଗ୍ରାମ କରୁଛି।
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ଶ୍ରମ ସଂହିତାର ବାସ୍ତବତା

ଅର୍ଦ୍ଧଶତାବ୍ଦୀ ଧରି ପ୍ରଚଳିତ ଶ୍ରମ ଆଇନକୁ ହଟାଇ କେନ୍ଦ୍ର ସରକାର ନୂଆ ଶ୍ରମ ଆଇନ କାର୍ଯ୍ୟକାରୀ କରିଛନ୍ତି। ଚାରିଟି ଶ୍ରମ ସଂହିତା ସମ୍ବଳିତ ଏହି ନୂତନ ଶ୍ରମ ଆଇନ୍ କର୍ମଜୀବୀ ମହିଳା, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଗିଗ୍ ୱାର୍କରଙ୍କ ପ୍ରତି ଅନୁକୂଳ ହୋଇଥିବାରୁ ସ୍ୱାଗତଯୋଗ୍ୟ। ଚାରିଟି ଶ୍ରମ ସଂହିତା ମଧ୍ୟରେ ରହିଛି - ଶ୍ରମ ସଂହିତା ୨୦୧୯, ସାମାଜିକ ସୁରକ୍ଷା ସଂହିତା ୨୦୨୦, ଶିଳ୍ପ ସମ୍ବନ୍ଧ ସଂହିତା ୨୦୨୦, ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ଅବସ୍ଥା ସଂହିତା ୨୦୨୦। ଅପରପକ୍ଷରେ ଏହା ଦାଦନ ଶ୍ରମିକ ବ୍ୟବସ୍ଥାକୁ ଅଧିକ ପ୍ରୋତ୍ସାହନ ଦେବ ବୋଲି ଅଭିଯୋଗ ଆସିଛି। ସେହିପରି ଶ୍ରମ କ୍ଷେତ୍ର ଓ ଶ୍ରମିକଙ୍କ ପାଇଁ ସେଭଳି କିଛି ବିଶେଷ ଧରଣର ଉତ୍ସାହଜନକ ହେବା ଭଳି ଖବର ଏଥିରେ ନାହିଁ। ଚାରିଟି ଶ୍ରମ ସଂହିତା ବଦଳରେ ବରଂ ଗୋଟିଏ ପ୍ରଚଳନ ହୋଇଥିଲେ ଆହୁରି ଅଧିକ ସରଳ ଓ ପ୍ରଭାବଶାଳୀ ହୋଇଥା'ନ୍ତା ବୋଲି ମତ ପ୍ରକାଶ ପାଇଛି। ନୂଆ ଶ୍ରମ ସଂହିତା ନୂଆ ବୋତଲରେ ପୁରୁଣା ପାନୀୟ ଭଳି ହୋଇଥିବା ଏବଂ ନିୟମଗୁଡ଼ିକର କେବଳ ନାମ ପରିବର୍ତ୍ତନ ହୋଇଥିବା କୁହାଯାଉଛି।

ଶ୍ରମ ଓ ଶ୍ରମିକ ସମ୍ପର୍କିତ ପ୍ରଚଳିତ ୨୯ଟି ଆଇନକୁ ଏକତ୍ରୀକରଣ କରି ଚାରିଟି ସଂହିତାରେ ବିଭକ୍ତ କରାଯାଇଥିବା ନୂଆ ଶ୍ରମ ଆଇନ୍‌ରେ ୧୨୨୮ ପୁରୁଣା ଧାରାକୁ ହ୍ରାସ କରି ୪୮୦ କରାଯାଇଛି। ସେହିପରି ୧୪୩୬ଟି ନିୟମକୁ ୩୫୧ରେ ସୀମିତ କରାଯାଇଥିବା ବେଳେ ୮୪ଟି ପଞ୍ଜୀକରଣ ବ୍ୟବସ୍ଥା ବଦଳରେ ୮ଟି ପ୍ରଚଳନ କରାଯାଇଛି। ୬୫ଟି ଉପଧାରାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଛି। କର୍ମଚାରୀ, ପାରିଶ୍ରମିକ, ଶ୍ରମିକ ଆଦିର ସଜ୍ଞା, ବାଧ୍ୟତାମୂଳକ ଶାରୀରିକ ଉପସ୍ଥିତି ରେକର୍ଡ, ବହୁବିଧ ଲାଇସେନ୍ସ ବ୍ୟବସ୍ଥା, ବିଜ୍ଞପ୍ତି ବିନା କାର୍ଯ୍ୟାନୁଷ୍ଠାନ, ଇନ୍‌ସ୍ପେକ୍ସନ୍ ରାଜ ଆଦି ପାରମ୍ପରିକ ବ୍ୟବସ୍ଥାର ଉଚ୍ଛେଦ କରାଯାଇଥିବା ବେଳେ ପୁରୁଣା ମାମଲାଗୁଡ଼ିକର ଫଇସଲା ପାଇଁ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କଟକଣାକୁ ହଟାଇ ଦିଆଯାଇଛି ଏବଂ ନିଜ ଆଡୁ କର୍ତ୍ତୃପକ୍ଷ ପୁରୁଣା ମାମଲାର ପୁଣି ବିଚାର ଆରମ୍ଭ କରିପାରିବେ ବୋଲି ପ୍ରାବଧାନ ରହିଛି। ଇପିଏଫ୍ ଜମା ନିୟମକୁ ମଧ୍ୟ କୋହଳ କରାଯାଇଛି। କିନ୍ତୁ ଏବେ ଅନେକ ସଂସ୍ଥା ଉଚ୍ଚ କୁଶଳୀ କର୍ମଚାରୀଙ୍କୁ ଇପିଏଫ୍ ସୁବିଧା ଦେଉନାହାନ୍ତି। ଏ ସମ୍ପର୍କରେ ନୂଆ ଶ୍ରମ ସଂହିତା ନିରବ ଥିବା ମନେ ହୁଏ। ସେହିପରି ନୂଆ ଶ୍ରମ ସଂହିତାରେ ସବୁ କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ଦେବା ବାଧ୍ୟତାମୂଳକ କରାଯାଇଥିବା ବେଳେ ଠିକ୍ ସମୟରେ ବେତନ ପ୍ରଦାନ, ବର୍ଷେ କାମ କରିବା ପରେ ଗ୍ରାଚ୍ୟୁଇଟି, ସର୍ବନିମ୍ନ ବେତନ ସୁନିଶ୍ଚିତ କରିବା, ମହିଳାମାନଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କାମ କରିବାର ସୁଯୋଗ ଓ ସୁବିଧା ପ୍ରଦାନ, ନିଯୁକ୍ତିଦାତାଙ୍କ ତରଫରୁ କର୍ମଚାରୀମାନଙ୍କର ନିୟମିତ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା, ଏକ ଦେଶ ଏକ ଲାଇସେନ୍ସ, ଏକ ପଞ୍ଜୀକରଣ ଓ ଏକ ରିଟର୍ଣ୍ଣ ବ୍ୟବସ୍ଥା ଆଦି ନୂଆ ଶ୍ରମ ସଂହିତାମାନଙ୍କରେ ରହିଛି।

ବିଡ଼ମ୍ବନା ହେଉଛି ଆଇନ ୨୦୨୦ ମସିହାରେ ପ୍ରଣୀତ ହୋଇଥିବା ବେଳେ କାର୍ଯ୍ୟକାରୀ ବିଜ୍ଞପ୍ତି ଜାରି କରିବା ପାଇଁ ପ୍ରାୟ ୫ ବର୍ଷ ଲାଗିଗଲା। ତେଣୁ ବାସ୍ତବ କ୍ଷେତ୍ରରେ ରୂପାୟନ କେତେ ପ୍ରଭାବଶାଳୀ ଓ ବାସ୍ତବବାଦୀ ହେବ ଏବଂ ଭାରତୀୟ ଅର୍ଥନୀତିକୁ କେତେ ବେଗଶାଳୀ କରିବ ତାହା ଘରୋଇ ସଂସ୍ଥା ଓ ଶିଳ୍ପପତିଙ୍କ ମାନସିକତା ଉପରେ ନିର୍ଭର କରୁଛି। ବିଶେଷକରି ତୀବ୍ର ପ୍ରତିଯୋଗିତାପୂର୍ଣ୍ଣ ବଜାରରେ ତିଷ୍ଠି ରହିବା ପାଇଁ କ୍ଷୁଦ୍ର ଓ ମଧ୍ୟମ ସଂସ୍ଥାମାନେ ସଂଘର୍ଷ କରୁଥିବା ବେଳେ କର୍ମଚାରୀଙ୍କୁ ପ୍ରତିଶ୍ରୁତି ମୁତାବକ ଦରମା ବା ପାରିଶ୍ରମିକ ଦେବା କାଠିକର ପାଠ ହୋଇଯାଉଛି। ଏହି ପୃଷ୍ଠଭୂମିରେ ଠିକ୍ ସମୟରେ ବେତନ, ସର୍ବନିମ୍ନ ବେତନ ଓ ଗ୍ରାଚ୍ୟୁଇଟି ପ୍ରଦାନ ଆଦି 'ଲଙ୍କାରେ ହରି ଶବ୍ଦ' ପରି ଶୁଭୁଛି। ଯେଉଁଠି ନିଜେ ତିଷ୍ଠି ରହିବା ପାଇଁ ନିଯୁକ୍ତିଦାତା ସଂଘର୍ଷ କରୁଛି ସେଠାରେ ନିଯୁକ୍ତିପତ୍ରର ନିଶ୍ଚିତତା ଯେ ଏକ ପ୍ରହସନ ତାହା କେବଳ ଭୁକ୍ତଭୋଗୀ ହିଁ ଅନୁଭବ କରିପାରିବ। ପ୍ରତିଯୋଗିତାପୂର୍ଣ୍ଣ ବିଶ୍ୱରେ ଶିଳ୍ପପତିମାନେ ଶ୍ରମିକ ଅନୁକୂଳ ପରିବର୍ତ୍ତେ ଅଧିକରୁ ଅଧିକ ଶ୍ରମଅନୁକୂଳ ହେବାର ଦେଖାଯାଉଛି। କମ୍ ପାରିଶ୍ରମିକରେ ଅଧିକ ସମୟ ଖଟାଇ ଅଧିକ କାମ ଆଦାୟ କରିବାର ମାନସିକତା ଯେ ପର୍ଯ୍ୟନ୍ତ ହଟିନାହିଁ ନୂଆ ଶ୍ରମ ଆଇନର ଉପକାରିତା ଓ ଉପଯୋଗିତା ଫଳପ୍ରସୂ ହେବ ନାହିଁ। ସେହିପରି ଯାନ୍ତ୍ରିକ ଯୁଗରେ ବିଶେଷକରି ଏଆଇର ଆତ୍ମପ୍ରକାଶ ପରେ ଶାରୀରିକ ଶ୍ରମ ଓ ମାନବ ସମ୍ବଳର ଆବଶ୍ୟକତା ଓ ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି। ଏପରି କ୍ଷେତ୍ରରେ ନୂଆ ଶ୍ରମ ସଂହିତା ମାନବ ସମ୍ବଳ ଓ ନିଯୁକ୍ତି କ୍ଷେତ୍ରକୁ କେତେ ସୁରକ୍ଷା ଦେଇପାରିବ ଏବଂ ସର୍ବନିମ୍ନ କାର୍ଯ୍ୟ ଘଣ୍ଟା କେତେ ହେବ ତାହା ସ୍ପଷ୍ଟ ହୋଇନାହିଁ।

ସାମଗ୍ରିକ ଭାବେ ବିଚାର କଲେ ନୂଆ ଶ୍ରମ ସଂହିତା ବଡ଼ ବଡ଼ ଶିଳ୍ପ ସଂସ୍ଥାଙ୍କୁ ସୁହାଇବ ଏବଂ କ୍ଷୁଦ୍ର ଶିଳ୍ପ ସଂସ୍ଥାଙ୍କ ପାଇଁ ଅନେକ ଆହ୍ୱାନ ଓ ସମସ୍ୟା ସୃଷ୍ଟି କରିବ। ଏପରିକି ଭାରତର ଶ୍ରମ ବଜାରରେ ଚୀନ୍ ଶ୍ରମିକଙ୍କ ଆଧିପତ୍ୟ ବଢ଼ିବ ଏବଂ ରାଜ୍ୟ-ରାଜ୍ୟ ମଧ୍ୟରେ ଅର୍ଥନୈତିକ ଅଭିବୃଦ୍ଧିର ବୈଷମ୍ୟ ଆହୁରି ଉତ୍କଟ ହେବ ବୋଲି କେତେକ ଶିଳ୍ପ ସଂସ୍ଥା ମତ ଦେଇଛନ୍ତି।

ନୂଆ ଶ୍ରମ ସଂହିତା ଅଧିକ ସଂଖ୍ୟକ ଘରୋଇ ଶିଳ୍ପ ସଂସ୍ଥା ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରମାନଙ୍କୁ କ୍ଷମତାପ୍ରାପ୍ତ ଓ ସୁଯୋଗ ପ୍ରଦାନ କରିଥିବା କୁହାଯାଉଛି। କିନ୍ତୁ ଅର୍ଥନୀତିର ଚାରି ପ୍ରମୁଖ ବାହକଙ୍କ ମଧ୍ୟରୁ କେବଳ ଶ୍ରମିକ ବ୍ୟବସ୍ଥାକୁ ସୁସଂଗତ କଲେ ଚଳିବ ନାହିଁ। ଅତ୍ୟ ତିନି କାରକ ଜମି, ପୁଞ୍ଜି ଓ ସଂଗଠନର ସୁଦୃଢ଼ୀକରଣ ଓ ସରଳୀକରଣ ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ। ସରକାରୀ ପ୍ରୋତ୍ସାହନ ସତ୍ତ୍ୱେ ଭାରତକୁ ବୈଦେଶିକ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ ଉତ୍ସାହଜନକ ଓ ଆଶାନୁରୂପ ନୁହେଁ। ଏ କ୍ଷେତ୍ରରେ ଥିବା ସର୍ତ୍ତ, କଟକଣା ଓ ନିୟମାବଳୀର ସଂଶୋଧନ ଓ ସରଳୀକରଣ ହେବା ଆବଶ୍ୟକ। ୧୯ ୯୧ ମସିହାରେ ପ୍ରଣୀତ ଯୁଗାନ୍ତକାରୀ ଓ ଐତିହାସିକ ଅର୍ଥନୈତିକ ସଂସ୍କାରରେ ଘରୋଇକରଣ ଓ ଉଦାରୀକରଣକୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। କିନ୍ତୁ ଆଜି ୩୫ ବର୍ଷ ପରେ ମଧ୍ୟ ଲାଇସେନ୍ସ ରାଜ୍‌ର ପ୍ରଭାବ ଓ ଆଧିପତ୍ୟ ଜାରି ରହିଛି। ପ୍ରଚଳିତ ବ୍ୟବସ୍ଥାରେ ଭାରତରେ ଶିଳ୍ପ ପ୍ରତିଷ୍ଠା ଓ ବ୍ୟବସାୟ କରିବାକୁ ହେଲେ ସମ୍ପୃକ୍ତ ଶିଳ୍ପ ସଂସ୍ଥା କିମ୍ବା ଉଦ୍ୟୋଗୀ ଆନୁଷଙ୍ଗିକ ୧୫୦୦ରୁ ଊର୍ଦ୍ଧ୍ୱ ଆଇନ, ୬୯, ୦୦୦ରୁ ଊର୍ଦ୍ଧ୍ୱ ଆଦେଶପତ୍ର ଓ ୬, ୫୦୦ରୁ ଊର୍ଦ୍ଧ୍ୱ ସ୍ତର ଦେଇ ଗତି କରିବାକୁ ହୁଏ। ତେଣୁ ଶ୍ରମ ଆଇନ ସହିତ ଏହିସବୁ ବ୍ୟବସ୍ଥା, ନୀତିନିୟମ ଓ କଟକଣାର ମଧ୍ୟ ସରଳୀକରଣ କରାଯିବା ଆବଶ୍ୟକ।

## # ୱି ଠୁ: ଆମେ ମଧ୍ୟ ହକ୍‌ଦାର

ଗୌରୀ ପ୍ରସାଦ ମହାପାତ୍ର

ସଦ୍ୟସମାପ୍ତ ବିହାର ବିଧାନସଭା ନିର୍ବାଚନର ଅପ୍ରତ୍ୟାଶିତ ଓ ଆଚମ୍ବିତ ଫଳରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା ମହିଳା ଭୋଟରଙ୍କ ଅଭୂତପୂର୍ବ ଅଂଶଗ୍ରହଣ। ଭାରତୀୟ ଗଣତନ୍ତ୍ରରେ ମହିଳାମାନେ ନିର୍ଣ୍ଣାୟକ ହୋଇପାରିବେ ଏବଂ ଗତାନୁଗତିକ ଧାରଣା ଓ ଅବଗଣନାକୁ ଓଲଟପାଲଟ କରିପାରିବାର ଦକ୍ଷତା ଯେ ସେମାନଙ୍କ ପାଖରେ ରହିଛି, ତାହା ପୁଣି ଥରେ ପ୍ରମାଣିତ ହୋଇଛି। କିଛିସପ୍ତାହ ପୂର୍ବରୁ ଭାରତୀୟ ମହିଳା କ୍ରିକେଟ୍ ଦଳ ବିଶ୍ୱକପ୍ ଜିତି ପ୍ରମାଣ କରିସାରିଥିଲେ ଯେ 'ଆମେ ମଧ୍ୟ ପାରିବୁ'। ଏହି ଦୁଇ ଘଟଣା ପରେ ଭାରତୀୟ ସାମାଜିକ ସମୀକରଣରେ ପରିବର୍ତ୍ତନ ଏବଂ ଲିଙ୍ଗଭେଦରେ ବିବର୍ତ୍ତନର କ୍ଷୀଣ ସମ୍ଭାବନାଟିଏ ସୃଷ୍ଟି ହୋଇଛି। କିନ୍ତୁ ଭାରତୀୟ ପୁରୁଷକୈନ୍ଦ୍ରିକ ମାନସିକତାର କଳାବାଦଲ୍ ଅପସାରଣକୁ ଏହି ନୂତନ ସମ୍ଭାବନାର ସୂର୍ଯ୍ୟୋଦୟ ଅପେକ୍ଷା କରି ରହିଛି।

ଏହା ଅନସ୍ୱୀକାର୍ଯ୍ୟ ଯେ ଜ୍ଞାନ, ବିଜ୍ଞାନ, ସାହସ, ରୋମାଞ୍ଚ, କ୍ରୀଡ଼ା ଆଦି ପ୍ରତ୍ୟେକ କ୍ଷେତ୍ରରେ ଭାରତୀୟ ମହିଳାମାନେ ପୁରୁଷଙ୍କ ସମକକ୍ଷ ହୋଇସାରିଛନ୍ତି; ସ୍ଥଳ ବିଶେଷରେ ଦୁଇପାଦ ଆଗକୁ ଯାଇଛନ୍ତି। ଏ ସବୁ ସତ୍ତ୍ୱେ ସ୍ୱାଧୀନତା ଆନ୍ଦୋଳନରୁ ଆରମ୍ଭ କରି ସ୍ୱାଧୀନୋତ୍ତର ଭାରତର ୭୯ ବର୍ଷର ଗଣତନ୍ତ୍ରର ଜୟଯାତ୍ରାରେ ମହିଳାମାନେ ଯଥୋଚିତ ନ୍ୟାୟ, ସ୍ଥାନ ଓ ସମ୍ମାନ ପାଇ ନାହାନ୍ତି- ଏହି ନିଷ୍ଠୁର ସତ୍ୟକୁ ସ୍ୱୀକାର କରିବାକୁ ହେବ। ଲିଙ୍ଗଭେଦ ଆଧାରିତ ବିଷମ ପରିବେଶରେ ସମାନ ପଦବୀରେ ନିୟୋଜିତ ମହିଳାଙ୍କ ପାରିଶ୍ରମିକ ପୁରୁଷଙ୍କ ତୁଳନାରେ ଆଜି ମଧ୍ୟ ହାରାହାରି ୪୮% କମ୍। ଦେଶର ପ୍ରଥମ ୫୦୦ ବୃହତ୍ ଶିଳ୍ପାନୁଷ୍ଠାନ ବା ବ୍ଲୁଚିପ୍ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପରିଚାଳନା ନିର୍ଦ୍ଦେଶକ ପଦରେ ମହିଳାଙ୍କ ସଂଖ୍ୟା ମାତ୍ର ୧.୬%। ଜିଡିପିରେ ୩୦% ଅବଦାନ ରଖୁଥିବା ଏବଂ ଦେଶର ୨୦ କୋଟି ଶ୍ରମଜୀବୀ ନିୟୋଜିତ ଥିବା ଏମ୍ଏସ୍ଏମ୍‌ଇର ମାତ୍ର ୨୨% ମାଲିକାନା ମହିଳାଙ୍କ ହାତରେ ରହିଛି, ଯାହାର ଲାଭାଂଶ ବା କାରବାର ନଗଣ୍ୟ। ଭାରତର ଷ୍ଟେମ୍(ସାଇନ୍‌ସ, ଟେକ୍‌ନୋଲଜି, ଇଞ୍ଜିନିୟରିଂ, ମ୍ୟାଥମେଟିକ୍ସ) ଗ୍ରାଜୁଏଟ୍‌ଙ୍କ ମଧ୍ୟରୁ ୪୩% ମହିଳା(ଆମେରିକାରେ ୩୪%, ୟୁରୋପରେ ୩୨%, ଓଇସିଡିରେ ୩୩%); ଅଥଚ ଗବେଷଣା ଓ ବିକାଶ କ୍ଷେତ୍ରରେ ମହିଳାଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ମାତ୍ର ୧୯%। କ୍ରୀଡ଼ାରେ ଉଭୟ ପୁରୁଷ ଓ ମହିଳା ସମନୈପୁଣ୍ୟ ପ୍ରଦର୍ଶନ କରୁଥିବା ବେଳେ ମହିଳାଙ୍କ ପାରିଶ୍ରମିକ ପୁରୁଷଙ୍କ ତୁଳନାରେ ନୈରାଶ୍ୟଜନକ। ବିଶ୍ୱର ସବୁଠାରୁ ବିତ୍ତଶାଳୀ କ୍ରୀଡ଼ା ସଂଗଠନ ବିସିସିଆଇ ମହିଳା ଖେଳାଳିଙ୍କ ପାରିଶ୍ରମିକ ପୁରୁଷ ଖେଳାଳିଙ୍କ ସହିତ ସମାନ କରିବା ପାଇଁ ଦୀର୍ଘଦିନ ପୂର୍ବରୁ ଘୋଷଣା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବାର ମାନସିକତା ସୃଷ୍ଟି କରିପାରିନାହିଁ। ପୁରୁଷ ପ୍ରାଧାନ୍ୟ ମାନସିକତା ଯୋଗୁଁ ମହିଳାମାନଙ୍କ ଖେଳର ସିଧା ପ୍ରସାରଣ କ୍ୱଚିତ ହୁଏ ଏବଂ ପ୍ରାୟୋଜକମାନେ କ୍ୱଚିତ ଆଗ୍ରହ ପ୍ରଦର୍ଶନ କରନ୍ତି। ଭାରତୀୟ ଧର୍ମଧାରଣାରେ ନାରୀମାନଙ୍କୁ ଆମେ ଶକ୍ତିସ୍ୱରୂପିଣୀ ଓ ଅସୁରମର୍ଦ୍ଦିନୀ ଭାବେ ପୂଜା କରୁ, ଅଥଚ ସେନାବାହିନୀରେ ମହିଳା କ୍ୟାଡରଙ୍କୁ କମିଶନ୍ ର୍‍ୟାଙ୍କ ଦେବା ପାଇଁ ଆଜି ମଧ୍ୟ ଆମେ କୁଣ୍ଠିତ।

ସନାତନ ଧର୍ମରେ ପ୍ରଗାଢ଼ ବିଶ୍ୱାସୀ ଦେବଭୂମି ଭାରତର ଅନ୍ୟତମ ବିଡ଼ମ୍ବନା ହେଉଛି ଲିଙ୍ଗଭେଦ ବିଲକ୍ଷଣଟି ପୌରାଣିକ ଯୁଗରୁ ପ୍ରବାହମାନ। ସମୟସ୍ରୋତରେ ଅନେକ କିଛି ପରିବର୍ତ୍ତନ ଘଟିଥିଲେ ମଧ୍ୟ ମହିଳାଙ୍କୁ ସମାଦର କରିବାର ମାନସିକତାରେ ଉତ୍ତରଣ ଘଟିପାରିନାହିଁ। ଆମେ ମହାଳୟାରେ ମାତୃଶକ୍ତିକୁ ଆବାହନ କରୁ; ଅଥଚ ସେଦିନର ଶ୍ରାଦ୍ଧରେ କେବଳ ପିତୃ ଓ ମାତାମହ(ଅଜା) ତିନିପୁରୁଷଙ୍କୁ ପିଣ୍ଡଦାନ ହୁଏ; ମାଆ ଓ ଆଈମାନଙ୍କୁ ନୁହେଁ। ବୈଶ୍ୱୋଦେବରେ ମଧ୍ୟ ମାତୃପକ୍ଷଙ୍କୁ ଅନ୍ନଦାନର ବିଧି ଶାସ୍ତ୍ରସମ୍ମତ ନୁହେଁ। ଏହି ଇଚ୍ଛାକୃତ ପକ୍ଷପାତିତା ବୈଦିକ ଯୁଗରୁ ପ୍ରଚଳିତ ନା ପରବର୍ତ୍ତୀ ଯୁଗରେ ପ୍ରକ୍ଷିପ୍ତ, ତାହା ଗବେଷଣାସାପେକ୍ଷ ନିଶ୍ଚୟ; କିନ୍ତୁ ପୁରୁଷପ୍ରାଧାନ୍ୟ ସାମାଜିକ ବ୍ୟବସ୍ଥାଟି କେତେ ସ୍ୱାର୍ଥପର ଏବଂ ମହିଳାଙ୍କ ପ୍ରତି କେତେ ନିଷ୍ଠୁର ତାହା ପ୍ରମାଣିତ। ସ୍ୱାମୀ ଓ ପିଲାମାନଙ୍କର ଅଇଁଠା ଥାଳିରେ କିମ୍ବା ସେମାନେ ଛାଡ଼ିଥିବା ଖାଦ୍ୟ ଖାଇବା ଆଜି ମଧ୍ୟ ମହିଳାମାନଙ୍କର ଭାଗ୍ୟଲିଖନ। ଯିଏ ରାନ୍ଧିବ ସିଏ ଗରମ ସଜ ଖାଇବାର ଅଧିକାର କିମ୍ବା ଅନୁମତି ନାହିଁ। ବୋଧହୁଏ ଏହି ମାନସିକତା ଆଧାରରେ ମହାଳୟା କିମ୍ବା ବୈଶ୍ୱୋଦେବରେ ମହିଳାମାନଙ୍କୁ ଅନ୍ନଦାନର ବିଧିଟି ଉଠାଇ ନିଆଯାଇଛି ଏବଂ ଦିବଙ୍ଗତ ପୁରୁଷମାନଙ୍କୁ ଅର୍ପଣ ଅନ୍ନର ଉଚ୍ଛିଷ୍ଟ ସେମାନଙ୍କ ଦିବଙ୍ଗତ ଧର୍ମପତ୍ନୀମାନେ ଗ୍ରହଣ କରିବାର ପରମ୍ପରାଟି ଆମେ ଇହଲୋକରୁ ବିନା ବାଧାରେ ପିତୃଲୋକ ପର୍ଯ୍ୟନ୍ତ ପରିବ୍ୟାପ୍ତ କରିଦେଇଛୁ। ଯେଉଁ ମାଆ ପିଲାକୁ ଜନ୍ମରୁ ଖୁଆଇ ପିଆଇ ଅଲିଅର୍ଦ୍ଦଳି ସହି ମଣିଷ କଲା, ତା'କୁ ହିଁ ତା'ର ଅବର୍ତ୍ତମାନରେ ଅନ୍ନଦାନରୁ ବଞ୍ଚିତ କରିବା କେଉଁ ଶାସ୍ତ୍ର ଓ ତର୍କସମ୍ମତ? ଏହି ଅବାଞ୍ଛିତ ଓ ଅମାନବିକ ଧାରାଟିକୁ କ'ଣ ବଦଳା ଯାଇପାରିବ ନାହିଁ?

ସ୍ୱାଭାବିକ ଭାବରେ ଆମର ପୁରୁଷକୈନ୍ଦ୍ରିକ ସମାଜ ବ୍ୟବସ୍ଥାରେ ସୀତାମାନେ ହିଁ ଅଗ୍ନି ପରୀକ୍ଷା ଦିଅନ୍ତି; ଅହଲ୍ୟାମାନେ ହିଁ ପାଷାଣୀ ହୁଅନ୍ତି; ମାଙ୍ଗଳିକ ଉତ୍ସବରେ ଅପୁତ୍ରିକାଙ୍କ ଉପସ୍ଥିତି ଅଶୁଭ; ଅମଙ୍ଗୁଳା କନ୍ୟା ପ୍ରଥମେ ଶାହାଡ଼ା କିମ୍ବା କଦଳୀଗଛକୁ ବିବାହ କରିବାକୁ ଏବଂ ବିଧବାମାନେ ସନ୍ନ୍ୟାସିନୀର ଜୀବନ ଜିଇଁବାକୁ ଓ ହବିଷାନ୍ନ ଗ୍ରହଣ କରିବାକୁ ବାଧ୍ୟ। ଏତେ ସବୁ ଅପମାନ ଓ ଅପବାଦ କେବଳ ମହିଳାମାନଙ୍କ ପାଇଁ ହିଁ ସତେଯେପରି ବିଧିନିର୍ଦ୍ଦିଷ୍ଟ। ଅଥଚ ସମଦଶାଭୋଗୀ ପୁରୁଷମାନେ କଟକଣାମୁକ୍ତ। ପାରିବାରିକ ହିଂସା, ଯୌନ ଅତ୍ୟାଚାର, ଡାହାଣୀ ଅପବାଦ ଆଦି ନିର୍ଯ୍ୟାତନା, ଶୋଷଣର କୁତ୍ସିତ ଅବାଞ୍ଛିତ ଧାରା ସହିତ ମହିଳାମାନେ ଅଧିକାଂଶ ଯୋଡ଼ି ହୋଇଯା'ନ୍ତି। ଅଥଚ ସ୍ୱର ଉତ୍ତୋଳନର କ୍ଷମତା, ଅଧିକାର ଓ ସୁଯୋଗ ସେମାନଙ୍କ ପାଖରେ ନଥାଏ। ତେଣୁ ୨୦୦୬ରେ ଜନ୍ମ ନେଇ ୨୦୧୭ ରେ ଯୁଗାନ୍ତକାରୀ ବିପ୍ଳବ ଆଣିଥିବା '# ମି ଠୁ' ଆନ୍ଦୋଳନ ପର୍ଯ୍ୟନ୍ତ ଉଚ୍ଚ ପଦପଦବୀରେ ଅଧିଷ୍ଠିତ, ସମ୍ଭ୍ରାନ୍ତ ଓ ପ୍ରତିପତ୍ତିଶାଳୀ ଧନାଢ୍ୟ ମହିଳାମାନେ ମଧ୍ୟ ଭୋଗୁଥିବା ନିର୍ଯ୍ୟାତନା ବିରୋଧରେ ସ୍ୱର ଉତ୍ତୋଳନ କରିବାର ସାହସ ଜୁଟାଇ ପାରି ନଥିଲେ। ଏହି ଆନ୍ଦୋଳନ ଅନେକ ନକଲି ଭଦ୍ରମୁଖାଧାରୀଙ୍କ ଅସଲି ଚେହେରାର ଉନ୍ମୋଚନ କରିଥିଲା। ଏହିକ୍ରମରେ ଏବେ ସମୟ ଆସିଛି '# ୱି ଠୁ: ଆମେ ମଧ୍ୟ ହକ୍‌ଦାର' - ଅଭିଯାନ ଆରମ୍ଭ କରିବାର।

ମହିଳାଙ୍କ ଏହି ହକ୍ ବା ଅଧିକାର ପାଇଁ କିନ୍ତୁ ଲଢ଼ିବ କିଏ? ଦେଶର ୭୫ ବର୍ଷର ନ୍ୟାୟିକ ଇତିହାସରେ ଏ ପର୍ଯ୍ୟନ୍ତ ମାତ୍ର ୧୧ ଜଣ ମହିଳା ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରପତି ଭାବେ ନିଯୁକ୍ତି ପାଇଛନ୍ତି ଏବଂ ଏବେ ମାତ୍ର ଜଣେ ଅଛନ୍ତି। ଦେଶର ୨୫ଟି ଉଚ୍ଚ ନ୍ୟାୟାଳୟରେ ମହିଳା ବିଚାରପତିଙ୍କ ସଂଖ୍ୟା ମାତ୍ର ୭୬ ବା ୧୧.୭% ଥିବା ବେଳେ ଜିଲ୍ଲା ଅଦାଲତମାନଙ୍କରେ ସେମାନଙ୍କ ନିଯୁକ୍ତି ହାର ୨୮%। ସ୍ୱାଧୀନ ଗଣତାନ୍ତ୍ରିକ ଭାରତବର୍ଷରେ ୨୦୨୫ ନଭେମ୍ବର ସୁଦ୍ଧା ନୀତି ନିର୍ଦ୍ଧାରଣର ସର୍ବୋଚ୍ଚ ଅନୁଷ୍ଠାନ ଲୋକସଭା ଓ ରାଜ୍ୟସଭାରେ ମହିଳା ଜନପ୍ରତିନିଧି ହାର ଯଥାକ୍ରମେ ୧୩% ଓ ୧୭%। ସାମଗ୍ରିକ ଭାବେ ସବୁରାଜ୍ୟର ବିଧାନପାଳିକାରେ ସେମାନଙ୍କ ହାରାହାରି ସଂଖ୍ୟା ମାତ୍ର ୧୦%। ଜନସଂଖ୍ୟାରେ ପ୍ରାୟ ଅଧା ଅଂଶ ଥିବା ମହିଳାମାନଙ୍କ ପାଇଁ ବିଧାନପାଳିକାରେ ଏକ-ତୃତୀୟାଂଶ ସ୍ଥାନ ସଂରକ୍ଷଣ ଲାଗି ଆମ ସଂସଦ କୁଣ୍ଠିତ। ବାଧ୍ୟବାଧକତାରେ ୨୦୨୩ରେ ଏ ସମ୍ପର୍କିତ ଆଇନ ପ୍ରଣୟନ ହୋଇଥିଲେ ମଧ୍ୟ ୨୦୨୯ ପର୍ଯ୍ୟନ୍ତ ଗଡ଼ାଇ ନେବାରେ ପୁରୁଷକୈନ୍ଦ୍ରିକ ମାନସିକତାର ପ୍ରତିଫଳନ ସ୍ପଷ୍ଟ। ତେଣୁ ପୁଣି ସନ୍ଦେହ ବିଜଡ଼ିତ ପ୍ରଶ୍ନଟିଏ ଉଠିବା ସ୍ୱାଭାବିକ ଯେ ମହିଳା ସଶକ୍ତୀକରଣ ସ୍ଲୋଗାନ୍‌କୁ ବାସ୍ତବବାଦୀ କରିବା ଲାଗି ଆବଶ୍ୟକ ନୀତି ନିର୍ଦ୍ଧାରଣ ଓ ରୂପାୟନ କରିବ କିଏ?

ବିଖ୍ୟାତ ଆମେରିକୀୟ ସମାଜିକ କର୍ମୀ, ସାମ୍ବାଦିକ, ସ୍ତମ୍ଭକାର ଗ୍ଲୋରିଆ ଷ୍ଟିନେମ୍‌ଙ୍କ 'ଇଫ୍ ମେନ୍ କୁଡ୍ ମେନ୍‌ଷ୍ଟ୍ରୁଏଟ୍'(ପୁରୁଷମାନଙ୍କର ମଧ୍ୟ ଯଦି ଋତୁସ୍ରାବ ହେଉଥା'ନ୍ତା) ଶୀର୍ଷକ ଆଲେଖ୍ୟଟିଏ ୧୯୭୮ ମସିହାରେ ପ୍ରକାଶ ପାଇଥିଲା। ସେହି ଆଲେଖ୍ୟ ଆଧାରରେ ପ୍ରଖ୍ୟାତ ଭାରତୀୟ ବ୍ୟଙ୍ଗକାର ଉରୁଜ୍ ଆଶ୍‌ଫାକ୍ ଏକ ହାସ୍ୟୋଦ୍ଦୀପକ ଅଥଚ ଚେତନାଧର୍ମୀ ସମ୍ବେଦନଶୀଳ କଥାଟିଏ କହିଥିଲେ, ଯାହାର ମର୍ମାନୁବାଦ ହେଉଛି, 'ଯଦି ପୁରୁଷମାନଙ୍କର ଋତୁସ୍ରାବ ହେଉଥା'ନ୍ତା, ତେବେ ୧୫୦ ଥର ପରେ ସେମାନେ ଜୟନ୍ତୀ ପାଳନ କରୁଥା'ନ୍ତେ, ଏକ ଋତୁସ୍ରାବ ମନ୍ତ୍ରଣାଳୟ ଏବଂ ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିଟିଏ ଗଠନ ହୋଇସାରିଥା'ନ୍ତା। ଅଥଚ ମହିଳାମାନଙ୍କ ପାଇଁ ଛୁଟିଟିଏ ମଧ୍ୟ ମଞ୍ଜୁର ହୋଇପାରୁନାହିଁ।'

ଏଭଳି ସ୍ୱାର୍ଥସର୍ବସ୍ୱ ଓ ଅନ୍ଧବିଶ୍ୱାସର ପରିବେଶରେ ଆଶା, ଆଶ୍ୱାସନା ଓ ପ୍ରେରଣାର କ୍ଷୀଣ କିରଣଟିଏ ଦେଖାଯାଉଛି। ମହିଳାମାନେ ସ୍ମରଣ କରିବା ଆବଶ୍ୟକ ଯେ ଭାରତର କୃଷି କ୍ଷେତ୍ରରେ ନିୟୋଜିତ ମାନବ ସମ୍ବଳରେ ମହିଳାଙ୍କ ଅବଦାନ ୬୦%। ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଆଶା କର୍ମୀ ଆଜି ଦେଶର ଜନସ୍ୱାସ୍ଥ୍ୟର ମେରୁଦଣ୍ଡ ଏବଂ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଅଙ୍ଗନବାଡ଼ି ଦିଦି ଶିକ୍ଷା ବ୍ୟବସ୍ଥାର ଭିତ୍ତିଶିଳା। ତ୍ରିସ୍ତରୀୟ ଶାସନ ବ୍ୟବସ୍ଥାର ତୃଣମୂଳସ୍ତରରେ ମହିଳାମାନଙ୍କ ଉପସ୍ଥିତି ୩୩%; ଓଡ଼ିଶା ପରି କେତେକ ରାଜ୍ୟରେ ଏହା ୫୦%। ସେଠାରୁ ଆରମ୍ଭ ହେଉ ଏହି ଅଭିଯାନ। '# ୱି ଠୁ' ଏହି ସ୍ୱର ତୃଣମୂଳସ୍ତରରୁ ଆରମ୍ଭ ହୋଇ ଜାତୀୟ ଆନ୍ଦୋଳନର ରୂପ ନେଉ। ମହିଳାମାନେ ନିଜକୁ ଦୃଢ଼ ଭାବେ ଉପସ୍ଥାପନ କରନ୍ତୁ ଯେ ପ୍ରଗତି ଯାତ୍ରାରେ ଏବଂ ସ୍ୱାଧୀନତାର ଅମୃତକାଳରେ ସେମାନେ କେବଳ ଅଂଶୀଦାର ନୁହନ୍ତି, ସେମାନେ ହିଁ ଚାଳକ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ଅମୃତରେ ବିଷ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଅମୃତ ରୂପେ ବିଦିତ କ୍ଷୀର ଭାରତରେ ପ୍ରଚୁର ପରିମାଣରେ ବ୍ୟବହୃତ ହୁଏ। କିନ୍ତୁ ଏହାର ପୁଷ୍ଟିକର ଖ୍ୟାତି ପଛରେ ଗମ୍ଭୀର ପ୍ରଶ୍ନଟିଏ ରହିଛି, ଯାହା ଜନସ୍ୱାସ୍ଥ୍ୟ ଓ ଗ୍ରାହକଙ୍କ ବିଶ୍ୱାସ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ପାଣି, ଷ୍ଟାର୍ଚ୍ଚ, ଡିଟରଜେଣ୍ଟ, ୟୁରିଆ, କଷ୍ଟିକ୍ ସୋଡା, ମାଲ୍ଟୋଡେକ୍ସଟ୍ରିନ୍ ଓ ଅତ୍ୟନ୍ତ ବିପଜ୍ଜନକ ରାସାୟନିକ ପଦାର୍ଥ କ୍ଷୀରରେ ମିଶାଯାଏ। ପରିମାଣ ବୃଦ୍ଧି କରିବା, ପରିଚୟ ପରିବର୍ତ୍ତନ କରିବା କିମ୍ବା ଗୁଣବତ୍ତା ପରୀକ୍ଷାକୁ ଠକିବା ପାଇଁ ଏଗୁଡ଼ିକୁ ବ୍ୟବହାର କରାଯାଏ। ପେରୋକ୍ସାଇଡ୍ କର୍କଟ ରୋଗ ସୃଷ୍ଟିକାରୀ ବୋଲି ଜଣାଶୁଣା। ଏହା ମଧ୍ୟ ଯକୃତ ଓ ବୃକ୍କ ଭଳି ଅଙ୍ଗ ଉପରେ କୁପ୍ରଭାବ ପକାଇଥାଏ। ପ୍ରଚୁର ଆର୍ଥିକ ଲାଭ ପାଇଁ ଏହି ଅନୈତିକ କାରବାର କ୍ଷୀରର ପ୍ରାକୃତିକ ପୁଷ୍ଟିକର ଗୁଣବତ୍ତା ଓ ମୂଲ୍ୟକୁ କ୍ଷତି ପହଞ୍ଚାଇବା ସହ ଗ୍ରାହକଙ୍କ ସ୍ୱାସ୍ଥ୍ୟ ଓ ଜୀବନ ପାଇଁ ଗମ୍ଭୀର ବିପଦ ସୃଷ୍ଟି କରେ।

ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ପକ୍ଷରୁ ସରକାରୀ ଭାବେ ତିନି ବର୍ଷ ମଧ୍ୟରେ ନିଆଯାଇଥିବା ଦୁଗ୍ଧଜାତ ଦ୍ରବ୍ୟର ନମୁନା ପରୀକ୍ଷଣ ସମ୍ପର୍କିତ ତଥ୍ୟ ପ୍ରକାଶ କରିଛନ୍ତି। ଏହି ସଂସ୍ଥାର ରିପୋର୍ଟ ଅନୁଯାୟୀ ଫର୍ମାଲିନ୍ ଓ ହାଇଡ୍ରୋଜେନ୍(କ୍ଷୀରରେ ଚର୍ବି ବୃଦ୍ଧି ପାଇଁ ବ୍ୟବହୃତ) ଭଳି ରାସାୟନିକ ପଦାର୍ଥ ସହିତ ଅପମିଶ୍ରିତ କ୍ଷୀର ପ୍ରସ୍ତୁତି ତାଲିକାରେ ଉତ୍ତରପ୍ରଦେଶ ଶୀର୍ଷରେ ଅଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ଉତ୍ତରପ୍ରଦେଶର ଅନେକ ସହରରେ କ୍ଷୀର ଅପମିଶ୍ରଣ ଜନିତ ଘଟଣା ପଦାକୁ ଆସିଛି। ତାଲିକାରେ ରାଜସ୍ଥାନ ଦ୍ୱିତୀୟ, ତାମିଲନାଡୁ ତୃତୀୟ ଓ କେରଳ ଚତୁର୍ଥ ସ୍ଥାନରେ ଅଛି। ଉତ୍ତରପ୍ରଦେଶରେ ଅପମିଶ୍ରିତ କ୍ଷୀର ବିକ୍ରୟ କରୁଥିବା ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ସମୁଦାୟ ୧୯୨୮ଟି ମାମଲା ପଞ୍ଜୀକୃତ ହୋଇଛି। ତାମିଲନାଡୁରେ ୯୪୪, କେରଳରେ ୭୩୭, ମହାରାଷ୍ଟ୍ରରେ ୧୯୧ ଓ ବିହାରରେ ୧୭୪ ମାମଲା ପଞ୍ଜୀକୃତ ହୋଇଛି।

ଆମୋନିଆ ଓ ୟୁରିଆ ଦ୍ୱାରା ସୃଷ୍ଟି ହେଉଥିବା ସ୍ୱାଦକୁ ଲୁଚାଇବା ପାଇଁ ଏବେ ଷ୍ଟାର୍ଚ୍ଚ ମିଶାଯାଉଛି। ମେସିନ୍ ଓ ଲ୍ୟାବ ପରୀକ୍ଷା ବିନା ଅପମିଶ୍ରିତ କ୍ଷୀର ଚିହ୍ନଟ କରିବା କ୍ରମଶଃ କଷ୍ଟକର ହୋଇପଡୁଛି। ଜାତୀୟ କ୍ଷୀର ସୁରକ୍ଷା ଓ ଗୁଣବତ୍ତା ସର୍ବେକ୍ଷଣ ତଥ୍ୟ ଅନୁଯାୟୀ ମାନବ ସ୍ୱାସ୍ଥ୍ୟ ପାଇଁ ହାଇଡ୍ରୋଜେନ ପେରକ୍ସାଇଡ, ୟୁରିଆ ଓ ଡିଟରଜେଣ୍ଟ ସହିତ ଦୂଷିତ କ୍ଷୀରକୁ ଅସୁରକ୍ଷିତ ଘୋଷଣା କରାଯାଇଛି। ତଥ୍ୟ ଅନୁଯାୟୀ ଭାରତ ଉତ୍ପାଦନ ଅପେକ୍ଷା ଅଧିକ କ୍ଷୀର ବ୍ୟବହାର କରୁଥିବାରୁ ଏଭଳି କୃତ୍ରିମ କ୍ଷୀରର ବଜାର ଅଂଶ ବଢ଼ିବାରେ ଲାଗିଛି। ଭାରତରେ କ୍ଷୀର ଉତ୍ପାଦନ ୨୦୧୩-୧୪ ରେ ୧୪.୬୯ କୋଟି ଟନ୍‌ରୁ ବୃଦ୍ଧି ପାଇ ଆଜି ୨୩.୦୬ କୋଟି ଟନ୍‌ରେ ପହଞ୍ଚିଛି। ବିଶ୍ୱରେ ହାରାହାରି ବାର୍ଷିକ ଦୁଗ୍ଧ ଉତ୍ପାଦନ ଅଭିବୃଦ୍ଧି ହାର ୨%। ଭାରତରେ ଏହା ପ୍ରତିବର୍ଷ ୬% ହାରରେ ବୃଦ୍ଧି ପାଉଛି।

ଭାରତରେ କ୍ଷୀର ଉତ୍ପାଦନ କ୍ଷେତ୍ରରେ ନିୟୋଜିତ ୬୮ ପ୍ରତିଶତ ସଂସ୍ଥା ଅସଂଗଠିତ। ଏହାକୁ ସଂଗଠିତ ଓ ଉତ୍ପାଦନ ବୃଦ୍ଧି କରିବା ପାଇଁ ସରକାରୀ ପ୍ରୟାସ ଜାରି ରହିଛି। ବର୍ତ୍ତମାନ ଦେଶରେ କ୍ଷୀର ଉତ୍ପାଦନର ମୂଲ୍ୟ ବାର୍ଷିକ ୧୧.୧୬ ଲକ୍ଷ କୋଟି ଟଙ୍କା। କେନ୍ଦ୍ର ପଶୁପାଳନ ଓ ଦୁଗ୍ଧ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଦେଶରେ ଗୋରୁଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ବିଶେଷକରି ଗାଈଙ୍କ ସଂଖ୍ୟା ୧୯.୦୯ କୋଟିରୁ ୧୯.୩୦ କୋଟିକୁ ଏବଂ ମଇଁଷିଙ୍କ ସଂଖ୍ୟା ୧୦.୮ କୋଟିରୁ ୧୧କୋଟିକୁ ବୃଦ୍ଧି ପାଇଛି। ପଶୁପାଳନ ଓ ଦୁଗ୍ଧ ଶିଳ୍ପରେ ୧୨ କୋଟିରୁ ଅଧିକ ଲୋକ ନିଯୁକ୍ତ ଓ ଜଡ଼ିତ ହୋଇଛନ୍ତି।

ଭାରତ, ଆମେରିକା ଓ ୟୁରୋପ ସମେତ ଅନେକ ଦେଶରେ ଅପମିଶ୍ରଣ କ୍ଷୀର ବିରୋଧରେ କଠୋର ଆଇନ ଅଛି। ଚୀନରେ ମୃତ୍ୟୁଦଣ୍ଡର ବ୍ୟବସ୍ଥା ଅଛି। ଖାଦ୍ୟରେ ଭେଜାଲ, ବିଶେଷକରି ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟକୁ ଏକ ଗମ୍ଭୀର ଅପରାଧ ଭାବରେ ବିବେଚନା କରାଯାଏ। ଚୀନରେ୨୦୦୮ ମସିହାରେ ମେଲାମାଇନ୍ ଦୁର୍ନୀତି ପରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଏହି ଦୁର୍ନୀତି ଫଳରେ ଭେଜାଲ କ୍ଷୀର ଓ ପାଉଡର ଯୋଗୁଁ ହଜାର ହଜାର ପିଲା ଅସୁସ୍ଥ ଓ ମୃତ୍ୟୁବରଣ କରିଥିଲେ। ଦୋଷୀ ସାବ୍ୟସ୍ତ ହୋଇଥିବା ଲୋକଙ୍କୁ ଆଜୀବନ କାରାଦଣ୍ଡ ଓ ମୃତ୍ୟୁଦଣ୍ଡ ମଧ୍ୟ ଦିଆଯାଇଥିଲା।

ଏହି ପରିପ୍ରେକ୍ଷୀରେ କ୍ଷୀର ଉତ୍ପାଦକମାନଙ୍କୁ ନୈତିକ ମାନଦଣ୍ଡ ପାଳନ କରିବାକୁ ପଡ଼ିବ ଏବଂ ଲାଭ ଅପେକ୍ଷା ଗୁଣବତ୍ତା ଓ ଜନସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ହେବ। ଏହି ସମସ୍ୟାର ସମାଧାନ ପାଇଁ ନୀତି ନିର୍ଦ୍ଧାରକ, ନିୟାମକ, ଦୁଗ୍ଧ ଶିଳ୍ପ ଓ ଗ୍ରାହକଙ୍କ ମିଳିତ ପ୍ରୟାସ ଆବଶ୍ୟକ। ବିଭିନ୍ନ ପ୍ରକାରର ଭେଜାଲକୁ ସଠିକ୍ ଭାବରେ ଚିହ୍ନଟ କରୁଥିବା ଉନ୍ନତ ପରୀକ୍ଷଣ ପ୍ରଯୁକ୍ତିବିଦ୍ୟା ବିକାଶ ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ସରକାର କଠୋର ଖାଦ୍ୟ ସୁରକ୍ଷା ନିୟମାବଳୀ କାର୍ଯ୍ୟକାରୀ କରିବା ଆବଶ୍ୟକ, ଯେଉଁଥିରେ ମୃତ୍ୟୁଦଣ୍ଡ, ଆଜୀବନ କାରାଦଣ୍ଡ ଓ ଜରିମାନା ଅନ୍ତର୍ଭୁକ୍ତ ହେବା ଉଚିତ। ଗ୍ରାହକ ସଚେତନତା ଓ ନୈତିକ ଆଚରଣକୁ ପ୍ରୋତ୍ସାହିତ କରି ଆମେ ଜନସ୍ୱାସ୍ଥ୍ୟକୁ ସୁରକ୍ଷା ଦେଇପାରିବା। ଏହା ଦୁଗ୍ଧକୁ ସୁରକ୍ଷିତ ଏବଂ ପୁଷ୍ଟିକର ଅଂଶ ଭାବରେ ରହିବାକୁ ନିଶ୍ଚିତ କରିବ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

### ପାଷାଣଭେଦୀ

Fringed Bergenia or Hairy Leaf Bergenia - Bergenia ciliata

ପ୍ରକୃତି-ପରିବେଶ

ପାଷାଣଭେଦୀ ହିମାଳୟର ନାତିଶୀତୋଷ୍ଣ ଅଞ୍ଚଳରେ ୮୦୦ ରୁ ୩, ୦୦୦ ମିଟର ଉଚ୍ଚତା ମଧ୍ୟରେ ଦେଖିବାକୁ ମିଳେ। ଭାରତରେ ଏହା ଲୁସାଇ ପାହାଡ଼, ପଶ୍ଚିମବଙ୍ଗ, ଅରୁଣାଚଳ ପ୍ରଦେଶ, ମେଘାଳୟ, ହିମାଳୟ(କୁମାଉଁ), କ୍ୟୋଙ୍ଗନୋସଲା, କାର୍ପୋନାନାଗ, ସିକିମର ଗ୍ୟାଙ୍ଗଟକ ଓ ଉତ୍ତରାଖଣ୍ଡରେ ପ୍ରାକୃତିକ ଭାବରେ ବଢୁଥିବା ଜଣାଯାଏ। ଏହା ଏକ ପ୍ରମୁଖ ଆୟୁର୍ବେଦ ଔଷଧୀୟ ଉଦ୍ଭିଦ ଭାବରେ ଜଣାଶୁଣା, ଏବଂ ଭାରତରେ ଏହାକୁ ସାଧାରଣତଃ 'ପଥର ଫୋଡ଼ ବୁଟି' ଅର୍ଥାତ 'ପତ୍ରକୁ ଫଟାଇବା କ୍ଷୁପ' ବୋଲି କୁହାଯାଏ। ଏହାର ଫୁଲକୁ ଉତ୍ତରାଖଣ୍ଡର ପ୍ରସିଦ୍ଧ 'ଫୁଲ ଦେଇ ମହୋତ୍ସବ' ସମୟରେ ଅର୍ପଣ କରାଯାଏ।

ପାଷାଣଭେଦୀ ଏକ ଛୋଟ ବହୁବର୍ଷୀୟ ରାଇଜୋମାଟସ୍ ବା ଧାବକ କନ୍ଦ ବିଶିଷ୍ଟ କ୍ଷୁପ, ଯାହା ପ୍ରାୟ ୩୦ ସେମି ପର୍ଯ୍ୟନ୍ତ ବଢ଼ିଥାଏ। ଏହାର ଧାବକ କନ୍ଦ କଠିନ, ଉଚ୍ଚା ନୀଚା ଧାର ସହିତ ପିମ୍ପା ଆକାରର, ନଳାକାର, ଅନେକ ଛୋଟ ମୂଳ ବା ଚେର ବହନ କରିଥାଏ। ଲମ୍ବା ଡେମ୍ଫ ବିଶିଷ୍ଟ ପତ୍ରସଂଖ୍ୟା ଅପେକ୍ଷାକୃତ କମ୍, ବିସ୍ତାରିତ, ମସୃଣ ଓ ବର୍ତ୍ତୁଳାକାର। ଫୁଲ ଡେମ୍ଫ ଯୁକ୍ତ, ଗୋଲାପୀରୁ ବାଇଗଣୀ ବା ଧଳା ରଙ୍ଗର। ଫୁଲ ପାଖୁଡ଼ା ବର୍ତ୍ତୁଳାକାର, ଶୀର୍ଷ ଭାଗ ଦନ୍ତୁରିତ। ପୁଷ୍ପ ହର୍ମାଫ୍ରୋଡାଇଟ୍ ବା ଉଭୟ ଲିଙ୍ଗୀ। ୫ ଟି ଗୋଲାପୀ ବା ଲାଲ ରଙ୍ଗର ପାଖୁଡ଼ା ବହନ କରିଥାଏ। ଫୁକେଶର ମଣ୍ଡଳ ଅନେକ କେଶ ଧାରଣ କରେ। ଡିମ୍ବାଶୟ ୪ କିମ୍ବା ୫ ଏକତ୍ରିତ ଯୋଡ଼ି ହୋଇ ରହିଥାଏ। ଫଳ କ୍ୟାପସୁଲାର ବା ସ୍ଫୋଟକ। କାର୍ପେଲ ବା ଫଳିକା ଏବଂ ଷ୍ଟାଇଲ୍ ବା ଶଳାକା ସବୁଜ କିମ୍ବା ଗୋଲାପୀ ବର୍ଣ୍ଣ। ବିହନ ସାଧାରଣତଃ ଅନେକ।

ପାଷାଣଭେଦୀ ପାରମ୍ପରିକ ଭାବରେ ମୂତ୍ର, ପାକସ୍ଥଳୀ, ଚର୍ମ, ଫୁସଫୁସ, ଯକୃତ, ସ୍ତ୍ରୀରୋଗ, ବୃକ୍କ, ପ୍ରଦାହ ଓ ସଂକ୍ରାମକ ରୋଗ ଚିକିତ୍ସା ପାଇଁ ବ୍ୟବହୃତ ହୋଇଆସୁଛି। ବିଶେଷକରି ଏହାକୁ ବୃକକ୍‌ରେ ପଥର ତରଳାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଔଷଧ ଭାବରେ ବ୍ୟବହାର କରାଯାଉଥିବାରୁ ଭାରତୀୟ ଚିକିତ୍ସାରେ ଏହାକୁ 'ପାଷାଣଭେଦୀ' (ପଥର ତରଳାଇବା) ଭାବେ ପରିଚିତ। ଏହାର ମଧ୍ୟ ଜ୍ୱର, ପତଳାଝାଡ଼ା, ଫୁସଫୁସ ସଂକ୍ରମଣ, ମାଂସପେଶୀ ପୀଡ଼ା, ଲ୍ୟୁକୋରିଆ, ପାଇଲ୍ସ ବା ଅର୍ଶ, ପ୍ଲୀହା ବୃଦ୍ଧି, କାଶ, ଥଣ୍ଡା, ହୃଦରୋଗ, ଚକ୍ଷୁ ରୋଗ ଉପଶମରେ ବ୍ୟବହୃତ ହୁଏ। ପାଷାଣଭେଦୀରେ ବର୍ଗେନିନ୍, କ୍ୟାଟେଚିନ୍, ଗାଲିକ୍ ଏସିଡ୍, ଗାଲିସିନ୍, କ୍ୟାଟେଚିନ୍-୭-ଓ-ଗ୍ଲୁକୋସାଇଡ୍, ବିଟା-ସିଟୋଷ୍ଟେରୋଲ୍, ପାଶନୋଲାକ୍ଟୋନ୍, ସିଟୋଇଣ୍ଡୋସାଇଡ୍, କ୍ୱେରସିଟିନ୍, ଆଫ୍ଟେଲେଚିନ୍, ଫାଇଟୋକେମିକାଲ, ଉଚ୍ଚ ଆଣ୍ଟିଫଙ୍ଗାଲ୍, ଆଣ୍ଟିଭାଇରାଲ୍, ଆଣ୍ଟିପ୍ଲାଜମୋଡିଆଲ୍ ଓ ଆଣ୍ଟିବ୍ୟାକ୍ଟେରିଆଲ୍ ଦ୍ରବ୍ୟ ଗୁଣ ରହିଛି। ଏଥିସହିତ ବିଭିନ୍ନ ଶ୍ରେଣୀର ଯୌଗିକ ରସାୟନ ଯଥା ଫିନୋଲ୍, ଆଲକୋହଲ୍, ଟେର୍ପେନୋଏଡ୍, ଫ୍ୟାଟି ଏସିଡ୍, ଟାନିକ୍ ଏସିଡ୍, ଆଲବୁମେନ୍, ମ୍ୟୁସିଲେଜ୍, ଗ୍ଲୁକୋଜ୍, ମହମ, ମେଟାର୍ବିନ୍ ଓ ଖଣିଜ ଲବଣ ସହିତ ଜଡ଼ିତ ବିଭିନ୍ନ ପ୍ରକାରର ଦ୍ୱିତୀୟ ମେଟାବୋଲାଇଟ୍ ପୃଥକ ହୋଇଥିବା ରିପୋର୍ଟ କରାଯାଇଛି। ଆୟୁର୍ବେଦ ଚିକିତ୍ସା ପଦ୍ଧତିରେ ଏହାକୁ ସାଧାରଣତଃ ଟନିକ୍ ଭାବେ ବ୍ୟବହାର କରାଯାଏ। ପାଷାଣଭେଦୀର ସର୍ବାଧିକ ବ୍ୟବହୃତ ଅଂଶ ହେଉଛି ରାଇଜୋମ୍ ଓ ମୂଳ। ପାରମ୍ପରିକ ଚିକିତ୍ସକମାନେ ଏହାକୁ ପ୍ରାୟତଃ ପାଉଡର ଆକାରରେ ବ୍ୟବହାର କରନ୍ତି।

ଏହା ସାଧାରଣତଃ ପଥୁରିଆ ପାହାଡ଼ରେ ମିଳିଥାଏ। ଉଦ୍ଭିଦଟି ପଥର ମଧ୍ୟରେ ଉତ୍ପନ୍ନ ହୁଏ ଏବଂ ସେଗୁଡ଼ିକୁ ଭାଙ୍ଗିବା ପରି ଦେଖାଯାଏ କିମ୍ବା ଏଥିରେ ଲିଥୋଟ୍ରିପ୍ଟିକ୍ ଗୁଣ ଥାଏ। ପାଷାଣଭେଦୀ ଆର୍ଦ୍ର ଏବଂ ଛାଇ ଅଞ୍ଚଳରେ ଭଲ ଭାବରେ ବଢେ। କେତେକ ସମୟରେ ଖାଦ୍ୟ ପାଇଁ ମଧ୍ୟ ଏହି ଉଦ୍ଭିଦକୁ ଜଙ୍ଗଲରୁ ଅମଳ କରାଯାଏ। ଭାରତରେ ଏହାର ଏପର୍ଯ୍ୟନ୍ତ ଚାଷ କରାଯାଉଥିବା ଜଣାଯାଏ ନାହିଁ। ଏହି ଉଦ୍ଭିଦକୁ ଦୁର୍ବଳ ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଛି। ଏହାକୁ ଜାତୀୟ ଔଷଧୀୟ ଉଦ୍ଭିଦ ବୋର୍ଡ, ଆୟୁଷ ମନ୍ତ୍ରଣାଳୟର ଯୋଜନା ଅଧୀନରେ ଚାଷ ପାଇଁ ପ୍ରାଥମିକତାପ୍ରାପ୍ତ ଉଦ୍ଭିଦ ମଧ୍ୟରେ ମଧ୍ୟ ତାଲିକାଭୁକ୍ତ କରାଯାଇଛି। ଉଚ୍ଚ ରାଇଜୋମ୍ ଉତ୍ପାଦନ ଏବଂ ଗୁଣବତ୍ତା ସହିତ ଏହାର ବିକାଶ ପାଇଁ ଗବେଷଣା ଚାଲିଛି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ସରକାରୀ ନିୟମକୁ ଫୁଁ**

# ଅବାଧରେ ଚାଲିଛି ଚୋରା କରତକଳ



■ ଆଖପାଖରୁ ବଳିପଡୁଛି ହଜାର ହଜାର ଗଛ
■ ବନ କର୍ମଚାରୀଙ୍କ ନୀରବତାକୁ ନେଇ ପ୍ରଶ୍ନବାଚୀ

ବାଲିଅନ୍ତା,୨୩।୧୧(ସମିସ): ବାଲିପାଟଣା ବନ ବିଭାଗ କାର୍ଯ୍ୟାଳୟ ଭିଙ୍ଗାରପୁର ଗ୍ରାମ ପଞ୍ଚାୟତ ଅଧୀନ ଇଚ୍ଛାଦେଇପାଟଣା ଗ୍ରାମ୍ୟ ଜଙ୍ଗଲ ଭିତରେ ଏକ ଚୋରା କରତ କଳ ଦୀର୍ଘ ଦିନ ହେବ ଚାଲିଛି। ବନ ବିଭାଗ କର୍ମଚାରୀ ଏବଂ ଅଧିକାରୀ ଏସମ୍ପର୍କରେ ଅବଗତ ଥିଲେ ମଧ୍ୟ ଚୋରା କରତକଳ ଉଚ୍ଛେଦ ନେଇ ଚଢ଼ଉ କରାଯାଉ ନାହିଁ। ବନ ବିଭାଗର ସ୍ଥାନୀୟ ଅଧିକାରୀ ଏବଂ କରତ କଳ ମାଲିକଙ୍କ ମଧୁଚନ୍ଦ୍ରିକାରେ ସକାଳ ଦିନ ରାତି ୨୪ ଘଣ୍ଟା ଧରି କରତ କଳ ଚାଲିଛି। ବନ ବିଭାଗ ଅସାଧୁ ଅଧିକାରୀ ଓ କର୍ମଚାରୀ ଏନେଇ ମାଲେମାଲ ହେଉଥିବା ଜଣାଯାଇଛି। ଉକ୍ତ କରତ କଳରେ ଗ୍ରାମ୍ୟ ଜଙ୍ଗଲରୁ ଶାଗୁଆନ, କସି, ଶିଶୁ ଆକାସିଆ ଏବଂ ଅନ୍ୟାନ୍ୟ ଚୋରା ମୂଲ୍ୟବାନ କାଠ ପେଡ଼ା ଯାଉଛି। ଖାଲି ସେତିକି ନୁହେଁ ଆଖ ପାଖ ଗ୍ରାମ୍ୟ ଜଙ୍ଗଲରୁ ଏସବୁ ମୂଲ୍ୟବାନ ଗଛ ବେଧଡ଼କ ଭାବେ ଛେଦନ କରାଯାଇ ପେଡ଼ା ଯାଉଛି। ବନ ବିଭାଗର କିଛି ଅସାଧୁ ଅଧିକାରୀ ଏବଂ କର୍ମଚାରୀ ମୋଟା ଅଙ୍କ ନେଇ ପରୋକ୍ଷରେ ବୃକ୍ଷ ଛେଦନକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ବେଆଇନ କରତ କଳ ଚାଲୁଥିବା ଆଖପାଖ ଅଞ୍ଚଳରେ ବନ ବିଭାଗ ଏବଂ ପୁଲିସ ଗାଡି ପାଟ୍ରୋଲିଂ କରୁଥିଲେ ହେଁ ଅଧିକାରୀମାନେ ନିରବଦ୍ରଷ୍ଟା ସାଜିଛନ୍ତି। ଯଦିଓ କେବେ କେମିତି କରତ କଳ ଚଢ଼ଉ କରାଯାଉଛି ଏବଂ ସେଠାରୁ ବିଭିନ୍ନ ଯନ୍ତ୍ରାଂଶ ଏବଂ କାଠଗଣ୍ଡି ଜବତ ହେଉଛି। ବନ ବିଭାଗ କେବଳ ମାମଲା ରୁଜୁ କରି ହାତବାନ୍ଧି ବସୁଛି। କରତ କଳ ମାଲିକଙ୍କୁ ଗିରଫ କରିବା ପରିବର୍ତ୍ତେ ସାଗନୁଭୂତି ଦେଖାଇବା ନେଇ ପ୍ରଦ୍ନବାଚୀ ସୃଷ୍ଟି ହୋଇଛି। ।ଫଳରେ କରତ କଳ ମାଲିକ ବିଭିନ୍ନ ସାମଗ୍ରୀ ଜବତ ହେବା ପରେ ପୁଣି କରତ କଳ ଚଳାଇବାରେ ସମର୍ଥ ହେଉଛନ୍ତି। କରତ କଳ ମାଲିକମାନେ ଏବଂ ଚୋରା କାଠ ବେପାରୀ ପୁଲିସ ଏବଂ ବନ ବିଭାଗକୁ ଚ୍ୟାଲେଞ୍ଜ କରି କରତକଳ ଏବଂ କାଠ ବେପାର ଚଳାଇ ଆସୁଛନ୍ତି। ଏସମ୍ପର୍କରେ ବିରୋଧ କରୁଥିବା ଲୋକେ କାଠ ମିଲ ଚଳାଇଥିବା ମାଫିଆଙ୍କ ଆକ୍ରୋଶର ଶିକାର ହେଉଥିବା ଜଣାଯାଇଛି। କର୍ତ୍ତୃପକ୍ଷ ଉପରୋକ୍ତ ଚୋରା କରତ କଳ ବେପାରୀଙ୍କୁ ଗିରଫ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

**ସ୍ଥାଣୁ ପାଲଟିଛି ବନ ବିଭାଗ**

# ଗୋଚର ଜମିରୁ କଟା ଚାଲିଛି ମୂଲ୍ୟବାନ ଗଛ

ଭଦ୍ରେଶ୍ୱର,୨୩।୧୧(ସମିସ): ମାହାଙ୍ଗା ତହସିଲ ଅଞ୍ଚଳରେ ଦିନକୁ ଦିନ ବଢି ଚାଲିଛି ବେଆଇନ ଗଛ କଟା। ବନ ବିଭାଗ କିନ୍ତୁ ସ୍ଥାଣୁ ପାଲଟିଛି। ସରକାରୀ ଜମିରୁ ଗଛ ଲୁଟି ନେଉଛନ୍ତି କାଠ ମାଫିଆ। କେବଳ ଜବତ କାଠକୁ ଶାଗ ମାଛ ଦରରେ ନିଲାମ କରି ହାତବାନ୍ଧି ବସୁଛି ତହସିଲ ପ୍ରଶାସନ। ଆଖିଦୃଶିଆ ଆଇନଗତ କାର୍ଯ୍ୟାନୁଷ୍ଠାନ ହେଉ ନଥିବା ଫଳରେ କାଠ ମାଫିଆମାନେ ସକ୍ରିୟ ହୋଇ ସରକାରୀ ଜମିରେ ଥିବା ବୃକ୍ଷକୁ ଟାର୍ଗେଟ କରି ଲୁଟୁଛନ୍ତି ମୂଲ୍ୟବାନ କାଠ। ସୂଚନା ଅନୁଯାୟୀ, ଚାହାପଡା ପଞ୍ଚାୟତର ବିଭିନ୍ନ ଗ୍ରାମର ସରକାରୀ ଜମିରୁ ବେଆଇନ ଭାବେ ବଡ ବଡ ଗଛ କଟା ଯାଉଥିବାବେଳେ ପ୍ରଶାସନର ଅଣଦେଖା ହେତୁ ଗଛ ଏବେ ପଦା ହେବାକୁ ବସିଲାଣି। ଏହି ବ୍ଲକରେ ଚାରାରୋପଣ ଅପେକ୍ଷା ବୃକ୍ଷ ଲୁଟ ଦ୍ରୁତ ଗତିରେ ବଢି ଚାଲିଛି। ଏହାକୁ ରୋକିବା ପାଇଁ ସ୍ଥାନୀୟ ପ୍ରଶାସନ ବିଫଳ ହେଉଥିବା ଦେଖିବାକୁ ମିଳିଛି। ବୃକ୍ଷ କଟା ହେବା ପୂର୍ବରୁ ପ୍ରଶାସନ ନିକଟରେ ଖବର ନଥିବା ବେଳେ କଟା ଯିବା ପରେ ଏହାକୁ ଲୋକଦେଖାଣିଆ ଭାବେ ଜବତ କରାଯିବା ଘଟଣା ସରକାରୀ କଳର କାର୍ଯ୍ୟଶୈଳୀକୁ ପଦାରେ ପକାଇଛି। ଏକ ମାସ ମଧ୍ୟରେ କୁହୁଣ୍ଡା ପଞ୍ଚାୟତ କଲ୍ୟାଣପୁର ବିଦ୍ୟାଳୟ ସମ୍ମୁଖରୁ ବଡ ଚାକୁଣ୍ଡା ଗଛର ଗଣ୍ଡି କଟା ଯାଇଥିବାବେଳେ ପୁଣି ସେହି ପଞ୍ଚାୟତର କୁମଡାହାଟ ମଧ୍ୟରେ ଥିବା ୨ଟି ବଡ ବଡ ମାହାଲ ଓ ଶିମିଳି ଗଛକୁ କଟା ଯାଇଥିଲା। ସେହିପରି ଚାହାପଡା ପଞ୍ଚାୟତ ବରଦିଆ ସେଠୀ ସାହିରେ ଥିବା ୩ଟି ଚାକୁଣ୍ଡା ଗଛ କଟାଯାଇଥିଲା। ତହସିଲଦାର ଶୁଭାଶିଷ ପାଲଟାଙ୍କ ନିର୍ଦ୍ଦେଶକ୍ରମେ ଗୋ÷ଡପଡା ରାଜସ୍ୱ ନିରୀକ୍ଷକ ମଳୟ ବେହେରା ଘଟଣାସ୍ଥଳରେ ପହଞ୍ଚି କଟା ଯାଇଥିବା ୩୦ହଜାର ଟଙ୍କାରୁ ଅଧିକ ମୂଲ୍ୟର ୨୦ରୁ କାଠ ଗଣ୍ଡି ଜବତ କରିଥିବା ଜଣାଯାଇଛି। ଅନ୍ୟପଟରେ ସରକାରୀ ବୃକ୍ଷର ରକ୍ଷଣାବେକ୍ଷଣ ପାଇଁ ମାହାଙ୍ଗାଠାରେ ବନବିଭାଗ ପକ୍ଷରୁ ଏକ ବିଟ ହାଉସ ସ୍ଥାପନ କରାଯାଇଛି। ହେଲେ ଏହି ବିଟ ହାଉସର ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନ ହେବା ଦ୍ୱାରା ବାରମ୍ବାର ଛୁଟି ଦିନରେ ସରକାରୀ ଜମିରୁ କାଠମାଫିଆମାନେ ଗଛ ଲୁଟ କରୁଛନ୍ତି। ତୁରନ୍ତ କଟକ ଜିଲ୍ଲାପାଳ ଓ ଜିଲ୍ଲା ବନାଞ୍ଚଳ ଅଧିକାରୀ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବେଶବିତ୍‌ମାନେ ଦାବି କରିଛନ୍ତି।



**ପ୍ରକଳ୍ପ ପାଇଁ ଲୋକେ ଭିଟାମାଟି ଛାଡିଲେ**

# ବିସ୍ଥାପିତଙ୍କ ସମସ୍ୟା ଭୁଲିଗଲା ପ୍ରଶାସନ

ବଲାଙ୍ଗିର, ୨୩।୧୧ (ସମିସ): ବଲାଙ୍ଗିର ଲୋୟର ସୁକତେଲ ପ୍ରକଳ୍ପ, ବହୁ ବିସ୍ଥାପିତଙ୍କ ତ୍ୟାଗର ପ୍ରକଳ୍ପ। ଜିଲ୍ଲାବାସୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଲୋକେ ଭିଟାମାଟି ଛାଡ଼ି ଅନ୍ୟତ୍ର ବସବାସ ଆରମ୍ଭ କରିଥିଲେ। ପ୍ରଶାସନ ପକ୍ଷରୁ ସେମାନଙ୍କୁ ନାନା ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଆଜି ବି ସେହି ସବୁ ପ୍ରତିଶ୍ରୁତି ପାଳନ ହୋଇପାରିନାହିଁ। ଦିନକୁ ଦିନ ବିସ୍ଥାପିତମାନେ ଅଧିକ ଅବହେଳିତ ହୋଇଥିବା ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ କରାଯାଇଥିବା ବିଭିନ୍ନ କଲୋନୀରେ ଆଜି ବି ଲୋକଙ୍କୁ ମୌଳିକ ସୁବିଧା ମିଳି ନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପ୍ରାୟତଃ ବିସ୍ଥାପିତ କଲୋନୀର ଲୋକେ ଆସି ଅଭିଯୋଗ କରୁଛନ୍ତି। ନିଜ କାମ ଧନ୍ଦା ଛାଡି ଲୋକେ ନିଜ ସମସ୍ୟା କଥା ଚିନ୍ତା କରୁଥିବା ବେଳେ ବିଭାଗୀୟ ଅଧିକାରୀମାନେ ନୀରବ ଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି।



■ ଅଢେଇ ବର୍ଷ ପରେ ପିଛା ଛାଡିଲାନି ସମସ୍ୟା
■ ଅନେକ ସମୟରେ ପ୍ରଶାସନ ପାଖକୁ ଦୌଡୁଛନ୍ତି ବିସ୍ଥାପିତ
■ ସରକାର ବଦଳିବା ପରେ ଅବହେଳା ଅଭିଯୋଗ

ବଲାଙ୍ଗିର ଜିଲ୍ଲାବାସୀଙ୍କ ସ୍ୱପ୍ନର ପ୍ରକଳ୍ପ ଲୋୟର ସୁକତେଲ ପ୍ରକଳ୍ପ। ଏହି ପ୍ରକଳ୍ପ ୨୦୨୪ରେ ଉଦ୍‌ଘାଟନ ହୋଇଥିବା ବେଳେ ହି ପ୍ରକଳ୍ପରୁ ଜଳସେଚନ କରିବା ପାଇଁ ପାଇପ୍ କାମ ମଧ୍ୟ ପ୍ରାୟତଃ ସରିଲାଣି। ଚଳିତବର୍ଷ ପରୀକ୍ଷା ମୂଳକ ଭାବେ ଏହା ଆରମ୍ଭ ହୋଇଛି। ସତେଯେମିତି ଚାଷୀଙ୍କ ସ୍ୱପ୍ନ ପୂରଣ ହୋଇଛି; କିନ୍ତୁ ଏହି ପ୍ରକଳ୍ପ ପଛରେ ୨୯ଖଣ୍ଡ ଗାଁର ତ୍ୟାଗ ଓ ବଳିଦାନ ରହିଛି। ତାହାକୁ ସମସ୍ତେ ଭୁଲି ଯାଇଥିବା ଅଭିଯୋଗ ହୋଇଛି। ବିସ୍ଥାପିତମାନେ କେଉଁଠି ଓ କେଉଁ ପରିସ୍ଥିତିରେ ରହିଛନ୍ତି, ସେଥିପ୍ରତି ସରକାରୀ ବାବୁ, ରାଜନେତା ଏପରିକି ରାଜ୍ୟ ସରକାର ମଧ୍ୟ ଭୁଲି ଯାଇଛନ୍ତି। ପ୍ରକଳ୍ପ ବିସ୍ଥାପିତମାନଙ୍କ ପାଇଁ ତତ୍କାଳୀନ ରାଜ୍ୟ ସରକାର ଅନେକ ବ୍ୟବସ୍ଥା କରିଥିଲେ। ସଦେଇପାଲି, ଲାଲଟିକର, କୁଶମେଳ, ହର୍ଡାଟାଳ ଭଳି ଅନେକ ସ୍ଥାନରେ ବିସ୍ଥାପିତଙ୍କୁ ଥଇଥାନ କରିବା ସହ ସମସ୍ତ ସହାୟତା କରିଥିଲେ। ଫଳରେ ଦିନେ ପ୍ରକଳ୍ପକୁ ବିରୋଧ କରୁଥିବା ବିସ୍ଥାପିତମାନେ ନିଜ ଇଚ୍ଛାରେ ଭିଟାମାଟି ଛାଡିଥିଲେ। ଏହାକୁ ଅଢ଼େଇବର୍ଷ ବିତି ସାରିଛି; କିନ୍ତୁ ଏବେ ବି ରାଜ୍ୟ ସରକାର ସେହି ସବୁ ସମସ୍ୟା ସମାଧାନ କରିବା ଦିଗରେ ବିଫଳ ହୋଇଛନ୍ତି।

କିଛି ମାସ ତଳେ ଖରା ସମୟରେ ସଦେଇପାଲି ବିସ୍ଥାପିତ କଲୋନୀ ବାସିନ୍ଦା ପାଣି ପାଇଁ ଆନ୍ଦୋଳନ କରିଥିଲେ। ତାଙ୍କ ବସ୍ତିକୁ ଠିକ୍ ଭାବେ ପାନୀୟ ଜଳ ଯୋଗାଣ କରା ନଯିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ପୂର୍ବରୁ ବର୍ଷା ସମୟରେ କୁଶମେଳ, ଉପରବାହାଲ ବିସ୍ଥାପିତ କଲୋନୀରେ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଦିନ ଦିନ ଧରି ପଣି ଘେରରେ ରହିଥିଲେ ମଧ୍ୟ ସେମାନଙ୍କୁ ପ୍ରଶାସନ ଆଡ଼ ଆଖିରେ ବି ଦେଖିନଥିଲା। ବର୍ତ୍ତମାନ ବନଛୋରପାଲି ଗାଁର ଲୋକଙ୍କ ପାଇଁ ବିସ୍ଥାପିତ କଲୋନୀରେ ମୌଳିକ ସୁବିଧା ଉପଲବ୍ଧ କରାଯାଇନଥିବା ଅଭିଯୋଗ ହୋଇଛି। କଲୋନୀରେ ପିଇବା ପାଣି ବ୍ୟବସ୍ଥା ହୋଇନାହିଁ। ଲୋକେ ପାଣି ନ ପାଇ ହନ୍ତସନ୍ତ ହେଉଛନ୍ତି। ପ୍ରାଥମିକ ବିଦ୍ୟାଳୟ ନ ଥିବାରୁ ଗତ ଅଢ଼େଇ ବର୍ଷରୁ ଅଧିକ ହେବ ବିସ୍ଥାପିତ ଛାତ୍ରୀଛାତ୍ର ପାଠ ପଢୁ ନଥିବା ଅଭିଯୋଗ କରିଛନ୍ତି। ସ୍କୁଲ ପାଇଁ ବାରମ୍ବାର ଦାବି କଲେ ମଧ୍ୟ ସ୍କୁଲ ଖୋଲା ଯାଉନାହିଁ। ଏହାସହ ସମସ୍ତ ବିସ୍ଥାପିତଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଘର ଯୋଗାଇବା, ପଟ୍ଟା ଦିଆଯାଉ ନଥିବାରୁ ସେମାନେ ବାସସ୍ଥାନ ପ୍ରମାଣପତ୍ର ପାଉ ନ ଥିବା, ଉତ୍ତର କଲୋନୀରୁ ଦକ୍ଷିଣ କଲୋନୀକୁ ରାସ୍ତା କରାଯିବା, ସମସ୍ତ ପରିବାରକୁ ରାଶନ କାର୍ଡ ପ୍ରଦାନ କରିବା ଓ କଲୋନୀ ଭିତରେ ଦେବାଦେବୀଙ୍କ ମନ୍ଦିର ପ୍ରତିଷ୍ଠା କରାଯିବାକୁ ଜିଲ୍ଲା ପ୍ରଶାସନ ଆଗରେ ଦାବି କରିଥିଲେ। ବିସ୍ଥାପିତଙ୍କ ପାଇଁ କୌଣସି ରୋଜଗାର ବ୍ୟବସ୍ଥା କରାଯାଇନାହିଁ। ଏହି ଗାଁର ଯୁବକ, ଯୁବତୀ ଏବଂ ଲୋକ ବେକାର ହୋଇ ବସିଛନ୍ତି। ସେହିପରି ପୁନର୍ବାସ କଲୋନୀରେ ପାର୍କ ଓ ଶ୍ମଶାନ ନିର୍ମାଣ କରିବା, ବିସ୍ଥାପିତଙ୍କୁ ପରିଚୟପତ୍ର ପ୍ରଦାନ କରିବା ଏବଂ ପୁନର୍ବାସ କଲୋନୀରେ ନିୟମିତ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଛନ୍ତି। ତେବେ ବିସ୍ଥାପିତମାନେ ବାରମ୍ବାର ଜିଲ୍ଲା ପ୍ରଶାସନ, ବିଭାଗୀୟ ଅଧିକାରୀଙ୍କ ପାଖରେ ଗୁହାରି କରି ନୟାନ୍ତ ହୋଇଥିବା ବେଳେ ଶୀଘ୍ର ସମାଧାନ କରିବା ପାଇଁ କଡ଼ା ଚେତାବନୀ ଦେବାକୁ ମଧ୍ୟ ପଛାଇନାହାନ୍ତି। ସେମାଙ୍କ ଦାବି ପୂରଣ ଦିଗରେ ପ୍ରଶାସନ କିମ୍ବା ସରକାର ଆନ୍ତରିକତା ଦେଖାଉ ନ ଥିବାରୁ ବିସ୍ଥାପିତମାନେ ଆଗାମୀ ଦିନରେ ବଡ଼ଧରଣର ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା କହିଛନ୍ତି। ଦିନେ ଜିଲ୍ଲା ବିକାଶ ପାଇଁ ଭିଟାମାଟି ଛାଡ଼ିଥିଲେ। ବର୍ତ୍ତମାନ ନିଜ ପରିବାର ଭବିଷ୍ୟତ ହାସଲ କରିବାକୁ ରାଜରାସ୍ତାକୁ ଓହ୍ଲାଇବାକୁ ପଛଘୁଞ୍ଚା ଦେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

# ଠାକୁରାଣୀ ପୀଠରେ ହତ୍ୟାକାଣ୍ଡ

ରାଜନଗର,୨୩।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ରିଘାଗଡ଼ର ମା' ଥାନପତି ଠାକୁରାଣୀ ପୀଠରେ ରବିବାର ଅପରାହ୍ନ ପ୍ରାୟ ୩ଟାରେ ହତ୍ୟାକାଣ୍ଡ ଘଟିଛି। ରିଘାଗଡ଼ ଗାଁର ବୁଦ୍ଧିଆ ସାହୁ (୫୫)ଙ୍କୁ ହତ୍ୟା କରାଯାଇଛି। ପୁଲିସ ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, କଣ୍ଡିରା ପଞ୍ଚାୟତ ଜଗନ୍ନାଥପୁର ଗାଁର କିଛି ଯୁବକ ଥାନପତି ଠାକୁରାଣୀ ପୀଠରେ ରନ୍ଧା ଭୋଗ କରିଥିଲେ। ରୋଷେଇ ପରେ ପୂଜା କରି ଖାଇସାରିବା ପରେ ଟାଟା ଏସିଇ ଗାଡ଼ିରେ ରୋଷେଇ ସରଞ୍ଜାମ ଲଦି ଘରକୁ ନେଉଥିଲେ। ଏହି ସମୟରେ ଦୁଇ ଯୁବକ ଗାଡ଼ି ଅଟକାଇ ସେମାନଙ୍କୁ ମଦ ମାଗିଥିଲେ। ଡ୍ରାଇଭର ସହ ଦୁଇ ଯୁବକଙ୍କ ବଚସା ହୋଇଥିଲା। ଦୁଇ ଯୁବକ ଡ୍ରାଇଭରଙ୍କୁ ମାଡ଼ ମାରିଥିଲେ। ସେଠାରେ ଜଗନ୍ନାଥପୁର ଗାଁର ଯୁବକମାନେ ପହଞ୍ଚି ଡ୍ରାଇଭରଙ୍କୁ ମାଡ଼ ମରିଥିବା ଯୁବକଙ୍କୁ ମାଡ଼ ମାରିଥିଲେ। ଏହାକୁ ନେଇ ଠାକୁରାଣୀ ପୀଠରେ ରିଘାଗଡ ଗାଁ ଲୋକ ଏକାଠି ହୋଇ ଜଗନ୍ନାଥପୁର ଲୋକଙ୍କୁ ଘେରି ଯାଇଥିଲେ। ଠାକୁରାଣୀ ପୀଠରେ ଉଭୟ ପକ୍ଷ ମଧ୍ୟରେ ବାଡ଼ିଆପିଟା ଯାଏଁ କଥା ଯାଇଥିଲା। ଗଣ୍ଡଗୋଳ ଭିତରେ ରିଘାଗଡ ଗାଁର ବୁଦ୍ଧିଆ ସାହୁ (୫୫)ଙ୍କୁ କେହି ଠେଲି ଦେବାରୁ ସେ ତଳେ ପଡ଼ି ବେହୋସ ହୋଇ ଯାଇଥିଲେ। ପରିବାର ଲୋକେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ସୂଚନା ମୁତାବକ ଯୁବକମାନେ ଗାଁ ରାସ୍ତାରେ ଗାଡ଼ି ରଖି ରାସ୍ତା ଅବରୋଧ କରିବା ସହ ମଦ ପିଇ ହୋହାଲ୍ଲା କରିଥିଲେ। ଏହାକୁ ଗ୍ରାମବାସୀ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ଉଗ୍ରରୂପ ନେଇଥିଲା। ଏହି ସମୟରେ ଥାନପତି କମିଟି ସଦସ୍ୟ ବୁଦ୍ଧିଆ ସାହୁ ଉତ୍ତ୍ୟକ୍ତ ଯୁବକମାନଙ୍କୁ ବୁଝାସୁଝା କରିବା ବେଳେ ସେମାନେ ଆକ୍ରମଣ କରିଥିଲେ। ଫଳରେ ବୁଦ୍ଧିଆଙ୍କ ମୃତ୍ୟୁ ଘଟିଛି ବୋଲି ଗ୍ରାମବାସୀ କହିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ତେବେ ଗଣ୍ଡଗୋଳ ସମୟରେ ଉତ୍ତୋଳନ କରାଯାଇଥିବା ଭିଡିଓରେ ଟାଟା ଏସିଇ ଗାଡ଼ି ରାସ୍ତା କଡ଼ରେ ଥିବା ଦେଖାଯାଉଛି।

# ୮ ବର୍ଷ ପରେ ଫେରାର ଅଭିଯୁକ୍ତ ସୁନିଲ ଗିରଫ



**ଗୋପାଳ ଓ ବାଲାଜୀ ଫେରାର**

ବ୍ରହ୍ମପୁର,୨୨।୧୧(ସମିସ): ୨୦୧୭ରେ ହୋଇଥିବା ଉପେନ୍ଦ୍ର ବେହେରା ଓରଫ ବୁବୁ ବେହେରା ହତ୍ୟା ମାମଲାରେ ଫେରାର ଅଭିଯୁକ୍ତ ତଥା ଫାଷ୍ଟଗେଟ ବର୍ମା କଲୋନୀର ସୁନିଲ ସ୍ୱାଇଁଙ୍କୁ ପୁଲିସ ଏନ୍‌ବିଡବ୍ଲ୍ୟୁ ବଳରେ ଗିରଫ କରି କୋର୍ଟଚାଲାଣ କରିଛି। ବଡ଼ବଜାର ଥାନା ଅଧିକାରୀ ବାବା ଶଙ୍କର ସରଫଙ୍କ ନିର୍ଦ୍ଦେଶକ୍ରମେ ହାବିଲଦାର ଜୁବୁଲା ସାମନ୍ତରା ଓ ଅନ୍ୟ ପୁଲିସ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସୁନିଲଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଦୀର୍ଘ ୮ ବର୍ଷ ପରେ ସୁନିଲଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ସୂଚନାଯୋଗ୍ୟ ଯେ, ଆସିକା ରୋଡ ଅଞ୍ଚଳର ବୁବୁ ବେହେରା ଏକ ପାନ ଦୋକାନ ଚଳାଉଥିଲେ। ପୂର୍ବ ଶତ୍ରୁତାକୁ ନେଇ ୨୦୧୭ ଜୁଲାଇ ୧ରେ କିଛି ଦୁର୍ବୃତ୍ତ ତାଙ୍କୁ ଦୋକାନ ନିକଟରେ ବୋମା ମାଡ଼ କରିଥିଲେ। ବୁବୁ ଅଳ୍ପକେ ବର୍ତ୍ତି ଯାଇ ଦୌଡି ପଳାଉଥିବାବେଳେ ଦୁର୍ବୃତ୍ତମାନେ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିଥିଲେ। ବୁବୁଙ୍କ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ବୁବୁଙ୍କ ଜ୍ୱାଇଁ କେ. କ୍ରିଷ୍ଣା ରାଓ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମୋଟ ୧୧ଜଣ ଅଭିଯୁକ୍ତଙ୍କ ନାଁରେ ମାମଲା ରୁଜୁ କରିଥିଲା।

**AFFIDAVIT**

By virtue of an affidavit sworn before EXECUTIVE MAGISTRATE , cuttack Sadar on Dated 11/11/2025, I, Reshma Bibi W/O Abdul Wazid,Resident of Village: MUGABHANGA, PO-PHUL AKHARA, PS-CUTTACK SADAR,DIST CUTTACK, ODISHA, 754001, I have changed my name from"RUKHASHANA PRAVIN" to "RESHMA BIBI" . Henceforth, I shall be known as "RESHMA BIBI" for all purposes.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମା' କ୍ଷୀରରୁ...

ଜଳସେଚନ ପାଇଁ ଭୂତଳ ଜଳର ବହୁଳ ବ୍ୟବହାର ହୋଇଥାଏ। ବିନା ବିଶୋଧନରେ ଲୋକେ ଏହାକୁ ବ୍ୟବହାର କରୁଛନ୍ତି। ଚାଷ କାର୍ଯ୍ୟରେ ରାସାୟନିକ ସାର ଏବଂ କୀଟନାଶକର ବ୍ୟବହାର ବଢ଼ିବାରୁ କ୍ଷୀରରେ ଆର୍ସେନିକ, ଲିଡ ଏବଂ ମରକୁରୀ ଭଳି ଧାତୁର ସ୍ତର ମଧ୍ୟ ବଢିଛି। ୟୁରାନିୟମ ବୃକକ ଉପରେ ପ୍ରଭାବ ପକାଇ ଥାଏ। ଏହା ସ୍ନାୟବିକ ସମସ୍ୟା ସୃଷ୍ଟି କରିଥାଏ। ଏହା ବଢ଼ି ଚାଲିଲେ କର୍କଟ ଭଳି ବିପଦ ସୃଷ୍ଟି ହୋଇଥାଏ। ତେବେ ଏହାକୁ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି ଜାତୀୟ ବିପର୍ଯ୍ୟୟ ପରିଚଳାନା କର୍ତ୍ତୃପକ୍ଷ (ଏନ୍‌ଡିଏମଏ)ର ଜଣେ ବରିଷ୍ଠ ବୈଜ୍ଞାନିକ କହିଛନ୍ତି। କାରଣ କ୍ଷୀରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଦ୍ୱାରା ଧାର୍ଯ୍ୟ ସ୍ତରଠାରୁ କମ୍ ପରିମାଣର ୟୁରାନିୟମ ଥିବା ସେ କହିଛନ୍ତି।

ଏହା ପୂର୍ବରୁ ବିହାରରେ ମା' କ୍ଷୀରରୁ ଲିଡ୍‌ର ମାତ୍ରା ଅଧିକ ଥିବା ଜଣାପଡ଼ିଥିଲା। ଗଙ୍ଗା ନଦୀ ଅବବାହିକା ଜିଲ୍ଲା ସମସ୍ତିପୁର, ଦରଭଙ୍ଗା, ବେଗୁସରାୟ, ଖଗଡ଼ିଆ, ମୁଙ୍ଗେର, ନାଳନ୍ଦାରେ ଏହା ମିଳିଥିଲା। ମହାବୀର କ୍ୟାନସର ଇନ୍‌ଷ୍ଟିଚ୍ୟୁଟର ରିସର୍ଚ୍ଚ ଡିପାର୍ଟେମେଣ୍ଟରୁ ଏହାର ଖୁଲାସା ହୋଇଥିଲା। ଏହା ନବଜାତକର ମାନସିକ ବିକାଶରେ ପ୍ରଭାବ ପକାଇ ଥାଏ।

### ଶେଷ ମିନିଟ୍‌ରେ...

ଟିକଟ୍ ବାତିଲ୍ ହେଲେ ମଧ୍ୟ ୮୦% ପର୍ଯ୍ୟନ୍ତ ଅର୍ଥ ରିଫଣ୍ଡ ପ୍ରଦାନ କରିବ। ବୀମା ପାଇଁ ଏୟାରଲାଇନ୍ସ ଏବଂ ବୀମା କମ୍ପାନୀଗୁଡ଼ିକ ମଧ୍ୟରେ ସହଭାଗିତା ମାଧ୍ୟମରେ ପ୍ରିମିୟମ୍ ପ୍ରଦାନ କରାଯିବ। ବର୍ତ୍ତମାନ, ଉଡ଼ାଣର ୩ ଘଣ୍ଟା ମଧ୍ୟରେ ଟିକଟ ବାତିଲ୍‌କୁ ନୋ-ଶୋ' ଭାବରେ ବିବେଚନା କରାଯାଏ ଏବଂ କୌଣସି ରିଫଣ୍ଡ ମିଳେନାହିଁ।

### ଦ୍ୱନ୍ଦ୍ୱ ବଢ଼ାଇଲା...

ବଙ୍ଗୋପସାଗରରେ ୨ ଟି ଲଘୁଚାପ ସୃଷ୍ଟି ହେଉଛି। ଗୋଟେ ଲଘୁଚାପ ଦକ୍ଷିଣ ଆଣ୍ଡମାନ ସାଗର ଓ ଆଖ ପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ବେଳେ ଏହା ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗ ଆଡ଼କୁ ଗତି କରୁଛି। ଅନ୍ୟପଟେ ଆଉ ଏକ ଲଘୁଚାପ ଦକ୍ଷିଣ ବଙ୍ଗୋପସାଗରରେ ମଧ୍ୟ ସୃଷ୍ଟି ହେବା ସମ୍ଭାବନା ରହିଛି। ତେବେ କେଉଁ ଲଘୁଚାପ ଶକ୍ତିଶାଳୀ ହେବ କିଏ ଦୁର୍ବଳ ହେବ ଏହା ଏଯାବତ ସ୍ୱଷ୍ଟ ହେଉ ନଥିବାରୁ ବଙ୍ଗୋପସାଗରରେ ଯୋଡ଼ା ଲଘୁଚାପରୁ ଗୋଟିଏ ଲଘୁଚାପ ଅଧିକ ଘନୀଭୂତ ହୋଇ ବାତ୍ୟା ରୂପ ନେବ ବୋଲି ଡଃ ସାହୁ ପୂର୍ବାନୁମାନ କରିଛନ୍ତି। ତେଣୁ ଆସନ୍ତା ୪୮ ଘଣ୍ଟା ପରେ ଚିତ୍ର ସ୍ୱଷ୍ଟ ହେବ ବୋଲି ସେ କହିଛନ୍ତି।

ବାତ୍ୟା କେତେ ସୁଦୃଢ଼ ହେବ କେଉଁ ଦିଗକୁ ଯିବ ଓଡ଼ିଶାରେ ଏହା ର ପ୍ରଭାବ ପଡିବ କି ନାହିଁ ତାହା ବର୍ତ୍ତମାନ ସ୍ୱଷ୍ଟ ହେଉ ନାହିଁ। କିନ୍ତୁ ଡିସେମ୍ବର ପହିଲାରୁ ରାଜ୍ୟର ଉପକୂଳ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ବିଭିନ୍ନ ମଡେଲ୍‌ର ବାତ୍ୟାକୁ ନେଇ ଦୁଇଟି ଦୃଶ୍ୟପଟ ଆଙ୍କୁଛନ୍ତି। ଏଥିରେ ଜିଏଫ୍‌ଏସ୍ ମଡେଲ୍ ବାତ୍ୟା ଦୁଇ ତାରିଖ ବେଳକୁ ଓଡ଼ିଶା ଉପକୂଳ ନିଟତର ହୋଇ ଓଡ଼ିଶାରେ ଘସି ହୋଇ ବଙ୍ଗଲାଦେଶ ମୁହାଁ ହୋଇପାରେ। ମାତ୍ର ଇସିଏମ୍‌ଡବ୍ଲୁଏଫ୍ ଏହାର ଆକଳନ ସମ୍ପୂର୍ଣ୍ଣ ଅଲଗା ରଖିଛି। ଏହି ମଡେଲ୍ ଅନୁଯାୟୀ ବାତ୍ୟାଟି ଡିସେମ୍ବର ୪ ତାରିଖ ବେଳକୁ ଉତ୍ତର ଆନ୍ଧ୍ର ଓ ଦକ୍ଷିଣ ଓଡ଼ିଶା ନିକଟତର ହୋଇପାରେ। ମାତ୍ର ଏହାପରେ ବାତ୍ୟା ଦିଗ ପରିବର୍ତ୍ତନ କରି ଆନ୍ଧ୍ର ଓ ତାମିଲନାଡୁ ମୁହାଁ ହେବ। ଏମିତି ହେଲେ ଓଡ଼ିଶା ଉପରେ ବିଶେଷ ପ୍ରଭାବ ପଡ଼ି ନପାରେ। ଅନ୍ୟପଟେ ସାମ୍ଭାବ୍ୟ ବାତ୍ୟାକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବନ୍ୟା ଓ ବାତ୍ୟା ପରିଚାଳନା କରିବାରେ ଓଡିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦେଶରେ ସବୁଠୁ ଆଗରେ। ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ତାକୁ ସାମ୍ନା କରିବାରେ ଆମ ରାଜ୍ୟର ବିପର୍ଯ୍ୟୟ ପପରିଚାଳନା ବିଭାଗ, ଅଗ୍ନିଶମ ବିଭାଗ, ଓଡିଆରଏଫ,ଏନଡିଆରଏଫ ବିଭାଗ ଆଦି ନିକଟରେ ବହୁତ ଅନୁଭବ ରହିଛି। ଜିଲ୍ଲା ପ୍ରଶାସନର ମଧ୍ୟ ଚମତ୍କାର ପରିଚାଳନା ଦକ୍ଷତା ରହିଛି। ବିଗତ ଦିନରେ ଭଲ ଅଭିଜ୍ଞତା ଥିଲା ଏଥିରେ ଜିରୋ କାଜୁଆଲିଟି ରହିଛି। ତେଣୁ ଆମେ ସମ୍ଭାବ୍ୟ ବାତ୍ୟା ପାଇଁ ପୁରାପୁରି ପ୍ରସ୍ତୁତ ଅଛୁ ବୋଲି ମନ୍ତ୍ରୀ କହିଛନ୍ତି।

### ହୃଦୟବିଦାରକ ଓ...

ମହିଳାମାନେ ନିସ୍ଥୁକ ମାଡ଼ ମାରିବା ଘଟଣା ସଭ୍ୟ ସମାଜରେ କଦାପି ଗ୍ରହଣୀୟ ନୁହେଁ। ବିଜୁ ଜନତା ଦଳର ସରକାର ସମୟରେ ମିଶନ ଶକ୍ତି ଜରିଆରେ ମା'ମାନେ ସଫଳତାର ସିଢ଼ି ଚଢୁଥିଲେ, ନିଜର ପରିଚୟ ସୃଷ୍ଟି କରୁଥିଲେ। ମାତ୍ର ବିଜେପି ସରକାରରେ ମା'ମାନେ ସବୁଠୁ ଅସୁରକ୍ଷିତ ହୋଇପଡିଛନ୍ତି, ବିକାଶ ଠପ୍ ହୋଇଛି। ସରକାର ନିଦରୁ ଉଠନ୍ତୁ, ଦୋଷୀଙ୍କ ବିରୋଧରେ ତୁରନ୍ତ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି ନବୀନ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟରେ ଗତ ୧୭ ମାସ ମଧ୍ୟରେ ମହିଳା ବିରୋଧୀ ହିଂସା ଉର୍ଦ୍ଧ୍ୱମୁଖୀ ହୋଇଛି । ବିଶେଷକରି ଦୁଷ୍କର୍ମ, ଗଣଦୁଷ୍କର୍ମର୍, ଅତ୍ୟାଚାର ପରି ଘଟଣା ସୀମା ଟପିଛି। ଗୋପାଳପୁର ଗଣଦୁଷ୍କର୍ମ, ବାଲେଶ୍ୱରରେ ଏଫଏମ କଲେଜରେ ଛାତ୍ରୀ ଆତ୍ମାହୂତି, ବଳଙ୍ଗା ଆତ୍ମାହୂତି ପରି ଘଟଣା ପାଇଁ ଓଡ଼ିଶା ସମଗ୍ର ଦେଶରେ ନିନ୍ଦିତ ହୋଇଛି। ଦିନକୁ ରାଜ୍ୟରେ ହାରାହାରି ୧୫ ମହିଳା ଓ ଯୁବତୀ ଦୁଷ୍କର୍ମ ବା ଗଣଦୁଷ୍କର୍ମର ଶିକାର ହେଉଛନ୍ତି । ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ନବୀନ ବାରମ୍ବାର ସ୍ୱର ଉତ୍ତୋଳନ କରିବା ସହ ସରକାର ନିଦରୁ ଉଠି କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ପରାମର୍ଶ ଦେଇ ଦେଇଛନ୍ତି।

### ୧୯ ଦିନରେ...

ହୋଇଛନ୍ତି। ମଧ୍ୟ ପ୍ରଦେଶର ରାୟସେନରେ ଶନିବାର ବିଏଲ୍‌ଓ ରମାକାନ୍ତ ପାଣ୍ଡେ ମୃତ୍ୟୁବରଣ କରିଛନ୍ତି। ସେହିପରି ବିଏଲ୍‌ଓ ଯୋଗେଶ ୪ ରାତି ଶୋଇ ପାରି ନାହାନ୍ତି ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ଅନ୍‌ଲାଇନ୍ ମିଟିଂ ପରେ ସେ ବୋହେଶ ହୋଇ ତଳେ ପଡିଯାଇଥିଲେ ଓ ତାଙ୍କର ଜୀବନ ରକ୍ଷା ହୋଇ ପାରିନଥିଲା। ସେହିପରି ଦମହୋରେ ୫୦ ବର୍ଷୀୟ ଶୀତାରାମ ଗୋଣ୍ଡ ଫର୍ମ ପୁରଣ କରୁଥିବା ବେଳେ ଅସୁସ୍ଥ ଅନୁଭବ କରିଥିଲେ ଓ ଚିକିତ୍ସା ସମୟରେ ସେ ମୃତ୍ୟୁବରଣ କରିଥିଲେ। ସେହିପରି ରାୟସେନରେ ବିଏଲ୍‌ଓ ନାରାୟଣ ସୋନୀ ୬ ଦିନ ହେଲା ନିଖୋଜ ଅଛନ୍ତି। ଟାର୍ଗେଟ, ବିଳମ୍ବିତ ରାତିରେ ବୈଠକ ଓ ନୀଲମ୍ବନର ଚେତାବନୀ ଯୋଗୁ ସେ ଚିନ୍ତିତ ଥିଲେ। ଭୋପାଳରେ କାର୍ଯ୍ୟରତ ବିଏଲ୍‌ଓ କିର୍ତ୍ତୀ କୌଶଲ ଓ ମହମ୍ମଦ ଲଇକ୍ ଡ୍ୟୁଟି କରୁଥିବା ବେଳେ ହୃଦ୍‌ଘାତ୍‌ର ଶିକାର ହୋଇଥିଲେ ଓ ଦୁଇଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ନଭେମ୍ବର ୬ରେ ଦମୋହରରେ ସଡ଼କ ଦୁର୍ଘଟଣାରେ ଶ୍ୟାମ ଶର୍ମା (୪୫) ମୃତ୍ୟୁବରଣ କରିଛନ୍ତି। ଦତିଆର ଉଦୟଭାନ ସିହାର (୫୦) ନଭେମ୍ବର ୧୧ରେ ଆତ୍ମହତ୍ୟା କରିଥିଲେ।

### ସ୍କର୍ପିଓ ଧକ୍କାରେ...

ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏଭଳି ଏକ ସ୍ୱର୍ଶକାତର ଘଟଣା ପରେ ବିଧାୟକ ଶ୍ରୀ ହାଁସଦା ଗୁରୁତରଙ୍କୁ ଚିକିତ୍ସା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ରାଜପଥ ଅବରୋଧ କରି ଗୁରୁତରଙ୍କୁ ସହାୟତା ପ୍ରଦାନ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ପରେ ବିଧାୟକ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।

ADMISSION NOTICE-2025-26
Manjari Devi College
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdcnbbsr@gmail.com
• B. Pharm Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• D. Pharm Rs. 48,000/- P.A. Eligibility: +2 Sc. (PCB/M)
• B.M.L.T. Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• D.M.L.T. Rs. 48,000/- P.A. Eligibility: +2 Sc. Pass (PCB/M)
• M.P.H. Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

# ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିସ୍ତମ୍ଭ ପାଇଁ ଅଣ୍ଟାଭିଡ଼ିଲା ପ୍ୟାରୀମୋହନ ସେବା ପରିଷଦ

ଭୋଗରାଇ,୨୩।୧୧(ସମିସ)




ନିଜଜୀବନକୁ ତୁଚ୍ଛ ମନେକରି ଓ ଦେଶମାତୃକାକୁ ଗୋଲାମରୁ ମୁକ୍ତି ନିମନ୍ତେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଯେଉଁ କେତେଜଣ ମୁକ୍ତିଯୋଦ୍ଧା ସ୍ୱାଧୀନତା ସଂଗ୍ରାମର ଝାସ ଦେଇଥିଲେ ଏବଂ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ ସେହି ମହାପୁରୁଷ ଓ ସଂଗ୍ରାମୀଙ୍କ ସ୍ମୃତି ରକ୍ଷା ନିମନ୍ତେ ଭୋଗରାଇର ସାମାଜିକ ଅନୁଷ୍ଠାନ ପ୍ୟାରୀମୋହନ ସେବା ପରିଷଦ ପକ୍ଷରୁ ୬ ଜଣ ସ୍ୱାଧୀନତା ସଂଗ୍ରାମୀ କିଶୋରଙ୍କ ନାମିତ ବିଭିନ୍ନ ସ୍ଥାନରେ ସ୍ମୃତି ସ୍ତମ୍ଭ ( ମିନାର) ନିର୍ମାଣ କରାଯିବାକୁ ଉକ୍ତ ପରିଷଦ ଅଣ୍ଟାଭିଡ଼ିଛନ୍ତି। ଏଥି ନିମନ୍ତେ ଭୋଗରାଇ ଥାନାଛକ ସ୍ଥିତ ଏକ ଶିକ୍ଷକେନ୍ଦ୍ରରେ ରବିବାର ପୂର୍ବାହ୍ନରେ ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦଙ୍କ ପୌରୋହିତ୍ୟରେ ଏକଜରୁରୀ ବୈଠକ କରାଯାଇ ଭବିଷ୍ୟତ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିସ୍ତମ୍ଭ, ସ୍ଥାନ ନିରୂପଣ, ଆର୍ଥିକ ପାଣ୍ଠି ସଂଗ୍ରହ ନିମନ୍ତେ ଏକ କମିଟି ଗଠନ କରାଯାଇ ତୁରନ୍ତ କାର୍ଯ୍ୟକାରୀ କରାଯିବାକୁ ନେଇଁ ସହମତି ପ୍ରକାଶ ପାଇଥିଲା। ଉକ୍ତ ବୈଠକରେ ସାରସ୍ୱତ ଜଗତର ପ୍ରଗତିଶୀଳ ଲେଖକ ଡ. ରମାକାନ୍ତ ବେହେରା, ପ୍ୟାରୀମୋହନ ସେବା ପରିଷଦର ପ୍ରତିଷ୍ଠାତା ଅପର୍ଣ୍ଣା ମହାପାତ୍ର, ଶିକ୍ଷାବିତ ପଂକଜାକ୍ଷ ପଣ୍ଡାଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଓଭରଲୋଡିଂ ଟ୍ରକ୍ ଜବତ କଲେ ଜିଲ୍ଲାପାଳ

ନୀଳଗିରି,୨୩।୧୧ (ସମିସ): ସ୍ଥାନୀୟ ରାଜସ୍ୱ ବିଭାଗ ଯେଉଁ କାମ କରୁ ନ ଥିଲେ ରବିବାର ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସେହି କାର୍ଯ୍ୟ କରି ଦେଖାଇଛନ୍ତି। ସୂଚନା ଅନୁସାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପଞ୍ଚଲିଙ୍ଗେଶ୍ୱର ରାସ୍ତାରେ ଯାଉଥିବା ବେଳେ ମିରିଗିଣି ନିକଟରେ ଦୁଇଟି ୧୨ଚକିଆ ଟ୍ରକକୁ ଓଭର୍ ଲୋଡ୍ କରିଥିବା ଦେଖି ତୁରନ୍ତ ନୀଳଗିରି ପୁଲିସକୁ ଖବର ଦେଇଥିଲେ। ପୁଲିସ ଦୁଇଟି ଗାଡ଼ିକୁ ଜବତ କରି ନୀଳଗିରି ଥାନାକୁ ଆଣିଥିଲେ। ସନ୍ଧ୍ୟାରେ ବାଲେଶ୍ୱର ଆର୍‌ଟିଓ ନୀଳଗିରି ଥାନାରେ ପହଞ୍ଚି ଟ୍ରକ୍ ଦୁଇଟିର କାଗଜପତ୍ର ଯାଞ୍ଚ କରିଛନ୍ତି। ଓଭର ଲୋଡିଂ ପାଇଁ ଜରିମାନା ହୋଇଥିବା ଜଣାପଡ଼ିଛି।

## ସମାଜସେବୀ ଦୁର୍ଯ୍ୟୋଧନ ବାରିକଙ୍କ ଦେହାନ୍ତ

ଖନ୍ତାପଡ଼ା,୨୩।୧୧(ସମିସ): ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଖନ୍ତାପଡ଼ା ଥାନା ଅଧୀନ ଶ୍ରୀଜଙ୍ଗ ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ତଥା ବିଶିଷ୍ଟ ସମାଜସେବୀ ଦୁର୍ଯ୍ୟୋଧନ ବାରିକଙ୍କ ଦେହାନ୍ତ ହୋଇଯାଇଛି। ସେ ଏକମାସ ହେବ ରୋଗରେ ପୀଡ଼ିତ ଥିଲେ। ସେ ଶ୍ରୀଜଙ୍ଗ୍ ଗ୍ରାମର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଯଥା ଶ୍ରୀଜଙ୍ଗ ସହୀଦ ସ୍ମୃତିଭବନ ନିର୍ମାଣ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, କଣ୍ଟିଆଚିରା ପୋଲ ନିର୍ମାଣ ସହିତ ବହୁ ପୁରାତନ ଶ୍ରୀଜଙ୍ଗ ବାସନ୍ତୀ ପୂଜା କମିଟିର ବରିଷ୍ଠ ସଦସ୍ୟ ଥିବା ସହିତ ଅଭିବ୍ୟକ୍ତ ତାଳପଦା ପଞ୍ଚାୟତର ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ପଞ୍ଚାୟତର ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



## ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ



ବାଲେଶ୍ୱର,୨୩।୧୧(ସମିସ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ସ୍ୱାଧୀନତା ସଂଗ୍ରାମୀ ଓ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୬ତମ ଜୟନ୍ତୀ ଉତ୍ସବ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ମହତାବଙ୍କୁ ଚିର ପ୍ରାସଙ୍ଗିକ ଓ ଦୃଢ଼ପ୍ରତିଜ୍ଞ ସମ୍ପର୍ଣ୍ଣ ବ୍ୟକ୍ତିତ୍ୱ ବୋଲି ସ୍ମରଣ କରିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ ଡ. ପବିତ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ପ୍ରସିଦ୍ଧ ସ୍ତମ୍ଭକାର ଓ ସାହିତ୍ୟିକ ଅଭିରାମ ବିଶ୍ୱାଳ ଯୋଗଦେଇ ମହତାବଙ୍କ ସହ ନିଜର ଅନୁଭବର ସ୍ମୃତିଚାରଣ କରି ତାଙ୍କୁ ସାରସ୍ୱତ ସାଧକ ବୋଲି ବର୍ଣ୍ଣନା କରିଥିଲେ। ଅତିଥିମାନେ ବିଶ୍ୱବିଦ୍ୟାଳୟରେ ସ୍ଥାପିତ ଡ. ହରେକୃଷ୍ଣ ମହତାବ ନାମକ ପାଠାଗାରକୁ ବିଶେଷ ପ୍ରଶଂସା କରିଥିଲେ। ସଂଚାଳନ ଓ ସଂଯୋଜନା ଭାଷା ଓ ସାହିତ୍ୟ ବିଭାଗମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର କରିଥିଲେ। ଡ. ପ୍ରହଲ୍ଲାଦ ଖିଲ ଧନ୍ୟବାଦ ଦେଇଥିଲେ।

## ସତ୍ୟସାଇ ବାବାଙ୍କ ଜୟନ୍ତୀ ପାଳିତ



ଭୋଗରାଇ,୨୩।୧୧(ସମିସ): ସତ୍ୟସାଇ ବାବାଙ୍କ ୧୦୦ ତମ ଜୟନ୍ତୀ ଭୋଗରାଇ ବ୍ଲକ୍ ଦେଉଳା ପଞ୍ଚାୟତର ସତ୍ୟସାଇ ବାବାଙ୍କ ମନ୍ଦିରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ଭଜନ ମଣ୍ଡଳୀ ସଂଯୋଜକ ନାରାୟଣ ଚନ୍ଦ୍ର ଜେନା, ମୁଖ୍ୟବକ୍ତା ଭାବେ ପୂର୍ବତନ ଭଜନ ମଣ୍ଡଳୀ ସଂଯୋଜକ ଜୟକୃଷ୍ଣ ଗିରି, ପରେଶ ଚନ୍ଦ୍ର ଦାଶ, ଅତୁଲ ଚନ୍ଦ୍ର ଜେନା, ରାଜକିଶୋର ମହାନ୍ତି, ଦୀଲିପ ଦତ୍ତ, ବିଷ୍ଣୁପଦ ପାତ୍ର ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଭକ୍ତ ମାନଙ୍କ ମଧ୍ୟରେ ଏକ ସାଇ ଚେତନା, ସମସ୍ତଙ୍କୁ ଭଲପାଇବା, ଦୁସ୍ଥଙ୍କ ସେବା କରିବା ଓ ବାବାଙ୍କ ନୀତିବାଣୀ ବିଷୟରେ ବିଷଦ ଆଲୋଚନା କରିଥିଲେ। ପୂର୍ବାହ୍ନରେ ଓଁକାରମ, ସୁପ୍ରଭାତମ ପରେ ଭକ୍ତମାନଙ୍କୁ ନେଇ ଏକ ବିରାଟ ଶୋଭାଯାତ୍ରାରେ ବାହାରି ନଗର ସଂକୀର୍ତ୍ତନ କରି ଶ୍ରୀ ସତ୍ୟସାଇ ବାବାଙ୍କ ମନ୍ଦିରରେ ପହଞ୍ଚି ଥିଲେ। ପରେ ଷୋଡ଼ଶ ଉପଚାର ପୂଜା, ଲକ୍ଷର୍ଚ୍ଚନା, ନାରାୟଣ ସେବା, ବାବାଙ୍କ ଶହେତମ ଜନ୍ମ ବାର୍ଷିକୀରେ ଶହେଟି ମହମବତୀ ପ୍ରଜ୍ୱଳନ, ସମୂହ ବେଦପାଠ, ଆରତ୍ରିକ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସଦସ୍ୟ ଅନୁପ କୁମାର ଗିରି, ଅଜିତ ଗିରି, ପ୍ରଭୁରାମ ଜେନା, ସୁକୁମାର ପଣ୍ଡା, ସୁରେଶ ମହାନ୍ତି, ସଦସ୍ୟା ମମତା ପଣ୍ଡା, ସନ୍ଧ୍ୟାରାଣୀ ମହାନ୍ତି, କବିତା ମହାନ୍ତି, ଖେଡ଼ସାହି ଭଜନ କେନ୍ଦ୍ରର ସମସ୍ତ ସଦସ୍ୟ ସଦସ୍ୟା, ସତଗୋହଳିଆ ଭଜନ କେନ୍ଦ୍ରର ସମସ୍ତ ସଦସ୍ୟ ସଦସ୍ୟା, ନସିରାବାଦ ଭଜନ କେନ୍ଦ୍ରର ସମସ୍ତ ସଦସ୍ୟ ସଦସ୍ୟା ତଥା ଗ୍ରାମବାସୀ ଏବଂ ସାଇ ଭକ୍ତମାନେ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଭୋଗରାଇ ସମିତି, ରାଇପୁର ଭଜନମଣ୍ଡଳୀ, କାଁଥିଭଉଁରୀ ଭଜନମଣ୍ଡଳୀ, ଚୌକି ଭଜନମଣ୍ଡଳୀ, ନାଡ଼ବଣୀ ଭଜନମଣ୍ଡଳୀ ଇତ୍ୟାଦିରେ ପାଳିତ ହୋଇଯାଇଛି।

## ବଢୁଛି ଶୀତ, ସକାଳୁ ଘନ କୁହୁଡ଼ି



ବାରିପଦା, ୨୩।୧୧(ସମିସ): ମୟୂରଭଞ୍ଜ ଜିଲ୍ଲାରେ ହାଡ଼ ଭଙ୍ଗା ଶୀତ ଅନୁଭୂତକୁ ନେଇ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି। ଗତ ୨/୩ ଦିନର ବ୍ୟବଧାନ ପରେ ଜିଲ୍ଲାବ୍ୟାପି ପୁଣି ତାପମାତ୍ରା ହ୍ରାସ ପାଇ ଶୀତ ଅନୁଭବର ମାତ୍ରା ବୃଦ୍ଧି ପାଇଛି। ଏଥିସହିତ ରବିବାର ସକାଳୁ ଜିଲ୍ଲାରେ ଘନ କୁହୁଡି ପରିଲକ୍ଷିତ ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଜିଲ୍ଲାକୁ ସତର୍କତା ମଧ୍ୟ ପ୍ରଦାନ କରାଯାଇଛି। ଜିଲ୍ଲାର ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ପାଖାପାଖି ପହଞ୍ଚିଛି। ସେହିପରି ଶିମିଳିପାଳ ଅଭୟାରଣ୍ୟରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଉପର ବାରାହକାମୁଡ଼ାରେ ସର୍ବନିମ୍ନ ତାପମାତ୍ରା ୩ଡିଗ୍ରୀ ଛୁଇଁସାରିଛି। ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ଘଣ୍ଟା ଘଣ୍ଟା ଧରି ନିଆଁ ଜାଳି ବସି ରହୁଥିବାର ଦେଖିବାକୁ ମିଳିଛି। ଶୀତ ଯୋଗୁଁ ରାସ୍ତାଘାଟ, ବଜାର ଆଦି ଜନଶୂନ୍ୟ ହୋଇପଡ଼ିଛି। ସକାଳୁ ଅନେକ ସମୟ ପର୍ଯ୍ୟନ୍ତ ଘନ କୁହୁଡି ପରିଲକ୍ଷିତ ହୋଇଥିଲା।

## ସାମ୍ବାଦିକଙ୍କୁ ଆକ୍ଷେପ; ଯୁବ ସଂଗଠନ ନାମରେ ଥାନାରେ ଅଭିଯୋଗ

ରାଜଘାଟ,୨୩।୧୧(ସମିସ): ବସ୍ତା ଥାନା ଅଧୀନସ୍ଥ ଜଣେ ଯୁବକ ବାରମ୍ବାର ସୋସିଆଲ ମିଡିଆରେ ସାମ୍ବାଦିକ ବୃତ୍ତିକୁ ଉପହାସ କରିବା ସହିତ ସେମାନଙ୍କର ଚରିତ୍ରକୁ ସର୍ବସାଧାରଣରେ ସଂହାର କରିଆସୁଥିବାରୁ ଶୁକ୍ରବାର ସାମ୍ବାଦିକ ସଂଘ ପକ୍ଷରୁ ଉକ୍ତ ଯୁବକଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପ୍ରକାଶଥାଉକି ବସ୍ତାରେ ପାଞ୍ଚ ଛଅ ମାସ ହେବ ପାଞ୍ଚ ଜଣ ଯୁବକ ଏକ ସଂଗଠନ କରି ସୋସିଆଲ ମିଡିଆରେ ବିଭିନ୍ନ ସରକାରୀ ଅଧିକାରୀ, ସାମ୍ବାଦିକଙ୍କ ନାମରେ କଟୁମନ୍ତବ୍ୟ ଦେବା ସହିତ ବଟି ଆଦାୟ କରୁଥିବା ନେଇ ବସ୍ତା ଥାନାରେ ଏକ ଅପରାଧିକ ମାମଲା ପଞ୍ଜିକରଣ ହୋଇ ତଦନ୍ତ ପରିସରଭୁକ୍ତ ହୋଇଛି। ତେବେ ଉକ୍ତ ସଂଗଠନ କେତେବେଳେ ସାମ୍ବାଦିକ ସମ୍ମିଳନୀର ଡାକରା, ତ କେତେବେଳେ ଦାବି ପତ୍ର ଦେବା ନାମରେ ସାମ୍ବାଦିକ ମାନଙ୍କୁ ନିଜର ଫାଇଦା ପାଇଁ ବ୍ୟବହାର କରି ପରଦିନ ପ୍ରକାଶିତ ଖବର ଗୁଡ଼ିକୁ ସାମାଜିକ ଗଣମାଧ୍ୟମ(ଫେସବୁକ, ଇନଷ୍ଟାଗ୍ରାମ, ହ୍ୱାର୍ଟ୍ସଆପ ଷ୍ଟାଟର୍ସ ଆଦି)ରେ ପୋଷ୍ଟ କରି ନିଜର ଚର୍ଚ୍ଚା ସାଉଁଟୁଥିଲେ। ସେଥିପାଇଁ କିଛି ଗଣମାଧ୍ୟମ ପ୍ରତିନିଧିମାନେ ଉକ୍ତ ସଂଗଠନଠାରୁ ଦୂରେଇ ରହୁଥିଲେ। ତେବେ ଗତ ୧୭ ତାରିଖ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରକୁ ଆସିଥିବା ଜଣେ ବ୍ୟକ୍ତିଙ୍କ ପ୍ରତିକ୍ରିୟା ସୋସିଆଲ ମିଡିଆରେ ବାଜିବାପରେ ଅଧିକ ପ୍ରତିକ୍ରିୟାଶୀଳ ହୋଇ ଉକ୍ତ ସଂଗଠନର ଜୈନିକ ଯୁବକ ଜଣକ ସାମ୍ବାଦିକମାନଙ୍କୁ ବଟିଖିଆ ସାମ୍ବାଦିକ, ନକଲି ସାମ୍ବାଦିକ ବୋଲି ଉଲ୍ଲେଖ କରିଥିଲେ। ତେବେ ବାରମ୍ବାର ସୋସିଆଲ ମିଡିଆରେ ବସ୍ତା ସାମ୍ବାଦିକମାନଙ୍କୁ ଉପହାସ କରୁଥିବା ଦେବସେନା ସଂଗଠନର ଜିଲ୍ଲା ସଭାପତି କହୁଥିବାରୁ ସାମ୍ବାଦିକ ସଂଘ ବସ୍ତା ପକ୍ଷରୁ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।

## ରକ୍ତଦାନ ଶିବିର; ୩୧ ୟୁନିଟ୍ ସଂଗ୍ରହ



ଚନ୍ଦନେଶ୍ୱର,୨୩।୧୧(ସମିସ): ସତ୍ୟସାଇ ସେବା ସଂଗଠନ, ବାଲେଶ୍ୱର - ୨ ଭୋଗରାଇ ସମିତି ଶ୍ରୀ ସତ୍ୟସାଇ ବାବାଙ୍କର ୧୦୦ତମ ଜୟନ୍ତୀ ଉପଲକ୍ଷେ ଭୋଗରାଇର ରଣକୋଠା ଡାକବଙ୍ଗଳା ସମ୍ମୁଖସ୍ଥ କାନ୍ଠିଥଭଉଁରୀ ସାଇମନ୍ଦିର ଭଜନ ମଣ୍ଡଳୀ ଗୃହରେ ପ୍ରେମ ସଞ୍ଜିବନୀ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀ, କାନ୍ଠିଥଭଉଁରୀ ପକ୍ଷରୁ ଆୟୋଜିତ ଶିବିରକୁ ଶିକ୍ଷାବିତ ଧନଞ୍ଜୟ ପାତ୍ର ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ଡାକ୍ତର ଉତ୍ତର ଦଣ୍ଡପାଟ, ଜଳେଶ୍ୱର ବିକାଶ ପରିଷଦର ସମ୍ପାଦକ ମନୋରଞ୍ଜନ ଦାସ, ଦକ୍ଷିଣ ଭୋଗରାଇ ଓଷ୍ଟା ସମ୍ପାଦକ ଶାଶ୍ୱତ କୁମାର ଜେନା, ସମାଜସେବୀ ସୁବାସ ଚାନ୍ଦ ପ୍ରମୁଖ ଯୋଗ ଦେଇଥିବା ବେଳେ ୩୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସତ୍ୟସାଇ ଭଜନ ମଣ୍ଡଳୀର ଶ୍ୟାମ ସୁନ୍ଦର ମାହାନା, ବୈକୁଣ୍ଠ ପାତ୍ର, ସଚିନ୍ଦ୍ର ସାହୁ, ସୁଧିର ଚନ୍ଦ୍ର ଗିରି, ପର୍ଶୁରାମ ପରିଡ଼ାଙ୍କ ତଥା ଯୁବ ସ୍ୱେଚ୍ଛାସେବୀ ତପନ କୁମାର ଦେ, ବିଦ୍ୟୁତ୍ ପାତ୍ର, ଦିଲୀପ ପାତ୍ର, ବଙ୍କିମ ପାତ୍ର, ନିମାୟ ଗିରି, ଅଭିଷେକ ପାତ୍ର, ତପନ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ସ୍ତ୍ରୀକୁ ପିଟିପିଟି ହତ୍ୟାକଲା ସ୍ୱାମୀ

## ମା’ ଛେଉଣ୍ଡ ହୋଇଗଲେ ଦୁଇଝିଅ, ଜଣେ ପୁଅ



ମୋରଡ଼ା, ୨୩।୧୧(ସମିସ): ମୋରଡା ଥାନା ଅନ୍ତର୍ଗତ ପାଞ୍ଚଗୁଛିଆ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ନିଶାସକ୍ତ ଅବସ୍ଥାରେ ସ୍ତ୍ରୀକୁ ପିଟିପିଟି ହତ୍ୟା କରିଛି ସ୍ୱାମୀ। ହତ୍ୟାକାରୀ ସ୍ୱାମୀ ଶଙ୍କର୍ଷଣ ଧଣିକ। ଶଙ୍କର୍ଷଣ ନିଶାସକ୍ତ ଅବସ୍ଥାରେ ଆସିବାରୁ ସ୍ତ୍ରୀ ରଇବାରୀ ଧଣିକ ମଦ୍ୟପାନ କରିବାକୁ ବାରଣ କରିବାରୁ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହା ଉଗ୍ରରୂପ ଧାରଣ କରିଥିବାବେଳେ ଶଙ୍କର୍ଷଣ ଏକ ବାଉଁଶ ବାଡ଼ିରେ ସ୍ତ୍ରୀ ରଇବାରୀଙ୍କ ମୁଣ୍ଡ ଓ ଦେହକୁ ପିଟିପିଟି ରକ୍ତାକ୍ତ କରିଥିଲେ। ଘରେ ଥିବା ନାବଳକ ପୁଅ ଭୟଭୀତ ଅବସ୍ଥାରେ ଥିଲା ଓ ସକାଳୁ ପଡ଼ୋଶୀଙ୍କୁ ଜଣାଇଥିଲା। ସ୍ଥାନୀୟ ଲୋକଙ୍କ ନିକଟରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶଙ୍କର୍ଷଣ ଧଣିକକୁ ଗିରଫ କରି ତଦନ୍ତ ଆରମ୍ଭ କରିଛି। ରଇବାରୀଙ୍କ ଦୁଇଝିଅ ଓ ନାବାଳକ ପୁଅ ମା’ ଛେଉଣ୍ଡ ହୋଇଯାଇଛନ୍ତି।

● ଜାତୀୟ ବହୁଭାଷୀ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ଦର୍ଶକଙ୍କ ମନ ମୋହିଲା କୋଲକାତାର ନାଟକ ‘ଚୁୟା ଚନ୍ଦନ’

ବାରିପଦା, ୨୩।୧୧(ସମିସ): ସ୍ଥାନୀୟ ସ୍ମୃତି ଭବନରେ ରୂପାନ୍ତର ଅନୁଷ୍ଠାନ ଆନୁକୂଲ୍ୟରେ ୬ ଦିନିଆ ଜାତୀୟ ବହୁଭାଷୀ ନାଟକ ମହୋତ୍ସବର ୨ୟ ସନ୍ଧ୍ୟାରେ ଥିଆଲାଇଟ, କୋଲକାତା ପ୍ରଯୋଜିତ ନାଟକ ‘ଚୁୟା ଚନ୍ଦନ‘ ମଞ୍ଚସ୍ଥ ହୋଇଯାଇଛି। ଅତନୁ ସରକାରଙ୍କ ନିର୍ଦ୍ଦେଶିତ ନାଟକରେ ରାଜୀବ ବର୍ଦ୍ଧନ, ପ୍ରବୀର ଆଦିତ୍ୟ, ସମ୍ପା ଦାସ ସରକାର, ଦେବବ୍ରତ ଦାସ, ଆଇସିକି ଘଟକ, ସୌତୀନ୍ଦ୍ର କ୍ରିଷ୍ଣା ଦେବ, ସାମସନ ମାଥୁର ଚକ୍ରବର୍ତ୍ତୀ, ସଙ୍କୁ କୁମାର ଦାସ, ଉତ୍ପଳ ରାଜାକ, ସୁକୁମାର ଦାସ, ପରୋମିତା ଦାସ, ସ୍ୱାତୀ ଚକ୍ରବର୍ତ୍ତୀ, ତନ୍ଦ୍ରା ଚୌଧୁରୀ, ସାୟନ୍ତାନ ମିତ୍ର ଓ ଅଲନକ୍ରିତା ସରକାର ଅଭିନୟ କରିଥିଲେ। କଳାକାରଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଆଜି ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା ନାଟକ ମହୋତ୍ସବର ସଫଳତା କାମନା କରିଥିଲେ। ସଂସ୍ଥାର ଅଧ୍ୟକ୍ଷ ବୀରେନ୍ଦ୍ର ନାଥ ସାହୁ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ସମ୍ପାଦକ ସତ୍ୟନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅପୂର୍ବା ସାହୁ ଓ ଶୁଭେନ୍ଦୁ ସାହୁ ମଞ୍ଚ ପରିଚାଳନା କରିଥିଲେ। ଗତକାଲି ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟରେ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଜି ସକାଳେ ପ୍ରଥମେ ଯୋଗାସନ ଓ ପରେ ଜିଲ୍ଲାସ୍ତରୀୟ କନିଷ୍ଠ ବର୍ଗର ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆସନ୍ତାକାଲି ମିରର ଥିଏଟର, ବେଲପାହାଡ ପ୍ରଯୋଜିତ ସମ୍ବଲପୁରୀ ନାଟକ ‘ଲାଲ ପାଏନ’ ପରିବେଷିତ ହେବ।

## ବାଇକ୍ ଚାଳକଙ୍କୁ, ୫୦ ହଜାର ଟଙ୍କା ଜରିମାନା

କୁଆମରା, ୨୩।୧୧(ସମିସ): ଅମାନିଆଙ୍କୁ ସାବାଡ କରିବା ପାଇଁ ଖୁଣ୍ଟା ଥାନା ପକ୍ଷରୁ ବାଇକ୍ ଯାଞ୍ଚ ଅବ୍ୟାହତ ରହିଛି। ଆଇଆଇସି ପଞ୍ଚାନନ ମହାନ୍ତିଙ୍କ ନେତୃତ୍ୱରେ ଖୁଣ୍ଟା-ଶୀଳଘାଟି ରାସ୍ତାରେ ଆଜି ବାଇକ୍ ଯାଞ୍ଚ କରାଯାଇଥିଲା। ସଠିକ କାଗଜପତ୍ର ଓ ହେଲମେଟ ଉପରେ ଯାଞ୍ଚ ହୋଇଥିଲା। ତେବେ ଅମାନିଆଙ୍କ ଉପରେ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ହୋଇଛି। ଯାଞ୍ଚରେ ଏଏସ୍‌ଆଇ ସବ୍ୟସାଚୀ ସାମଲ, ମାନସ ମହାକୁଡ଼, ବଳରାମ ବିନ୍ଧାଣୀ, ବିକାଶ ମହାନ୍ତି ପ୍ରମୁଖ ସାମିଲ ଥିଲେ।

## ୱାରେଣ୍ଟି ଗିରଫ

ସୋର,୨୩।୧୧(ସମିସ): ସୋର ବ୍ଲକ୍ କେଦାରପୁର ପଞ୍ଚାୟତ କେଦାରପୁର ଗ୍ରାମର ଜଣେ ୱାରେଣ୍ଟିକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଏହି ଗ୍ରାମର ସନ୍ତୋଷ ପାତ୍ରଙ୍କ ନାମରେ ଟଙ୍କା ଠକେଇ ଅଭିଯୋଗରେ ସୋର ଜେଏମ୍‌ଏଫସି କୋର୍ଟରୁ ୫ ଟି ୱାରେଣ୍ଟ ଏବଂ ନୀଳଗିରି କୋର୍ଟରୁ ଦୁଇଟି ୱାରେଣ୍ଟ ସୋର ଥାନାକୁ ଆସିଥିଲା। ଫଳରେ ପୁଲିସ ୱାରେଣ୍ଟ ପାଇବା ପରେ ଆଜି ମଧ୍ୟାହ୍ନରେ ସନ୍ତୋଷକୁ ଗିରଫ କରିଥିଲା। ସନ୍ଧ୍ୟାରେ ସୋର ମେଡିକାଲରେ ତାର ଡାକ୍ତରୀମାଇନା ପରେ ପୁଲିସ ତାକୁ କୋର୍ଟଚାଲାଣ କରିଛି।

## ଗୋରୁ ବୋଝେଇ ପିକ୍‌ଅପ୍ ଜବତ; ଡ୍ରାଇଭର ଗିରଫ

ମୋରଡ଼ା/ଶୁଳିଆପଦା, ୨୩।୧୧(ସମିସ): ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମାନ୍ତରେ ଥିବା ବାଘଡା ଛକ ନିକଟରେ ରବିବାର ସକାଳ ୫ଟା ସମୟରେ ଶୁଳିଆପଦା ଥାନା ଅଧିକାରୀ ସତ୍ୟନାରାୟଣ ବଳ ଏକ ଗୋରୁ ବୋଝେଇ ପିକ୍‌ଅପକୁ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଡ୍ରାଇଭର ଜଣକ ହେଲେ ଖୁଣ୍ଟା ଥାନା ଅଧୀନ ଢୁକୁରା ଗ୍ରାମର ରାମଚନ୍ଦ୍ର ବେହେରା। ସୂଚନା ମୁତାବକ, ଟାଟା ପିକଅପରେ ୮ ଟି ଗୋରୁ ମୟୂରଭଞ୍ଜ ଜିଲ୍ଲାରୁ ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିଲା। ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ବାଘଡା ଛକରେ ଗାଡ଼ି ଜବତ କରିଥିବିବାବେଳେ ଡ୍ରାଇଭରକୁ ଗିରଫ କରିଥିଲା। ପୁଲିସ ଏ ନେଇ ୧୮୨/୨୫ରେ ମାମଲା ରୁଜୁ କରି ଡ୍ରାଇଭରକୁ କୋର୍ଟ ଚାଲାଣ କରିଛି।

## ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

ମୋରଡ଼ା, ୨୩।୧୧(ସମିସ): ବେତନଟୀ ଥାନା ଅନ୍ତର୍ଗତ ବାରମାଇଲ ଛକରୁ କଲରାଫୁଲିଆ ଛକ ମଧ୍ୟରେ ରାସ୍ତା କଡ଼ରେ ଜଣେ ଯୁବକଙ୍କ ମୃତଦେହ ବେତନଟୀ ପୁଲିସ ରବିବାର ଉଦ୍ଧାର କରିଛି। ବଡ଼ଜାମବଣି ଫାଣ୍ଡି ଅଧିକାରୀ ଭାଗୀରଥି ମହାନ୍ତଙ୍କ ସୂଚନା ମୁତାବକ ଯୁବକ ଜଣକ ହେସେଲଡ଼ିହି ଗ୍ରାମର ସିଙ୍ଗୁ ହେମ୍ବ୍ରମ (୪୦)। ସିଙ୍ଗୁ ଜଣେ ରାଜମିସ୍ତ୍ରୀ ହୋଇଥିବାବେଳେ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ସିଙ୍ଗୁର ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ମେଡ଼ିକାଲ କଲେଜକୁ ପଠାଯାଇଛି।

## ଅନ୍ତର୍ଜାତୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ବାଲେଶ୍ୱର ପ୍ରତିଯୋଗୀଙ୍କ ସଫଳତା

ସୋର,୨୩।୧୧(ସମିସ)







ନେପାଳର କାଠମାଣ୍ଡୁ ସ୍ଥିତ ସ୍ମୃତିହଲଠାରେ ଶେଷ ହୋଇଥିବା ୫ମ ଅନ୍ତର୍ଜାତୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ସଫଳତା ହାସଲ କରିଥିବା ବେଳେ ବାଲେଶ୍ୱର ଜିଲ୍ଲା ପ୍ରତିଯୋଗୀମାନେ ସଫଳତା ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ବାଲେଶ୍ୱର ଏବଂ ଗଞ୍ଜାମ ଜିଲ୍ଲାରୁ ଉଭୟ ବିଭାଗରେ ୩ ଜଣ ଲେଖାଏଁ ୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ମୋଟ ୯ ଟି ପଦକ ଜିତି ଗୌରବ ଅର୍ଜନ କରିଛନ୍ତି। ପୋମ୍‌ସେ ବିଭାଗରେ ଦିବ୍ୟାଂଶୀ ବେହେରା ସ୍ୱର୍ଣ୍ଣପଦକ, ସୋରର ସମ୍ବିତ ସାହୁ ଏବଂ ନିଗମ ଜ୍ୟୋତି ଦାସ ରୌପ୍ୟ ପଦକ ହାସଲ କରିଥିବା ବେଳେ ସୂର୍ଯ୍ୟକାନ୍ତ ଭୋଇ ବ୍ରୋଞ୍ଜ ପଦକ ଜିତିଥିଲେ। ସେହିପରି କରୋଗୀ ବିଭାଗରେ ଏଇସା ବେହେରା ସ୍ୱର୍ଣ୍ଣ ପଦକ, ସମ୍ବିତ ସାହୁ ନିଗମଜ୍ୟୋତି ଦାସ, ପ୍ରଦ୍ୟୁମ୍ନା ପ୍ରିୟାଞ୍ଜଳି ରୌପ୍ୟ ପଦକ ଏବଂ ଦିବ୍ୟାଂଶୀ ବେହେରା ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସୋର ତଥା ବାଲେଶ୍ୱର ଟାଏକୋଣ୍ଡୋ କୋଚ ଅତାଉଲା ଖାନ୍‌ଙ୍କୁ ଅନ୍ତର୍ଜାତୀୟ ବେଷ୍ଟ କୋଚ ଭାବେ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ନେପାଳ, ଭୁଟାନ, ବାଂଲାଦେଶ, ଶ୍ରୀଲଙ୍କା, ଭାରତ, ପାକିସ୍ତାନ, ଦକ୍ଷିଣ କୋରିଆ ଦେଶର ପ୍ରତିଯୋଗୀ ମାନେ ଅଂଶଗ୍ରହଣ କରିଥିଲେ। କୋଚ ଅତାଉଲ୍ଲା ଖାନଙ୍କ ତତ୍ତ୍ୱାବଧାନରେ ଟିମ୍ ଏତାଦୃଶ ସଫଳତା ହାସଲ କରିଥିବାରୁ ସୋର ବିଧାୟକ ମାଧବ ଧଡ଼ା, ଟାଏକ୍ୱୋଣ୍ଡୋ ରାଜ୍ୟ ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲା ସଭାପତି ଅବଦୁଲ ଉଦୁତ ଖାନ ସମସ୍ତ ପ୍ରତିଯୋଗୀ ସମେତ କୋଚ ଅତାଉଲ୍ଲା ଖାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଆନ୍ତଃମହାବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ଉଦଘାଟିତ

# ଉଦଳା କଲେଜ ଓ ବିଶ୍ୱବିଦ୍ୟାଳୟ ଟିମ୍ ବିଜୟୀ



ବାରିପଦା, ୨୩।୧୧(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମହାବିଦ୍ୟାଳୟଗୁଡିକୁ ନେଇ ଆନ୍ତଃମହାବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଉଦଘାଟିତ ହୋଇଯାଇଛି। ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟର ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ଭାବେ ଏହାର ଶୁଭାରମ୍ଭ କରିଥିଲେ। ଉତ୍ସବରେ ରାଇରଙ୍ଗପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ ସୁନୀଲ କୁମାର ଜେନା, କୁଳପତିଙ୍କ ବ୍ୟକ୍ତିଗତ ସଚିବ ଉପେନ୍ଦ୍ର ଟୁଡୁ, ବିଶ୍ୱବିଦ୍ୟାଳୟ ଖେଳ ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟ ଖେଳପଡ଼ିଆଟି ପ୍ରଫେସର କିଶୋର ଚନ୍ଦ୍ର ବଶାଙ୍କ କାର୍ଯ୍ୟକାଳ ସମୟରେ ଆରମ୍ଭ ହୋଇ ବର୍ତମାନର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥିଙ୍କ ଦ୍ୱାରା କାର୍ଯ୍ୟକ୍ଷମ ହୋଇପାରିଛି। ପ୍ରତିଯୋଗିତାରେ ୧୮ରୁ ଉର୍ଦ୍ଧ୍ୱ ମହାବିଦ୍ୟାଳୟର ଟିମ ଭାଗ ନେଇଛନ୍ତି। ଏହା ଆଗାମୀ ୨୭ ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା ଚାଲିବ ବୋଲି ବିଶ୍ୱବିଦ୍ୟାଳୟ ଖେଳ ଅଧିକାରୀ ପ୍ରଦୀପ୍ତ ରଞ୍ଜନ ଦାସଙ୍କଠାରୁ ପ୍ରକାଶ। ଉଦଘାଟନୀ ଦିବସରେ ଦୁଇଟି ଖେଳ ସମ୍ପନ୍ନ ହୋଇଥିଲା। ପ୍ରଥମେ ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ଓ ଉଦଳା ଡିଗ୍ରୀ ମହାବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଦଳା ମହାବିଦ୍ୟାଳୟ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ବାରିପଦା ମହାବିଦ୍ୟାଳୟ ୧୫ ଓଭରରେ ୭ ୱିକେଟ ହରାଇ ୧୧୭ ରନ କରିଥିଲେ। ଉଦଳା ମହାବିଦ୍ୟାଳୟ ଏହାକୁ ପିଛା କରି ମାତ୍ର ୧୧ ଓଭରରେ ଦୁଇ ଉଇକେଟ ହରାଇ ୧୧୯ ରନ କରି ଜିତି ଯାଇଥିଲେ। ଦ୍ୱିତୀୟ ମ୍ୟାଚ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓ ସୀମାନ୍ତ ମହାବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସରେ ହାରି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଟିମ ବ୍ୟାଟିଂ କରି ୪ଉଇକେଟ ହରାଇ ୧୪୯ ରନ କରିଥିଲେ। ସୀମାନ୍ତ ମହାନ୍ତ ମହାବିଦ୍ୟାଳୟ ଏହାକୁ ପିଛା କରି ମାତ୍ର ୧୧୨ ରନ କରି ସମସ୍ତ ଉଇକେଟ ହରାଇଥିଲେ। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଟିମ ଏହି ମ୍ୟାଚକୁ ଜିତିଯାଇଥିଲେ। ଲକ୍ଷ୍ମୀଧର ସିଂହ ଓ ସୁଶାନ୍ତ ମହାନ୍ତି ଅମ୍ପାୟାରିଙ୍ଗ କରିଥିଲେ। ଅଧ୍ୟାପକ ସମ୍ବିତ କୁମାର ମିଶ୍ର, ରଂଜିତ ମାରାଣ୍ଡି, ବାସ୍ତବ ମହାନ୍ତ, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଓ ବିଭିନ୍ନ କଲେଜର ଖେଳ ଅଧିକାରୀ ଏଥିରେ ସହାୟତା କରୁଛନ୍ତି।

## ଦିବ୍ୟାଙ୍ଗ ମହାସଂଘର ବୈଠକ; ୩୦ରେ ବିରାଟ ସଭା



ବୈଶିଙ୍ଗା, ୨୩।୧୧(ସମିସ): ବେତନଟୀ ବ୍ଳକର ପୁରୁଣିଆ ଓ ବୈଶିଙ୍ଗା ପଞ୍ଚାୟତରେ ଜିଲ୍ଲା ଦିବ୍ୟାଙ୍ଗ ମହାସଂଘ ତରଫରୁ ଦିବ୍ୟାଙ୍ଗ, ବୃଦ୍ଧା, ବିଧବାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦିବ୍ୟାଙ୍ଗ ମହାସଂଘ ସଭାପତି ଅରୁଣ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସରକାରଙ୍କ ତରଫରୁ ଥିବା ଯୋଜନା ସମ୍ପର୍କରେ ସୂଚନା ଦେବା ସହ ଲୋକେ କିପରି ସବୁ ଯୋଜନାରେ ସାମିଲ ହୋଇପାରିବେ ଓ ତାର ଫାଇଦା ପାଇପାରିବେ ସେଥିପାଇଁ ସଚେତନତା ସୃଷ୍ଟି କରିବା ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଆଗକୁ ପ୍ରତେକ ପଞ୍ଚାୟତ ସ୍ତରରେ ବୈଠକ କରି ଲୋକଙ୍କ ସମସ୍ୟାର ଏକ ତାଲିକା ପ୍ରସ୍ତୁତ କରି ରାଷ୍ଟ୍ରପତିଙ୍କୁ ନିଜର ଅସୁବିଧା ସମ୍ପର୍କରେ ସୂଚନା ପ୍ରଦାନ କରାଯିବ ବୋଲି ସଭାପତି ଶ୍ରୀ ବେହେରା କହିଛନ୍ତି। ନିର୍ବାଚିତ ପ୍ରତିନିଧି କିମ୍ବା ପ୍ରଶାସନିକ ଅଧିକାରୀ ମଧ୍ୟ ଦିବ୍ୟାଙ୍ଗ ଅସହାୟ ବୃଦ୍ଧା ବିଧବା ମହିଳାଙ୍କୁ ପ୍ରତାରଣା ଦେଉଥିବାର ଅଭିଯୋଗ କରିଛି ସଙ୍ଘ। ଏହାର ପ୍ରତିବାଦରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ବ୍ଲକ ସଭାପତି ରଞ୍ଜିତ ସିଂ ଓ ସମ୍ପାଦକ ଭାଦ ମୁର୍ମୁଙ୍କ ନେତୃତ୍ୱରେ ଆସନ୍ତା ୩୦ ତାରିଖ ରବିବାର ଏକ ବିରାଟ ସଭା କରିବାକୁ ସ୍ଥିର ହୋଇଛି। ତପସ୍ୱିନୀ ରଣା ସହ ସାବିତ୍ରୀ ସିଂ, ଶକୁନ୍ତଳା ନାଏକ, ପଞ୍ଚମୀ ଘୁନିଆ, ବ୍ରହ୍ମାନନ୍ଦ ନାଏକ, ରଶ୍ମି ଘୁନିଆ ଏବଂ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ଗାଡ଼ଭାଲୁ ଆକ୍ରମଣରେ ଦୁଇ ଗୁରୁତର

ତୁରୁମୁଙ୍ଗା, ୨୩।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ପାଟଣା ଅଙ୍କୁରା ଗ୍ରାମରେ ରବିବାର ଭୋର ୫.୩୦ମିନିଟିରେ ଗାଡଭାଲୁ ଆକ୍ରମଣରେ ୨ ଜଣ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଗୁରୁତରଦ୍ୱୟ ହେଲେ ଅଙ୍କୁରା ଗ୍ରାମର ବିଜୟ ନାଏକ (୫୪) ଏବଂ ଜଗଦୀଶ ନାଏକ (୬୦)। ଭାଲୁ ଆକ୍ରମଣରେ ବିଜୟ ଗୋଡ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଜଗଦୀଶଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି। ବିଜୟ ଗାଁ ନିକଟ ହୁଡ଼ିକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ଏବଂ ଜଗଦୀଶ ଧାନ ଅମଳ ପାଇଁ ବେଙ୍ଗଳା ପକାଉଥିବା ବେଳେ ଉଭୟଙ୍କୁ ଭାଲୁ ଆକ୍ରମଣ କରିଥିଲା। ଉଭୟଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କାରାଯାଇଥିବା ରେଞ୍ଜର ବନ ବିହାରୀ ସର୍ଦ୍ଦାର କହିଛନ୍ତି। ଆକ୍ରମଣ କରିଥିବା ଭାଲୁକୁ ଉତ୍ୟକ୍ତ ଲୋକେ ଏକ ଦଉଡିରେ ବାନ୍ଧିରଖିଥିବା ବେଳେ ଭାଲୁଟି ଖସି ପଳାଇଥିବା ବନ ବିଭାଗ କହିଛି। ଭାଲୁର ମୁହଁରେ ମଧ୍ୟ ଗଭୀର ଆଘାତ ଲାଗିଥିବା ଦେଖିବାକୁ ମିଳିଛି।

## ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଅନ୍‌ଲାଇନ୍ ଠକେଇ

ରାଇରଙ୍ଗପୁର, ୨୩।୧୧ (ସମିସ): ବ୍ୟାଙ୍କରେ ଜୀବନବୀମା ସାର୍ଟିଫିକେଟ ବନାଇବା ଆଳରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅନଲାଇନ ଠକି କରି ନେଇଛନ୍ତି। ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ପୁରୁଣାଘାଟି ଅଞ୍ଚଳର ବମିୟାନ ଗାଗରାଇ ଠକେଇର ଶିକାର ହୋଇ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଅଜଣା ନମ୍ବରରୁ ଫୋନ ଆସିଥିଲା। ବ୍ୟାଙ୍କ ନଯାଇ ତାଙ୍କ ଅନଲାଇନ ସାର୍ଟିଫିକେଟ ବନେଇ ଦିଆଯିବ ବୋଲି କହିଥିଲେ। ଆଧାର କାର୍ଡ, ଏଟିଏମ ନମ୍ବର ଓ ପିନ କୋର୍ଡ ମାଗିଥିଲେ। ଏହାପରେ ତାଙ୍କ ୱାଟସଆପକୁ ଏକ ଆପ୍ଲିକେସନ ପଠାଇଥିଲେ। ତାହାକୁ ଡାଉନଲୋଡ କରିବାକୁ କହିଥିଲେ। ସେ ଏହାକୁ ଡାଉନଲୋଡ ମଧ୍ୟ କରିଥିଲେ। ତେବେ ତହିଁ ପର ଦିନ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨୦, ୮୯, ୨୯୪ଟଙ୍କା ଅନଲାଇନ ଠକେଇ କରି ନେଇଥିବା ଜାଣିଥିଲେ। ୪ଟି ବ୍ୟାଙ୍କ ଆକାଉଣ୍ଟରୁ ୯ଟି ପର୍ଯ୍ୟାୟରେ ଟଙ୍କା ଉଠାଣ କରି ନେଇଥିଲେ। ଏ ବାବଦରେ ସେ ଜାଣିବା ନ୍ୟାୟ ପାଇବା ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

## ଶଗଡ଼ଭଙ୍ଗାରୁ ଟ୍ରାନ୍ସଫର୍ମର ଚୋରି

ରାଇରଙ୍ଗପୁର/ବହଳଦା, ୨୩।୧୧ (ସମିସ): ଶଗଡ଼ଭଙ୍ଗା ଗ୍ରାମରୁ ଦୁର୍ବୃତ୍ତମାନେ ଟ୍ରାନ୍ସଫର୍ମର ଚୋରି କରିଛନ୍ତି। ଏନେଇ ଟାଟା ପାୱାର ବହଳଦା ବିଦ୍ୟୁତ ଡିଭିଜନର ସେକ୍ସନ ମ୍ୟାନେଜର ସୁବାସଚନ୍ଦ୍ର ମଲ୍ଲିକ ବହଳଦା ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମରେ ଥିବା ୧୬ କେଭି ବିଦ୍ୟୁତ ଟ୍ରାନ୍ସଫର୍ମର ଚୋରି ହୋଇଛି। ବିଦ୍ୟୁତ ସମସ୍ୟା ଥିବାରୁ ବିଦ୍ୟୁତ କର୍ମଚାରୀମାନେ ଯାଇ ଯାଞ୍ଚ କରିଥିଲେ। ଟ୍ରାନ୍ସଫର୍ମର ଚୋରି ବାବଦରେ ଜାଣି ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ଉକ୍ତ ଅଞ୍ଚଳର ବିଦ୍ୟୁତ ସେବାରେ ବ୍ୟାଘାତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## କୋର୍ଟ ପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା



କରଞ୍ଜିଆ, ୨୩।୧୧(ସମିସ): ଶିଶୁ ଦିବସ ପାଳନ ଅବସରରେ ତାଲୁକ ଆଇନ ସେବା ସମିତି, କରଞ୍ଜିଆ ପକ୍ଷରୁ କୋର୍ଟ ପରିସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ସମିତିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଆଶିଷ ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟରୁ ମୋଟ ୭୭ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଦୁଇଟି ଗ୍ରୁପରେ ଏହି ପ୍ରତିଯୋଗିତା ହୋଇଥିଲା। ଅନ୍ୟତମ ଅତିଥି ଭାବେ ସବଜଜ ଅମିତ ସ୍ୱରୂପ ସେଠୀ ଯୋଗ ଦେଇଥିଲେ। ବିଚାର ବିଭାଗର ଅର୍ଚ୍ଚନା ସାହୁ, ଚିତ୍ତରଞ୍ଜନ ଓଟନାୟକ, ଜନ୍ମେଜୟ ଦାସ, ସିନ୍ଧୁଜିତ ଦାସ, ଶାନ୍ତନୁ ନନ୍ଦ ପାତ୍ର ମନୋଜ ରାଉତ ସୁଚିତ୍ରା ନାୟକ ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଓଡିଶା ଷ୍ଟେଟ ଲିଗାଲ ସର୍ଭିସ ଅଥରିଟିଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବୁଦ୍ଧିଜୀବୀ ଓକିଲ ମଧ୍ୟ ଯୋଗ ଦେଇଥିଲେ।

## ମୋନା ପକ୍ଷରୁ ନିଶା ନିବାରଣ ଅଭିଯାନ




ତେଲକୋଇ, ୨୩।୧୧(ସମିସ): ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୫ତମ ଜୟନ୍ତୀ ଅବସରରେ ଆଜି ମୋନା ତେଲକୋଇ ଶାଖା ପକ୍ଷରୁ ନିଶା ନିବାରଣ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଗାଁରୁ ଆରମ୍ଭ କରି ପଞ୍ଚାୟତ ଓ ପଞ୍ଚାୟତରୁ ସହର ଯାଏଁ ମଦମୁକ୍ତ କରାଯାଇ ରାଜ୍ୟ ବ୍ୟାପି ମଦମୁକ୍ତ ପାଇଁ ମୋନା ପକ୍ଷରୁ ଆହ୍ୱାନ ଦିଆଯାଇଛି। ନିଶା ହଟାଅ ଦେଶ ବଞ୍ଚାଅ ନାରା ଦିଆ ଯାଇଛି। ମୋନାର ତେଲକୋଇ ବ୍ଲକ ସଂଯୋଜକ ସନାତନ ଦାସଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ତେଲକୋଇ ବ୍ଲକର ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଏହି ଅଭିଯାନ ବ୍ୟାପକ ହେବ ବୋଲି ପ୍ରସ୍ତୁତି ଆରମ୍ଭ ହୋଇଥିବା କୁହାଯାଇଥିଲା। ବରିଷ୍ଠ ଶିକ୍ଷାବିତ୍ ବାବୁଲାଲ ପ୍ରଧାନ, କୃଷକ ନେତା ଲକ୍ଷ୍ମୀଧର ପ୍ରଧାନ, ବରିଷ୍ଠ ଆଇନ ଜିବୀ ନାରାୟଣ ପ୍ରଧାନ, ବରିଷ୍ଠ ନାଗରିକ ଭଦ୍ରିସେନ ପ୍ରଧାନ, ସାମ୍ବାଦିକ ଅକ୍ଷୟ ପ୍ରଧାନ, ବିରଞ୍ଚି ବେହେରା, ଅମରେଶ ପ୍ରଧାନ, ଡିଲେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଶିକ୍ଷକ ଗୌରବ ବନମାଳି ବ୍ରହ୍ମଚାରୀଙ୍କ ଜୟନ୍ତୀ



ବଡ଼ସାହି, ୨୩।୧୧(ସମିସ); ରାଜ୍ୟର ବେସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ଶିକ୍ଷକ ସଂଘ ଓ ଶିକ୍ଷକ ମହାସଂଘର ପ୍ରତିଷ୍ଠାତା ଶିକ୍ଷକଗୌରବ ବନମାଳି ବ୍ରହ୍ମଚାରୀଙ୍କ ୧୨୧ତମ ଜୟନ୍ତୀ ଉତ୍ସବ ବଡ଼ସାହି ବ୍ଲକ୍‌ରେ ପାଳିତ ହୋଇଯାଇଛି। ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ, ବଡ଼ସାହି ବ୍ଲକ୍ ଦ୍ୱାରା ମାରକୁଣ୍ଡି ଉପ୍ରା. ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ସଭାପତି ପ୍ରଶାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ସ୍ୱର୍ଗତ ବ୍ରହ୍ମଚାରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ବତନ ବ୍ଲକ୍ ସଂପାଦକ ଭଗବାନ ବିଶ୍ୱାଳ ସଂପାଦକୀୟ ବିବରଣୀ ପାଠ ଓ ସଂଯୋଜନା କରିଥିଲେ। ବ୍ରହ୍ମଚାରୀଙ୍କ ତ୍ୟାଗ ପୂତ ଜୀବନ ଦର୍ଶନ, ସଂଘ ଗଠନ ସମ୍ବନ୍ଧରେ ମୁଖ୍ୟବକ୍ତା ଶିକ୍ଷକ ନେତା ସଚ୍ଚିଦାନନ୍ଦ ମହାନ୍ତି, ମୁଖ୍ୟଅତିଥି ରାଜେନ୍ଦ୍ର ଜେନା, ସମ୍ମାନିତ ଅତିଥି ହରିଶଚନ୍ଦ୍ର ଗୋସ୍ୱାମୀ, ଜିଲ୍ଲା ସଂପାଦକ ଅଂଜନ ଜେନା, ଅବସରପ୍ରାପ୍ତ ଶିକ୍ଷକ ସେିଦ୍ଧେଶ୍ୱର ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଦେବେନ୍ଦ୍ରନାଥ ବେହେରା, ସନ୍ତୋଷ ତରେଇ, ଶଙ୍କର୍ଷଣ ଛାଟିଆ, କିରଣବାଳା ନାୟକ ଆଦି ଅନୁଭୂତି ବର୍ଣନା କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରମୋହନ ସିଂ ଓ ହରିଶଚନ୍ଦ୍ର ସେନାପତିଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ତୋଷ ତରେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା




ହାଟଡ଼ିହୀ,୨୩।୧୧(ସମିସ): ହାଟଡ଼ିହୀ ହାଇସ୍କୁଲରେ ରବିବାର ପୂର୍ବାହ୍ନରେ ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ସ୍କୁଲରୁ ଆସିଥିବା ୮ମ, ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏବିଇଓ ପୂର୍ଣ୍ଣଚନ୍ଦ୍ର ଜେନା ମୁଖ୍ୟ ପରିଦର୍ଶକ ଭାବେ ଯୋଗ ଦେଇଥିଲା ବେଳେ ହାଟଡ଼ିହୀ ହାଇସ୍କୁଲର ପ୍ରଧାନଶିକ୍ଷକ ପରମାନନ୍ଦ ପରିଡ଼ା ଏହାର ପରିଚାଳନା କରିଥିଲେ। ୧୯୫ ଜଣ ପ୍ରତିଯୋଗୀ ମଧ୍ୟରୁ ୧୩୦ ଜଣ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଅନିତା ବେହେରା, ସାଇସୌମ୍ୟା ରାଉଳ, ଅର୍ଜମା ଅର୍ପିତା ପତି, ପ୍ରଧାନଶିକ୍ଷକ ପରମାନନ୍ଦ ପରିଡ଼ା, ଶିକ୍ଷକ ସହଦେବ ପରିଡ଼ା, ଶ୍ରୀକାନ୍ତ ଦାସ, ପିଣ୍ଟୁକୁମାର ଦାସ, ମାନସ ନାୟକ, ସୁଧାଂଶୁ ଶେଖର ବିଶ୍ୱାଳ, ମନୋରଞ୍ଜନ ସେନାପତି, କ୍ଷୀରୋଦ ରାଉତ, ପ୍ରମୋଦ ବେହେରା ପ୍ରମୁଖ ମୂଲ୍ୟାଙ୍କନ କରିଥିଲେ। ପ୍ରଥମ ସ୍ଥାନରେ ଓରାଳି ହାଇସ୍କୁଲର ଓମପ୍ରକାଶ ବେହେରା, ୨ୟ ସ୍ଥାନରେ ଶାଳଣିଆଁ ହାଇସ୍କୁଲର ନୀଳମାଧବ ସା, ୩ୟ ସ୍ଥାନରେ କଳିଗାଁସ୍ଥିତ କପିଳେଶ୍ୱର ହାଇସ୍କୁଲର ପ୍ରିୟଙ୍କା ମଲ୍ଲିକ କୃତକାର୍ଯ୍ୟ ହୋଇ ପୁରସ୍କୃତ ହୋଇଥିଲେ। ତିନିଜଣ କୃତୀ ପ୍ରତିଯୋଗୀ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟ କର୍ମଚାରୀ ହରିପଦ ଭଟ୍ଟ ସହଯୋଗ କରିଥିଲେ।

## ଚମ୍ପୁଆ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଚମ୍ପୁଆ, ୨୩।୧୧(ସମିସ): ନେହରୁ ଷ୍ଟାଡିୟମରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୧ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଆସିଷ୍ଟାଣ୍ଟ ଲେବର ଅଫିସର ତଥା ପୂର୍ବ ଛାତ୍ର ଅମରେଶ କର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦୁଝର ବିଭାଗ ନିରୀକ୍ଷକ ଜ୍ଞାନରଞ୍ଜନ ପାଢ଼ୀ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଆଚାର୍ଯ୍ୟ ଧରଣୀଧର ଦାସ, ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ ସୁନାଗରିକ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରାଇଥିଲେ। ସମ୍ପାଦକ ଭୋଳାନାଥ ମିଶ୍ର, ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ। ଆଚାର୍ଯ୍ୟ ଭାସ୍କରଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ଉମେଶଚନ୍ଦ୍ର ମହାନ୍ତ କ୍ରୀଡ଼ା ବିବରଣୀ ପାଠ କରିଥିଲେ। ଆଚାର୍ଯ୍ୟ ନିର୍ମଳଚନ୍ଦ୍ର ମହାନ୍ତ ପୁରସ୍କାର ଘୋଷଣା କରିଥିଲେ। ଏନ୍‌ସିସି ଶିକ୍ଷକ ବସନ୍ତ ମହାନ୍ତଙ୍କ ସମେତ ସମସ୍ତ ଆଚାର୍ଯ୍ୟଆଚାର୍ଯ୍ୟା ସେବକସେବିକା ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଇତିହାସ ବିଭାଗରେ ଆଲୋଚନାଚକ୍ର



ଆନନ୍ଦପୁର, ୨୩।୧୧ (ସମିସ): ଆନନ୍ଦପୁର ମହାବିଦ୍ୟାଳୟର ଇତିହାସ ବିଭାଗ ଦ୍ୱାରା ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବାଇଗଣବାଡ଼ିଆ ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ଡ. ଅରବିନ୍ଦ ବୋଷ ମୁଖ୍ୟବକ୍ତା ରୂପେ ଐତିହ୍ୟ, ସଂସ୍କୃତି, କଳା, ସ୍ଥାପତ୍ୟର ମହତ୍ତ୍ୱ ଏବଂ ଗୁରୁତ୍ୱ ସମ୍ପର୍କରେ ଅନେକ ତଥ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନାରାୟଣ ମିଶ୍ର ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ସଂଘମିତ୍ରା ରାଉତ ସଭା ପରିଚାଳନା କରିଥିଲେ। ଅଧ୍ୟାପକ ରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରରେ ଇତିହାସ ବିଭାଗର ଅଧ୍ୟାପକ ପ୍ରକାଶ କୁମାର ସାହୁ ଏବଂ ଶ୍ରୀ ପ୍ରତାପ କହଁରଙ୍କ ସହିତ +୩ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ମହତାବ ଉଚ୍ଚବିଦ୍ୟାଳୟରେ ଏନ୍‌ସିସି ଦିବସ



ଚମ୍ପୁଆ, ୨୩।୧୧(ସମିସ): ସରକାରୀ ପିଏମଶ୍ରୀ ମହତାବ ଉଚ୍ଚବିଦ୍ୟାଳୟରେ ୭୭ତମ ଏନସିସି ଦିବସ ପାଳିତ ହୋଇଯାଇଛି। ଏନସିସି ଅଫିସର ଗିରିଶଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ଗୁଇଁ ପତାକା ଉତୋଳନ କରିଥିଲେ। ଏନସିସି କ୍ୟାଡେଟ୍‌ଙ୍କ ଦ୍ୱାରା ଏକ ଚିତ୍ତାକର୍ଷକ ପରେଡ କରାଯାଇ ଅଭିବାଦନ ଦେଇଥିଲେ। ଏପରିକି ଏନସିସି କ୍ୟାଡେଟ୍ ଙ୍କ ଭିତରେ ବିଭିନ୍ନ ପ୍ରତିଯୋଗିତାରେ କୃତ କାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଦିବସରେ ବିଦ୍ୟାଳୟର ଶିକ୍ଷକ ଧନେଶ୍ୱର ପାତ୍ର, ଶଙ୍କର୍ଷଣ ନାଏକ, ତ୍ରିନାଥ ନାୟକ, ବିଶ୍ୱଜିତ୍ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

## ହାଟପଡ଼ିଆରେ ବୃଦ୍ଧଙ୍କ ଆକସ୍ମିକ ମୃତ୍ୟୁ

ଶୁକ୍ଳି, ୨୩।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକ୍ଳି ବ୍ଲକ୍ ହାଟ ପଡ଼ିଆରେ ରବିବାର ଅପରାହ୍ନ ପ୍ରାୟ ୨.୩୦ ମିନିଟ୍ ସମୟରେ ଶୁକ୍ଳି ହାଟ ପଡ଼ିଆ ବସଷ୍ଟାଣ୍ଡରେ ବସିଥିବା ବେଳେ ହଠାତ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ଶୁକ୍ଳି ପଠାଇଥିଲେ। ଡାକ୍ତର ବୃଦ୍ଧଙ୍କୁ ମୃତ ଘୋଷଣା କରିଥିଲେ। ବୃଦ୍ଧ ଜଣଙ୍କ କରଞ୍ଜିଆ ବ୍ଲକ୍ ବାଗଦଫାର ଜୟପାଲ ଗାଗରାଇ ବୋଲି ଜଣାପଡ଼ିଛି। ମହୁଲିଆସୁଳି ଏବଂ ବେଗୁନାବିନ୍ଧା ଗ୍ରାମରେ ତାଙ୍କ ସମ୍ପର୍କୀୟ ଥିବା ଜଣାପଡିଛି। କୋଉଠିକି ଯାଉଥିଲେ ହଠାତ ଏମିତି କେମିତି ହେଲା ଜଣାପଡ଼ିନାହିଁ।

## ମରେିଗାଁରେ ସାଇବାବାଙ୍କ ୧୦୦ତମ ଜୟନ୍ତୀ

ହାଟଡ଼ିହୀ,୨୩।୧୧(ସମିସ): ହାଟଡ଼ିହୀ ବ୍ଲକ୍ ମରେିଗାଁଠାରେ ସାଇବାବାଙ୍କ ୧୦୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆବାହକ ବିଶ୍ୱନାଥ ଭୋଳଙ୍କ ସଂଯୋଜନାରେ ଏହି ଉତ୍ସବରେ ଅନନ୍ତ ଦାସ, ପ୍ରତାପ ଦାସ, ଶଶିଶେଖର ଦାସଙ୍କ ଦ୍ୱାରା ମହାରୁଦ୍ରମ୍ ସାଇଯଜ୍ଞରେ ବାବାଙ୍କ ଶହସ୍ର ନାମମନ୍ତ୍ର ପାଠ କରାଯାଇଥିଲା। ବାବାଙ୍କ ଜୟନ୍ତୀ ଉତ୍ସବରେ ରାଧାରାଣୀ ସାମଲ, କଲ୍ୟାଣୀ ମହାନ୍ତି, ସୁକାନ୍ତି ଗିରି, ରଜନୀଗନ୍ଧା ସେଠୀ, ତମ ସା, ଶାନ୍ତିଲତା ଘୋଷ, ଜୟନ୍ତୀ ଗିରି, ମାଳତୀ ଜେନା, ରିଙ୍କି ସାହୁ, ତପସ୍ୱିନୀ ବାରିକ, ଦମୟନ୍ତୀ ଜେନା, କଲ୍ୟାଣୀ ଜେନା, ଅର୍ପିତା ଜେନା, ଆଦ୍ୟାଶା ଜେନା, ଭଗବାନ ମୈକାପ, ମହେଶ୍ୱର ସାମଲ, ଭଗବାନ ମୈକାପ, ଶରତ ସେଠୀ, ଦୁଃଶାସନ ସାହୁ, ଅମର ସେଠୀ, ବିଜୟ ସେଠୀ, ମହେଶ୍ୱର ଶଙ୍ଖୁଆ, ଭୀମ ଭୋଳ, ବନମାଳି ଘଡ଼େଇ, ମାଧବାନନ୍ଦ ଦାସ, ବାବୁଲି ମୈକାପ, ଭଜମନ ଗିରି, କିଶୋର ସୋରେନ୍, ଦେବାଶିଷ ସାମଲ, କୃଷ୍ଣଚନ୍ଦ୍ର ଜେନା, ସୁଦର୍ଶନ ଭୋଳ, ସୁଦର୍ଶନ ଘଡ଼େଇ ସହଯୋଗ କରିଥିଲେ।

## ଧାନଘର ଟୁଙ୍କୁଣା ମହାଜନଙ୍କ ପରଲୋକ



ଆନନ୍ଦପୁର, ୨୩।୧୧ (ସମିସ): ହାଟଡିହି ବ୍ଲକର ଧାନଘର ଟୁଙ୍କୁଣା ନିବାସୀ ତଥା ମହାଜନ କୃଷ୍ଣଚନ୍ଦ୍ର ସୁଆରଙ୍କ ଆଜି ହୃଦଘାତରେ ପରଲୋକ ହୋଇଯାଇଛି। ସେ ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ। ରବିବାର ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ପ୍ରାଣବାୟୁ ଉଡିଯାଇଥିଲା। ଖବର ପାଇ ଆଖପାଖ ଅଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମରେଇଗାଁସ୍ଥିତ ବାସଭବନରେ ଉପସ୍ଥିତ ହୋଇ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ହଦଗଡ଼ ନବୋଦୟ ବିଦ୍ୟାଳୟରେ ସଂସ୍କୃତିଜ୍ଞାନ ପରୀକ୍ଷା



ଆନନ୍ଦପୁର/ହାଟଡିହୀ, ୨୩।୧୧ (ସମିସ): ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀ ତରଫରୁ ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ଜବାହାର ନବୋଦୟ ବିଦ୍ୟାଳୟ, ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଶାସଙ୍ଗ, ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଚଣ୍ଡିବିରଞ୍ଚିପୁର, ବରାହୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ବଞ୍ଚୋ, ଅନ୍ନପୂର୍ଣ୍ଣା ବାଳିକା ବିଦ୍ୟାଳୟ ଗିରିଗାଁ, ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ ଆମ୍ରୋରେ ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁଙ୍କ ପାଖରେ ଦୀପ ପ୍ରଜ୍ୱଳନ, ପୁଷ୍ପମାଲ୍ୟ କରାଯାଇ ଗୀତାର ପଞ୍ଚଦଶ ଅଧ୍ୟାୟ ପାଠ କରାଯାଇଥିଲା। ମହାପ୍ରଭୁ ଯାହା ଖାଉଛନ୍ତି, ପିନ୍ଧୁଛନ୍ତି, ଶ୍ରୀକ୍ଷେତ୍ର ପରିକ୍ରମା, ଶ୍ରୀମନ୍ଦିର ପରିକ୍ରମା, ମଠ, ପ୍ରସାଦ, ଭୋଗ, ମହାପ୍ରସାଦ, ଦୈନିକ ନୀତି, ପୁଷ୍ପ ଅଳଙ୍କାର, ବସ୍ତ୍ର ଅଳଙ୍କାର, ଶ୍ରୀମନ୍ଦିରରେ ବେଦ ପାଠ, ଯାନିଯାତ୍ରା ଓ ପର୍ବପର୍ବାଣୀ, ଅନବସର, ରଥ ନିର୍ମାଣ, ବେଶ ରହସ୍ୟ, ସେବା ଓ ସେବକ, ଭକ୍ତ ଚରିତ, ମନ୍ଦିର ସ୍ଥାପତ୍ୟ କଳା, ଏହିଭଳି ମହାପ୍ରଭୁଙ୍କ ଲୀଳା ବିଷୟରେ ୫୦ଟି ପ୍ରଶ୍ନ ଆସିଥିଲା। ଚାରଣ ଜିଲ୍ଲା ପରୀକ୍ଷା ନିୟନ୍ତ୍ରକ ତପନ କୁମାର ନାୟକଙ୍କ ସୂଚନା ଅନୁଯାୟୀ, ହାଟଡିହି, ହରିଚନ୍ଦନପୁର, ତେଲକୋଇ, ଘସିପୁରା, ଆନନ୍ଦପୁର ବ୍ଲକରେ ପାଖାପାଖି ୨୬୦୦ ଜଣ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପରୀକ୍ଷାରେ ଭାଗନେଇଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା କେନ୍ଦୁଝର ଜିଲ୍ଲାର ଚାରଣ ଗୋଷ୍ଠୀର ସମସ୍ତ ମାଆ ଓ ଭାଇମାନେ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ ବୋଲି ଜିଲ୍ଲା ପରୀକ୍ଷା ନିୟନ୍ତ୍ରକ ତପନ କୁମାର ନାୟକ ସୂଚନା ଦେଇଛନ୍ତି। ସର୍ବାଧିକ ମୂଲ୍ୟାୟନ ରଖିଥିବା ୩ ଜଣ ପିଲାଙ୍କୁ ରାଜ୍ୟସ୍ତରୀୟ ପରୀକ୍ଷାରେ ଭାଗ ନେବା ପାଇଁ ସ୍ଥିରୀକୃତ କରାଯିବ।

| ସ୍ଥାନ | | କନିଷ୍ଠ | | ବରିଷ୍ଠ | |
|---|---|---|---|---|---|
| | | ପ୍ରତିଯୋଗୀ | ଶିକ୍ଷାନୁଷ୍ଠାନ | ପ୍ରତିଯୋଗୀ | ଶିକ୍ଷାନୁଷ୍ଠାନ |
| ଭୁବନେଶ୍ୱର | ୧ମ | ଶୁଭଲକ୍ଷ୍ମୀ ସାହୁ | ସୟଦ ମମତାଜ୍ ଅଲ୍ଲୀ ଉଚ୍ଚ ବିଦ୍ୟାଳୟ, ନୟାପଲ୍ଲୀ | ଶାଶ୍ୱତୀ ପ୍ରିୟଦର୍ଶିନୀ | ଉତ୍କଳ ବିଶ୍ୱବିଦ୍ୟାଳୟ |
| | ୨ୟ | ସୁଶ୍ରୀ ସୁରଭି | ଡିଏଭି ପବ୍ଲିକ୍ ସ୍କୁଲ୍, ୟୁନିଟ୍-୮ | ସୂର୍ଯ୍ୟକାନ୍ତ ବେହେରା<br>ଅସ୍ତିକ ମିଶ୍ର | ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ<br>କିଟ୍ ବିଶ୍ୱବିଦ୍ୟାଳୟ |
| | ୩ୟ | ପରିଣୀତି ବେହେରା | ସୟଦ ମମତାଜ୍ ଅଲ୍ଲୀ ଉଚ୍ଚ ବିଦ୍ୟାଳୟ, ନୟାପଲ୍ଲୀ | ବିଶ୍ୱରଞ୍ଜନ ରାଉତରାୟ | ଉତ୍କଳ ବିଶ୍ୱବିଦ୍ୟାଳୟ |
| ଖୋର୍ଦ୍ଧା | ୧ମ | ହିମାଂଶୁ ସାହୁ | କେନ୍ଦୁପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ | ପ୍ରଜ୍ଞାଶ୍ରୀ ପଟ୍ଟନାୟକ | ପ୍ରାଣନାଥ ମହାବିଦ୍ୟାଳୟ |
| | ୨ୟ | ମୈଥିଳି ନାୟକ | ଖୋର୍ଦ୍ଧା ଆଦର୍ଶ ବିଦ୍ୟାଳୟ ଶିଆଳିଆ | ତପସ୍ୱିନୀ ରଥ | ପ୍ରାଣନାଥ ମହାବିଦ୍ୟାଳୟ |
| | ୩ୟ | ସ୍ୱପ୍ନାରାଣୀ ଜେନା | ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଅର୍ଜୁନପୁର | ଅଞ୍ଜୁଶ୍ରୀ ମହାପାତ୍ର | ମହିଳା ମହାବିଦ୍ୟାଳୟ |
| ନୟାଗଡ଼ | ୧ମ | ପ୍ରୀତିମୟୀ ସାହୁ | ଏସ୍ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ | ସାଗର ବେହେରା | ରାଜସୁନାଖଳା ଡିଆଇଇଟି |
| | ୨ୟ | ପଲ୍ଲବୀ ପ୍ରିୟଦର୍ଶିନୀ | ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ଶୁଭାଶିଷ ଦାଶ | ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୩ୟ | ଜ୍ଞାନରଞ୍ଜନ ଦାଶ | ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ବିଶ୍ୱକଲ୍ୟାଣ ତ୍ରିପାଠୀ | ୟୁନିଟେକ୍ ମହାବିଦ୍ୟାଳୟ |
| ଅନୁଗୁଳ | ୧ମ | ପାଟଯୋଶୀ ସୌରୀ ପ୍ରସାଦ ମିଶ୍ର | ପି.ଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ | ସ୍ମୃତିସ୍ମିତା ରାଉତ | ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ |
| | ୨ୟ | ସୁରଭି ସାହୁ | ରୋଟାରି ପବ୍ଲିକ ସ୍କୁଲ | ସନ୍ଦୀପ ଖିଲାର | ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ |
| | ୩ୟ | ଇପ୍ସିତା ମିଶ୍ର | ସରକାରୀ ଉଚ୍ଚବିଦ୍ୟାଳୟ | ସୌମ୍ୟା ସମାପେକ୍ଷା ନାୟକ | ରୋଟାରି ପବ୍ଲିକ ସ୍କୁଲ |
| ପୁରୀ | ୧ମ | ଶୁଭାଙ୍ଗୀ ସାହୁ | ଘୋଡାବଜାର ଏସ୍‌ଏସ୍‌ଭିଏମ୍ | ରୋଜାଲିନ ରାଉତ | ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୨ୟ | ପ୍ରାଚୀ ପ୍ରଧାନ | ଚନ୍ଦ୍ରଶେଖର ଏକାଡେମୀ | ଆର୍ଯ୍ୟମାନ କର | ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୩ୟ | ରୁପାଲି ଭୋଇ | ବଳଗଣ୍ଡି ଉଚ୍ଚବିଦ୍ୟାଳୟ | ଅର୍ପିତା ପଟ୍ଟନାୟକ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ |
| କଟକ | ୧ମ | ସିଦ୍ଧାନ୍ତ କୁମାର ସାହୁ | ରେଭେନ୍ସା କଲିଜିଏଟ୍ ସ୍କୁଲ | ପ୍ରଶମିତ କାନୁନଗୋ | ଖ୍ରୀଷ୍ଟ ମହାବିଦ୍ୟାଳୟ |
| | ୨ୟ | ଜୟଦିତ୍ୟ ପାଢ଼ୀ | ଷ୍ଟିୱାର୍ଟ ସ୍କୁଲ୍ | ମନୋଜ କୁମାର ସାହୁ | ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ |
| | ୩ୟ | ଅନ୍ୱେଷା ପଣ୍ଡା | ଏସ୍‌ଏସ୍‌ଭିଏମ୍, କଲେଜ ଛକ | ଦେବଶ୍ରିତା ଦାସ | ରେଭେନ୍ସା ବିଶ୍ୱବିଦ୍ୟାଳୟ |
| ଢେଙ୍କାନାଳ | ୧ମ | ସୁଶ୍ରୀ ସାଗରିକା ସ୍ୱାଇଁ | ପିଏମ୍‌ଶ୍ରୀ ବ୍ରଜନାଥ ବଡ଼ଜେନା ହାଇସ୍କୁଲ | -- | -- |
| | ୨ୟ | ହନସୁଜା ହିମାଳିନୀ | ମନଫଟ ବିଦ୍ୟାଳୟ | -- | -- |
| | ୩ୟ | ବିଶ୍ୱବନ୍ଦିତା ମହାପାତ୍ର | ସେଣ୍ଟ୍ ଜାଭିୟର୍ ହାଇସ୍କୁଲ | -- | -- |
| ମୟୂରଭଞ୍ଜ | ୧ମ | ତସବି ପରବିନ | ସେଣ୍ଟ ଆନ୍ନିସ କନଭେଣ୍ଟ ସ୍କୁଲ | ଶୁଭଶ୍ରୀ ଦୀକ୍ଷିତ | ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୨ୟ | ତପସ୍ୱିନୀ ବେହେରା | ସାଇ ଆଦର୍ଶ ବିଦ୍ୟାମନ୍ଦିର | ଜସ୍ମିନ ଦାସ | ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୩ୟ | ତନ୍ମୟା ସାହୁ | ରଘୁନାଥ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ | ଆର୍ଯ୍ୟନ ଦାସ | ବାରିପଦାର ସେଣ୍ଟ ଆନ୍ନିସ କନଭେଣ୍ଟ ସ୍କୁଲ |
| ଗଜପତି | ୧ମ | ସ୍ନୋଇ ଜଶିକା ଦାଶ | ସେଞ୍ଚୁରିୟନ୍ ପବ୍ଲିକ ସ୍କୁଲ | ମହାଲକ୍ଷ୍ମୀ ମହାପାତ୍ର | ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୨ୟ | ଅଜିତ୍ କୁମାର ପାଣିଗ୍ରାହୀ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ସୁଲଗ୍ନା ପଟ୍ଟନାୟକ | ସେଞ୍ଚୁରିୟନ ପବ୍ଲିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ |
| | ୩ୟ | ସାଇଶ୍ରୀ ପଣ୍ଡିତ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ନିଉଟନ୍ ଶବର | ବିନୋଦିନୀ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ |
| ଗଞ୍ଜାମ | ୧ମ | ବି ଅବିନାଶ ଦାଶ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ | ଅମ୍ବିକା ପ୍ରସାଦ ମହାପାତ୍ର | ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ |
| | ୨ୟ | ଆଶୁତୋଷ ସାହୁ | ମେଡ଼ିକାଲ କ୍ୟାମ୍ପସ ହାଇସ୍କୁଲ | ଅଭିଷେକ ସାମନ୍ତରାୟ | ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ |
| | ୩ୟ | ମହିକା ପ୍ରଧାନ | ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗଜପତିନଗର | ବସୁନ୍ଧରା ପାଣିଗ୍ରାହୀ | ଦି ୟୁରୋ ସ୍କୁଲ, ଛତ୍ରପୁର |
| କନ୍ଧମାଳ | ୧ମ | ସାଇ ଶୁଭମ ମହାନ୍ତି | ପବ୍ଲିକ ସ୍କୁଲ | ସ୍ୱାଗତିକା ତ୍ରିପାଠୀ | ସରକାରୀ ମହାବିଦ୍ୟାଳୟ |
| | ୨ୟ | ଶୁଭମ ଡାକୁଆ | ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର | ଶ୍ରଦ୍ଧାଞ୍ଜଳି ସାହୁ | ସରକାରୀ ମହାବିଦ୍ୟାଳୟ |
| | ୩ୟ | ଶୁଭଶ୍ରୀ ସା | ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର | ରସନୀ ମହାନନ୍ଦ | ସଞ୍ଜୟ ସ୍ମୃତି ମହିଳା ମହାବିଦ୍ୟାଳୟ |
| କେନ୍ଦ୍ରାପଡ଼ା | ୧ମ | ସିମ୍ରନ ବେହେରା | ସେଣ୍ଟ ଜାଭିୟର ହାଇସ୍କୁଲ | ଅନନ୍ୟା ପ୍ରଜ୍ଞାସ୍ମିତା ତ୍ରିପାଠୀ | ଧରଣୀଧର ବିଶ୍ୱବିଦ୍ୟାଳୟ |
| | ୨ୟ | ଆୟୁଷା ମଙ୍ଗରାଜ | ସେଣ୍ଟ୍ ଜାଭିୟର ହାଇସ୍କୁଲ | ସତ୍ୟଜିତ ସାହୁ | ଇଗ୍ନୋ, କେନ୍ଦ୍ରାପଡ଼ା |
| | ୩ୟ | ସ୍ୱାତୀପ୍ରଜ୍ଞା ପଣ୍ଡା | ଦାମୋଦରଜୀୟୁ ବିଦ୍ୟାପୀଠ | ଓମ୍‌ପ୍ରକାଶ ରଥ | ଏଚଏନଏସ କଲେଜ, ଚାନ୍ଦୋଳ |
| ଜଗତସିଂହପୁର | ୧ମ | ଅଭିଷେକ ତ୍ରିପାଠୀ | ରସଲପୁର ସରକାରୀ ଉଚ୍ଚ ବିଦ୍ୟାଳୟ | ରାଜକୁମାର ଶତପଥୀ | ଜଗତସିଂହପୁର ଏସଭିଏମ କଲେଜ |
| | ୨ୟ | ଅମିତ୍ରା ଷଡ଼ଙ୍ଗୀ | ବୃନ୍ଦାବନ ଉଚ୍ଚବିଦ୍ୟାଳୟ, ମାର୍କଣ୍ଡପୁର | ଦର୍ଶନ ସାରଦା ଶତପଥୀ | ଜଗତସିଂହପୁର, ଏସଭିଏମ କଲେଜ |
| | ୩ୟ | ଆଦ୍ୟାଶା ପ୍ରିୟଦର୍ଶିନୀ | ଜଗତସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ | ଶ୍ରଦ୍ଧାଞ୍ଜଳି ପାତ୍ର | ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ, ଆଶ୍ରମପାଟଣା |
| ଯାଜପୁର | ୧ମ | ସ୍ୱସ୍ତିକା ରାଉତ | ଆଦର୍ଶ ବିଦ୍ୟାଳୟ, ଦାନଗଦୀ | କେଶରୀ ପ୍ରସାଦ ମହାନ୍ତି | ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର |
| | ୨ୟ | ସ୍ୱର୍ଣ୍ଣଲକ୍ଷ୍ମୀ ବେହେରା | ଉପେନ୍ଦ୍ର କୁମାର ହାଇସ୍କୁଲ,ଯାଜପୁର | ସାଇ ଶଙ୍କର ବାରିକ | ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟ ପାଣିକୋଇଲି |
| | ୩ୟ | ପ୍ରଜ୍ଞା ପାରମିତା କୁଣ୍ଡୁ | ପଞ୍ଚାୟତ ହାଇସ୍କୁଲ, ନାଥସାହି | ମାନସ ରଞ୍ଜନ ସେନାପତି | ଡି.ଆଇ.ଇ.ଟି, ଡୋଳିପୁର |
| ବାଲେଶ୍ୱର | ୧ମ | ତୁଳସୀ ରଣା | ବାଲେଶ୍ୱର ଟାଉନ ହାଇସ୍କୁଲ | ଉପାସନା ପଟ୍ଟନାୟକ | ଫକୀରମୋହନ ବିଶ୍ୱବିଦ୍ୟାଳୟ |
| | ୨ୟ | ପିଆଲି ପଢ଼ିଆରି | ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ଚନ୍ଦ୍ରାୟ ହେମ୍ବ୍ରମ | ଟେମ୍ପୁଲସିଟି ଇଞ୍ଜିନିୟରିଂ କଲେଜ |
| | ୩ୟ | ଅନ୍ଦିତ କୁମାର ଦାସ | ମଡର୍ଣ୍ଣ ପବ୍ଲିକ ସ୍କୁଲ | ଦୀପସା ତ୍ରିପାଠୀ | ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ |
| ଭଦ୍ରକ | ୧ମ | ଋତୁପୂର୍ଣ୍ଣା ନାୟକ | ଭଦ୍ରକ ବିଦ୍ୟାର୍ଥୀ ଇଣ୍ଟରନ୍ୟାସନାଲ ସ୍କୁଲ | ଉଦୀପ୍ତା କର | ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲ |
| | ୨ୟ | ଅନ୍ନପୂର୍ଣ୍ଣା ସେଠୀ | ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲ | ତୃପ୍ତିରାଣୀ ପଣ୍ଡା | ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲ |
| | ୩ୟ | ଜ୍ୟୋତିପ୍ରଜ୍ଞା ରାଉତ | ଏସବିଡି ଇଣ୍ଟରନ୍ୟାସନାଲ ସ୍କୁଲ | ମଧୁସ୍ମିତା ବିଶ୍ୱାଳ | ବିଦ୍ୟାର୍ଥୀ ଇଣ୍ଟରନ୍ୟାସନାଲ ସ୍କୁଲ |
| କେନ୍ଦୁଝର | ୧ମ | ଅନନ୍ୟା ଲେଙ୍କା | ଏସ୍‌ଏସ୍‌ଭିଏମ୍, କେନ୍ଦୁଝରଗଡ଼ | ଆୟୁଷା ପଟ୍ଟନାଏକ | ଧରଣୀଧର ବିଶ୍ୱବିଦ୍ୟାଳୟର |
| | ୨ୟ | ତନୁଶ୍ରୀ ପଣ୍ଡା | ଏସ୍‌ଏସ୍‌ଭିଏମ୍, କେନ୍ଦୁଝରଗଡ଼ | ଶତାବ୍ଦୀ ମହାନ୍ତି | ଧରଣୀଧର ଉଚ୍ଚମାଧ୍ୟମିକ ବିଦ୍ୟାଳୟର |
| | ୩ୟ | ବିଶ୍ୱଜିତ ଦାଶ | ଡିଏନ ହାଇସ୍କୁଲ | ରଶ୍ମିତା ଶତପଥୀ | ଡିଡି ବିଶ୍ୱବିଦ୍ୟାଳୟର |
| ରାୟଗଡ଼ା | ୧ମ | ରାଜ ନାୟକ | ଗୋପବନ୍ଧୁ ମୁନସିପାଲିଟି ହାଇସ୍କୁଲ | ସାଇରେନ୍ଦ୍ରି ସିଲା ସାହୁ | ରାୟଗଡ଼ା ଜିଆଇଏସିଆର୍ କଲେଜ |
| | ୨ୟ | ନନ୍ଦିନୀ ଶତପଥୀ | ରାୟଗଡ଼ା ବାଳିକା ଉଚ୍ଚବିଦ୍ୟାଳୟ | ଶୁଭେନ୍ଦ୍ର କୁମାର ପାତ୍ର | ରାୟଗଡ଼ା ମଡେଲ ଡିଗ୍ରୀ କଲେଜ |
| | ୩ୟ | ଦିବ୍ୟକୃପା ଦାଶ | ରାୟଗଡ଼ା ଶ୍ରୀଚୈତନ୍ୟ ଟେକ୍ନୋ ସ୍କୁଲ | ସୂରଜ କନ୍ଦପାଣି | ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ |
| ନବରଙ୍ଗପୁର | ୧ମ | ଭି.ତନୁଶ୍ରୀ | ନବରଙ୍ଗପୁର ପିଏମଶ୍ରୀ ଆର୍‌ସିଡି ହାଇସ୍କୁଲ | ସୌମ୍ୟା ନନ୍ଦ | ନବରଙ୍ଗପୁର ବିନୋଦ ବିହାର ମହାବିଦ୍ୟାଳୟ |
| | ୨ୟ | ଅଭୀପ୍ସା ପରିଚ୍ଛା | ନବରଙ୍ଗପୁର ଏସ୍‌ଏସ୍‌ଭିଏମ୍ | ପ୍ରିୟଙ୍କା ନାୟକ | ନବରଙ୍ଗପୁର ବିନୋଦ ବିହାର ମହାବିଦ୍ୟାଳୟ |
| | ୩ୟ | ଅବିନାଶ ସାହୁ | ନବରଙ୍ଗପୁର ଏସ୍‌ଏସ୍‌ଭିଏମ୍ | ଭି. ଅନିତା ଆଚାରି | ନବରଙ୍ଗପୁର ବିଦ୍ୟାର୍ଥୀ ସ୍ନାତକ ବିଜ୍ଞାନ ମହାବିଦ୍ୟାଳୟ |
| ମାଲକାନଗିରି | ୧ମ | ଶୁଭସ୍ମିତା ସ୍ୱାଇଁ | ବାଲିମେଳା ବାଳିକା ଉଚ୍ଚବିଦ୍ୟାଳୟ | ହୃଷୀକେଶ ପଣ୍ଡା | ସତ୍ୟନାରାୟଣ ମହାବିଦ୍ୟାଳୟ |
| | ୨ୟ | ଆଦର୍ଶ ଜ୍ଞାନରଞ୍ଜନ ନନ୍ଦ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଦ୍ୟାଳୟ | ଶିଭା ମାଟାମ | ସତ୍ୟନାରାୟଣ ମହାବିଦ୍ୟାଳୟ |
| | ୩ୟ | ଶ୍ରୀଧା ରଥ | ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ | ତପସ୍ୱିନୀ ଓଝା | ମାଲକାନଗିରି ଡିଗ୍ରୀ ମହାବିଦ୍ୟାଳୟ |
| କୋରାପୁଟ | ୧ମ | ସତତ୍ କୁମାର ଗନ୍ତାୟତ | ପ୍ରକାଶ ବିଦ୍ୟାଳୟ , ଜୟପୁର | ଦେବାଶିଷ ସାହୁ | କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ |
| | ୨ୟ | ତିତିକ୍ଷା ମିଶ୍ର | ଏସ୍‌ଏସ୍‌ଭିଏମ୍, ଶାରଦା ବିହାର, ଜୟପୁର | ମାନସୀ ରାଣି ମହାନ୍ତି | ବିକ୍ରମଦେବ ବିଶ୍ୱବିଦ୍ୟାଳୟ |
| | ୩ୟ | ଇପ୍ସିସା ମହାନ୍ତି | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କୋରାପୁଟ | ପ୍ରୀତମ ପ୍ରୟାସ ପଣ୍ଡା | ବିକ୍ରମଦେବ ବିଶ୍ୱବିଦ୍ୟାଳୟ |
| ବଲାଙ୍ଗିର | ୧ମ | ଦମୟନ୍ତୀ ଖୁଆସ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ | ବ୍ୟୋମକେଶ ଦତ୍ତ ତ୍ରିପାଠୀ | ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ |
| | ୨ୟ | ବିନ୍ଦିୟା ବେହେରା | ବିଶ୍ୱାତ୍ମା ବିଦ୍ୟାମନ୍ଦିରର ଛାତ୍ରୀ | ପ୍ରତିଶ୍ରୁତି ନାୟକ | ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ରୀ |
| | ୩ୟ | ଶୁଭମ ପଣ୍ଡା | ପୃଥ୍ୱୀରାଜ ଉଚ୍ଚବିଦ୍ୟାଳୟର ଛାତ୍ର | ସନ୍ଧ୍ୟାରାଣୀ ପଧାନ | ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ |
| ଦେବଗଡ଼ | ୧ମ | ଶ୍ରୀୟେଶ୍ୱରୀ ଗଡ଼ନାୟକ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ | ଓଁକାର ସେଠୀ | ଆପ୍ରାଇଜ ଇନଷ୍ଟିଚ୍ୟୁଟ୍ |
| | ୨ୟ | କ୍ରିତିକା କିରଣ ସାମଲ | ସରସ୍ୱତୀ ଶିଶୁବିଦ୍ୟାମନ୍ଦିର | ସାବିତ୍ରୀ ବେହେରା | ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନ |
| | ୩ୟ | ସୋନାଲିସା ଦାସ | ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟ ଛାତ୍ରୀ | ସୁନୟନା ଦେହୁରୀ | ଆପ୍ରାଇଜ ଇନଷ୍ଟିଚ୍ୟୁଟ୍ |
| କଳାହାଣ୍ଡି | ୧ମ | ଅନିନ୍ଦିତା ସାହୁ | ବିମଳା କନଭେଣ୍ଟ ସ୍କୁଲ, ଭବାନୀପାଟଣା | ଆର୍ଯ୍ୟା ନାୟକ | ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ |
| | ୨ୟ | ଐଶ୍ୱର୍ଯ୍ୟା ସିଂହ | ଭବାନୀପାଟଣା ବିମଳା କନଭେଣ୍ଟ ସ୍କୁଲ | ଟୁନା କଣ୍ଡୋଗିରି | ବିଇଡି କଲେଜ ସିଟିଇ, ଭବାନୀପାଟଣା |
| | ୩ୟ | ଅନନ୍ୟା ମିଶ୍ର | ବ୍ରଜବିହାର ଏସ୍‌ଏସ୍‌ଭିଏମ୍, ଭବାନୀପାଟଣା | ତପନ କୁମାର ବେହେରା | ବିଇଡି କଲେଜ ସିଟିଇ, ଭବାନୀପାଟଣା |
| ନୂଆପଡ଼ା | ୧ମ | ଦୀପିକା ପ୍ରିୟଦର୍ଶିନୀ ବିଶି | ଜ୍ଞାନଜ୍ୟୋତି ବିଦ୍ୟାଳୟ | କିରଣ ସାହୁ | ନ୍ୟାସନାଲ କଲେଜ |
| | ୨ୟ | ବର୍ଷା ପ୍ରିୟଦର୍ଶିନୀ | କେନ୍ଦ୍ରୀୟ ବିଦ୍ୟାଳୟ | ଜାନକୀ ଦଣ୍ଡସେନା | ନ୍ୟାସନାଲ କଲେଜ |
| | ୩ୟ | ଦେବକୀ ଦୀପ | ଜ୍ଞାନଜ୍ୟୋତି ବିଦ୍ୟାଳୟ | ଜୟଚନ୍ଦ୍ର ରଣା | ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ |
| ସମ୍ବଲପର | ୧ମ | ମୃଣ୍ମୟୀ ପ୍ରଧାନ | ସେଭେନ ହିଲ୍ସ ରେସିଡେନ୍ସିଆଲ ସ୍କୁଲ | ଶ୍ରୁତିରେଖା ଆଚାର୍ଯ୍ୟ | ସରକାରୀ ମହିଳା ମହାବିଦ୍ୟାଳୟ |
| | ୨ୟ | ସ୍ନେହମୟୀ ମହାପାତ୍ର | ଏସ୍‌ଏସ୍‌ଭିଏମ୍, ସିଦ୍ଧେଶ୍ୱରବେର୍ଣ୍ଣା | ମାନସ ରଞ୍ଜନ ଦୀକ୍ଷିତ | ସୁଇଟ୍, ସମ୍ବଲପୁର ବିଶ୍ୱବିଦ୍ୟାଳୟ |
| | ୩ୟ | ଅଙ୍କେଶ କୁମାର ନାଥ | ଓଏଭି, ଜମନକିରା | ବର୍ଷାରାଣୀ ମେହେର | ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ |
| ରାଉରକେଲା | ୧ମ | ପ୍ରିୟଙ୍କା ପ୍ରିୟଦର୍ଶିନୀ | ଆଦର୍ଶ ବିଦ୍ୟାପୀଠ, ସାରନଗରୀ | ପ୍ରୟାସ ପ୍ରୀତିରଞ୍ଜନ ବାରିକ | ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୨ୟ | ପ୍ରୟାଗରାଜ ବାରିକ | ଛେଣ୍ଡ ଚିନ୍ମୟ ଇଂଲିଶ ମିଡିୟମ ସ୍କୁଲ | ପ୍ରସପିତା ପ୍ରିୟଦର୍ଶିନୀ | ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୩ୟ | ଅଲିଶା ରାୟ | ବାସନ୍ତୀ କଲୋନୀ ସରକାରୀ ହାଇସ୍କୁଲ | ବିଜେୟନ୍ଦ୍ରୀ ମହାନ୍ତି | ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ |


# ରାଜ୍ୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ମନୋନୀତ ପ୍ରତିଯୋଗୀ



ପାଟଯୋଶୀ ସୌରୀ ପ୍ରସାଦ ମିଶ୍ର · ସ୍ମୃତିସ୍ମିତା ରାଉତ · ତୁଳସୀ ରଣା · ଉପାସନା ପଟ୍ଟନାୟକ · ସାଳିନୀ ସା · ଅବିନାଶ ନାଗ




ଶୁଭଲକ୍ଷ୍ମୀ ସାହୁ · ଶାଶ୍ୱତୀ ପ୍ରିୟଦର୍ଶିନୀ · ଅନିନ୍ଦିତା ସାହୁ · ଆର୍ଯ୍ୟା ନାୟକ · ଦମୟନ୍ତୀ ଖୁଆସ · ବ୍ୟୋମକେଶ ଦତ୍ତ ତ୍ରିପାଠୀ



ଆର୍ଯ୍ୟନାରାୟଣ ଦେବ · ସୁନେଲି ବାଘ · ଶ୍ରୀୟେଶ୍ୱରୀ ଗଡ଼ନାୟକ · ଓଁକାର ସେଠୀ · ମହାଲକ୍ଷ୍ମୀ ମହାପାତ୍ର · ସ୍ନୋଇ ଜଶିକା ଦାଶ



ଅଭୀପ୍ସା କର · ଫାଲଗୁନୀ ବେହେରା · ଅନନ୍ୟା ଲେଙ୍କା · ଆୟୁଷା ପଟ୍ଟନାଏକ · ସତତ୍ କୁମାର ଗନ୍ତାୟତ · ଦେବାଶିଷ ସାହୁ



ଶୁଭସ୍ମିତା ସ୍ୱାଇଁ · ହୃଷୀକେଶ ପଣ୍ଡା · ତସବି ପରବିନ · ଶୁଭଶ୍ରୀ ଦୀକ୍ଷିତ · ଭି.ତନୁଶ୍ରୀ · ସୌମ୍ୟା ନନ୍ଦ



ପ୍ରୀତିମୟୀ ସାହୁ · ସାଗର ବେହେରା · ଦୀପିକା ପ୍ରିୟଦର୍ଶିନୀ ବିଶି · କିରଣ ସାହୁ · ସ୍ୱାଗତିକା ତ୍ରିପାଠୀ · ସାଇ ଶୁଭମ ମହାନ୍ତି



ରାଜ ନାୟକ · ସାଇରେନ୍ଦ୍ରି ସିଲା ସାହୁ · ପ୍ରିୟଙ୍କା ପ୍ରିୟଦର୍ଶିନୀ · ପ୍ରୟାସ ପ୍ରୀତିରଞ୍ଜନ ବାରିକ · ମୃଣ୍ମୟୀ ପ୍ରଧାନ · ଶ୍ରୁତିରେଖା ଆଚାର୍ଯ୍ୟ



ଋତୁପୂର୍ଣ୍ଣା ନାୟକ · ଉଦିପ୍ତା କର · ସିମ୍ରନ ବେହେରା · ଅନନ୍ୟା ପ୍ରଜ୍ଞାସ୍ମିତା ତ୍ରିପାଠୀ · ସୁଶ୍ରୀ ସାଗରିକା ସ୍ୱାଇଁ



ବି ଅବିନାଶ ଦାଶ · ଅମ୍ବିକା ପ୍ରସାଦ ମହାପାତ୍ର · ହିମାଂଶୁ ସାହୁ · ପ୍ରଜ୍ଞାଶ୍ରୀ ପଟ୍ଟନାୟକ · ପ୍ରସମିତ କାନୁନଗୋ · ସିଦ୍ଧାନ୍ତ କୁମାର ସାହୁ



କେଶରୀ ପ୍ରସାଦ ମହାନ୍ତି · ସ୍ୱସ୍ତିକା ରାଉତ · ଅଭିଷେକ ତ୍ରିପାଠୀ · ରାଜକୁମାର ଶତପଥୀ · ଶୁଭାଙ୍ଗୀ ସାହୁ · ରୋଜାଲିନ ରାଉତ

| | | | | | |
|---|---|---|---|---|---|
| ଝାରସୁଗୁଡ଼ା | ୧ମ | ଅଭୀପ୍ସା କର | ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ | ଫାଲଗୁନୀ ବେହେରା | ପିକେଏସ୍‌ଏସ୍ କଲେଜ |
| | ୨ୟ | ଏକତା ପ୍ରଧାନ | ଡିଏଭି ପବ୍ଲିକ ସ୍କୁଲ ଏସଓସିପି ବ୍ରଜରାଜନଗର | ଉଷାରାଣୀ ବେହେରା | ପିକେଏସ୍‌ଏସ୍ କଲେଜ |
| | ୩ୟ | ଆରାଧ୍ୟା ପଣ୍ଡା | ବ୍ରଜରାଜନଗର ଡାନିଏଲ ପବ୍ଲିକ ସ୍କୁଲ | ଦିବ୍ୟା ଭୋଇ | ପିକେଏସ୍‌ଏସ୍ କଲେଜ |
| ବୌଦ୍ଧ | ୧ମ | ଆର୍ଯ୍ୟନାରାୟଣ ଦେବ | ସେଣ୍ଟ ଜାଭିୟର୍ ପବ୍ଲିକ ସ୍କୁଲ | ସୁନେଲି ବାଘ | ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ |
| | ୨ୟ | ଆଧ୍ୟତ୍ରୀ ପୁରୋହିତ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ଡେଜଲିନ ସାହୁ | ମଡେଲ ଡିଗ୍ରୀ କଲେଜ |
| | ୩ୟ | ବବିନ ବାଘ | ବୁଟୁପାଲି ହାଇସ୍କୁଲ | ବିମଳା ନାଏକ | ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ |
| ବରଗଡ଼ | ୧ମ | ସାଳିନୀ ସା | ରାଣାପ୍ରତାପ ସ୍କୁଲ | ଅବିନାଶ ନାଗ | ପଞ୍ଚାୟତ ଡିଗ୍ରୀ କଲେଜ |
| | ୨ୟ | ପୀୟୁଷ ନାଏକ | ଜର୍ଜ ଉଚ୍ଚ ବିଦ୍ୟାଳୟର | ଚନ୍ଦ୍ରିକା ପ୍ରଧାନ | ଆପ୍ରାଇଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ |
| | ୩ୟ | ପାୟଲ ପଣ୍ଡା | ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ | ଧରିତ୍ରୀ ପ୍ରଧାନ | ପଞ୍ଚାୟତ ଡିଗ୍ରୀ କଲେଜ |

## ଆଜିର ରାଶିଫଳ

**ମେଷ:** ବିଜିନେସ୍ ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।


**ମକର:** ଦିନଟିରେ କର୍ମକ୍ଷେତ୍ର ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପ୍ରେମ ସମ୍ପର୍କ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୭୧- ନ୍ୟାସନାଲ ରାଇଫଲ୍ ଆସୋସିଏସନ୍ ଗଠନ।
- ୧୯୧୪- ବେନିତୋ ମୁସୋଲିନୀଙ୍କୁ ଇଟାଲୀୟ ସମାଜବାଦୀ ପାର୍ଟିରୁ ବାହାର କରାଗଲା।
- ୧୯୬୯- ଆପୋଲୋ ୧୨ ମହାକାଶଯାନ ପୃଥିବୀକୁ ଫେରୁଥିବା ସମୟରେ ପ୍ରଶାନ୍ତ ମହାସାଗରରେ ଖସିପଡ଼ିଲା।
- ୧୯୯୨- ଚୀନ୍‌ର ଏକ ଘରୋଇ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୪୧ ଲୋକଙ୍କ ମୃତ୍ୟୁ।



## ସିଂହାସନରେ ବସିବା ପୂର୍ବରୁ ପଥର ଉପରେ ବସନ୍ତି ରାଜା

ସାଧାରଣତଃ କୌଣସି ବ୍ୟକ୍ତି ରାଜା ହେଲେ ରାଜ୍ୟାଭିଷେକ କରାଯାଇ ତାଙ୍କୁ ରାଜ ସିଂହାସନରେ ବସାଯାଏ। ବ୍ରିଟେନରେ କିନ୍ତୁ ଏହାକୁ ନେଇ ଭିନ୍ନତା ଦେଖିବାକୁ ମିଳିଥାଏ। ଏଠାରେ ରାଜାଙ୍କୁ ରାଜ୍ୟାଭିଷେକ ସମୟରେ ଏକ ପଥର ଉପରେ ବସିବା ପରମ୍ପରା ରହିଛି। ୧୫୨ କେଜି ଓଜନର ଏହି ପଥରକୁ ଭାଗ୍ୟର ପଥର ବା ଷ୍ଟୋନ ଅଫ୍ ଡେଷ୍ଟିନି ବୋଲି କୁହାଯାଏ। ଏହା ସ୍କଟିଶ୍ ରାଜତନ୍ତ୍ରର ପ୍ରତୀକ ଭାବେ ଜଣାଯାଏ। ଭାଗ୍ୟ ପଥର ବା ଲିୟା ଫେଲ୍ ନାମକ ଏହି ଆୟତାକାର ବାଲୁଆ ପଥର କାହିଁ କେଉଁ କାଳୁ ବ୍ରିଟେନ ରାଜାଙ୍କ ରାଜ୍ୟାଭିଷେକ ସହ ଜଡ଼ିତ। ଐତିହାସିକମାନଙ୍କ କହିବାନୁଯାୟୀ, ଚଉଦଶହ ଶତାବ୍ଦୀରୁ ବ୍ରିଟିଶ୍ ରାଜ୍ୟାଭିଷେକ ପାଇଁ ଏହା ବ୍ୟବହୃତ ହୋଇଆସୁଛି। ବାସ୍ତବିକ ରୂପେ ଏହା କେବେଠୁ ବ୍ୟବହୃତ ହୋଇଆସୁଛି, ତାହା କେହି ଜାଣନ୍ତିନି। ଏହାର ଉତ୍ପତ୍ତି ମଧ୍ୟ ରହସ୍ୟମୟ। ଏହାକୁ ନେଇ ବିଶେଷଜ୍ଞମାନେ ମଧ୍ୟ ବହୁ ଅଧ୍ୟୟନ କରିଛନ୍ତି। ବୈଜ୍ଞାନିକମାନଙ୍କ ତଥ୍ୟ ଅନୁଯାୟୀ, ଏହା ସ୍କଟଲ୍ୟାଣ୍ଡରେ ମିଳୁଥିବା ଏକ ବାଲୁଆ ପଥର। ସେହିଭଳି ଏଠାରେ ପ୍ରଚଳିତ ଲୋକକଥା ଅନୁଯାୟୀ, ଏହି ପଥର ୩୦୦୦ ବର୍ଷ ପୂର୍ବେ ପାଲେଷ୍ଟାଇନ୍‌ରୁ ଆସିଥିଲା। ଏଥିରେ ଯାକୁବ୍ ନିଜର ମୁଣ୍ଡ ରଖି ଶୋଇଥିଲେ ଏବଂ ସ୍ୱପ୍ନରେ ସ୍ୱର୍ଗକୁ ଶିଡ଼ି ଦେଖିଥିଲେ। ପରବର୍ତ୍ତୀ ସମୟରେ ଏହାକୁ ଆୟରଲ୍ୟାଣ୍ଡକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଏହା ରାଜାମାନଙ୍କ ରାଜ୍ୟାଭିଷେକରେ ବ୍ୟବହାର ହେଉଥିଲା। ଏହାପରେ ଏହି ପଥର ସ୍କଟଲ୍ୟାଣ୍ଡ ଆସିଥିଲା। ଏହା ରାଜା ନିର୍ମାଣକାରୀ ପଥର ଭାବେ ପ୍ରସିଦ୍ଧି ଲାଭ କରିଥିଲା। ସେହିପରି ମାନ୍ୟତା ରହିଛି, ରାଜା ପଦ ପାଇଁ ଯୋଗ୍ୟ ବ୍ୟକ୍ତି ଏହି ପଥର ଉପରେ ବସିବା ଦ୍ୱାରା ଶବ୍ଦ ବାହାରିଥାଏ। ନବମ ଶତାବ୍ଦୀରେ ଏହାକୁ ସ୍କଟଲ୍ୟାଣ୍ଡର ସ୍କୋନ୍ ଏବେରେ ରଖାଯାଇଥିଲା। ଏହି ପଥର ସ୍କଟିଶ୍ ରାଷ୍ଟ୍ରବାଦର ପ୍ରତୀକ ଭାବେ ଜଣାଯାଏ।

## 'ବାରାଣସୀ'ରେ ମାଧବନ୍‌ଙ୍କ ଏଣ୍ଟ୍ରି

ଏସ୍. ଏସ୍ ରାଜମୌଲିଙ୍କ ଫିଲ୍ମ 'ଏସ୍‌ଏସ୍‌ଏମ୍‌ବି୨୯'କୁ ନେଇ ଦର୍ଶକଙ୍କ ଭିତରେ ବେଶ୍ ଉତ୍ସାହ ରହିଛି। ନଭେମ୍ବର ୧୫ରେ ରାଜମୌଲି ଫିଲ୍ମର ଟାଇଟଲ୍ ବିଧିବଦ୍ଧଭାବେ 'ବାରାଣସୀ' ବୋଲି ଘୋଷଣା କରିଛନ୍ତି। ଏଥିପାଇଁ ସେ ରାମୋଜି ଫିଲ୍ମ ସିଟିରେ ଏକ ଗ୍ରାଣ୍ଡ ଇଭେଣ୍ଟର ଆୟୋଜନ କରିଥିଲେ। ଏଥିରେ ଫିଲ୍ମର ପ୍ରଥମ ଝଲକ ମଧ୍ୟ ଦେଖାଯାଇଥିଲା। ଏହି ଇଭେଣ୍ଟ ପାଇଁ ପାଖାପାଖି ୨୦ କୋଟି ଖର୍ଚ୍ଚ ହୋଇଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ଫିଲ୍ମର ବଜେଟ୍ ୧୦୦୦ କୋଟି ହେବ ବୋଲି କୁହାଯାଉଥିବାବେଳେ ଏହା ଏବେ ୧୩୦୦ କୋଟିରେ ପହଞ୍ଚିଛି। ଏଥିରେ ଲିଡ୍ ରୋଲରେ ମହେଶବାବୁ, ପୃଥ୍ୱୀରାଜ ସୁକୁମାରନ୍ ଓ ପ୍ରିୟଙ୍କା ଚୋପ୍ରା ଦେଖାଯିବେ। ମହେଶବାବୁ ଓ ପ୍ରିୟଙ୍କା ଏବେ ଏହାର ଲଗାତାର ସୁଟିଂ କରୁଛନ୍ତି। କାରଣ ରାଜମୌଲି ଏହାକୁ ୨୦୨୭ରେ ରିଲିଜ୍ କରିବାପାଇଁ ଯୋଜନା କରିଛନ୍ତି। ସେଥିପାଇଁ ସେ ଏହାର ସୁଟିଂ ୨୦୨୬ ସୁଦ୍ଧା ସାରିବା ପାଇଁ ଯୋଜନା କରିଛନ୍ତି। ତେବେ ଏଥିରେ ମହେଶବାବୁ କେଉଁ ଚରିତ୍ରରେ ଅଭିନୟ କରୁଛନ୍ତି ସେନେଇ ଦର୍ଶକେ ଦ୍ୱନ୍ଦ୍ୱରେ ରହିଛନ୍ତି। ଅପରପକ୍ଷରେ ରାଜମୌଲିଙ୍କ ଏହି ଫିଲ୍ମରେ ହନୁମାନ ଭୂମିକାରେ ଆର୍. ମାଧବନ୍ ନଜର ଆସିବେ ବୋଲି ଏବେ ଚର୍ଚ୍ଚା ହେଉଛି। ଯଦିଓ ମେଗା ଇଭେଣ୍ଟରେ ମାଧବନ୍‌ଙ୍କୁ ନେଇ କିଛି କୁହାଯାଇ ନ ଥିଲା କିନ୍ତୁ ସମୟ ଆସିଲେ ଫିଲ୍ମ ନିର୍ମାତା ତାଙ୍କ ନାମ ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ଫିଲ୍ମରେ ଭଗବାନ ଶିବ, ରାମ ଓ ହନୁମାନଙ୍କ ଭୂମିକା ରହିବ ବୋଲି ମେଗା ଇଭେଣ୍ଟର ଏକ କ୍ଲିପ୍‌ରେ ଦେଖାଯାଇଥିଲା।




### ଭିନ୍ନ ଜଣେ ସଙ୍ଗୀତ ପ୍ରେମୀ

## ୫ଜି ଜମାନାରେ ଟେପ୍ ରେକର୍ଡରରେ ଶୁଣନ୍ତି ଗୀତ

ପ୍ରତ୍ୟେକ ବ୍ୟକ୍ତିଙ୍କର ଭିନ୍ନ ଭିନ୍ନ ସଉକ ରହିଥାଏ। କିଏ ସିନେମା ଦେଖିବାକୁ ଭଲ ପାଏ ତ ଆଉ କିଏ ଡାକଟିକଟ, ମୁଦ୍ରା ଆଦି ସାଇତି ରଖିବାକୁ ପସନ୍ଦ କରନ୍ତି। ହେଲେ ଏଥିରୁ ବ୍ୟତିକ୍ରମ ରାଜସ୍ଥାନ, ବିକାନେରର ମାଓ୍ୱା ପଟ୍ଟି ଅଞ୍ଚଳର ୭୫ବର୍ଷୀୟ ମୋତିଲାଲ ମୋହତା। ସେ ଦୀର୍ଘ ଛଅ ଦଶନ୍ଧି ହେଲାଣି ଟେପ୍ ରେକର୍ଡରରେ ଗୀତ ଶୁଣି ଆସୁଛନ୍ତି। ଫୋନ୍, ଲାପ୍‌ଟପ୍ ଯୁଗରେ ସେ ପ୍ରତିଦିନ ସକାଳ ଏବଂ ସନ୍ଧ୍ୟା ସମୟରେ ଏଥିରେ ପୁରୁଣା ଗୀତଗୁଡ଼ିକ ଶୁଣନ୍ତି। ସେ ପାଖାପାଖି ୫,୦୦୦ କ୍ୟାସେଟ୍ ସଂଗ୍ରହ କରି ରଖିଛନ୍ତି। ଏହା ତାଙ୍କ ପାଇଁ ସମ୍ପତ୍ତି ସଦୃଶ ବୋଲି ସେ କୁହନ୍ତି। ମୋତିଲାଲ ଗୀତ ଶୁଣିବାରେ ପାଖାପାଖି ୬ରୁ ୮ ଘଣ୍ଟା ସମୟ ବିତାଇଥାନ୍ତି। ତାଙ୍କ ପାଇଁ ପୁରୁଣା ସଙ୍ଗୀତ ଥେରାପି ସଦୃଶ। ଯଦି ସେ କେଉଁଦିନ ଗୀତ ଶୁଣି ନ ଥାନ୍ତି, ସେଦିନ ତାଙ୍କୁ ବିଚଳିତ ଲାଗେ ବୋଲି କୁହନ୍ତି। ଗୀତ ଶୁଣିବା ଅଭ୍ୟାସ ତାଙ୍କ ପାଇଁ ଔଷଧ ପରି କାମ କରିଥାଏ। ତେବେ ଟେପ୍ ରେକର୍ଡରରେ ପୁରୁଣା ଗୀତ ଶୁଣିବା ପଛରେ ଏକ ରୋଚକ



କାହାଣୀ ରହିଛି। ମୋତିଲାଲଙ୍କୁ ଯେତେବେଳେ ୧୫ ବର୍ଷ ବୟସ ହୋଇଥିଲା, ସେ ଏକ ଚା' ଦୋକାନ ଚଳାଉଥିଲେ। ସେତେବେଳେ ଏକ ଟେପ୍ ରେକର୍ଡର ତାଙ୍କୁ ଭଲ ଲାଗିଥିଲା। ଏହାର ଦାମ୍ ଜାଣିବାକୁ ସେ ଚେଷ୍ଟା କରିଥିଲେ। ଟେପ୍ ରେକର୍ଡର କିଣିବା ପାଇଁ ସେ ସମର୍ଥ ନୁହଁନ୍ତି ବୋଲି କେହି ଜଣେ ତାଙ୍କୁ କହିଥିଲେ। ଏହି କଥାକୁ ଖାତିର୍ ନ କରି ମୋତିଲାଲ ଟଙ୍କା ସଞ୍ଚୟ କରି କରି ଟେପ୍ ରେକର୍ଡର କିଣିଥିଲେ। ଏହାପର ଠାରୁ ତାଙ୍କର ଗୀତ ଶୁଣିବା ଅଭ୍ୟାସ ଚାଲିଲା। ସେ ବହୁତ ପୁରୁଣା ଗୀତର କ୍ୟାସେଟ୍ ସାଇତି ରଖିଛନ୍ତି। ପ୍ରତ୍ୟେକ କ୍ୟାସେଟ୍ ତାଙ୍କ ପାଇଁ ଏକ ସ୍ମୃତି। ଟେପ୍ ରେକର୍ଡର ଖରାପ ହୋଇଗଲେ, ସେ ତୁରନ୍ତ ଏହାକୁ ସଜାଡ଼ନ୍ତି ନଚେତ୍ ନୂଆ କିଣନ୍ତି। ଟେପ୍ ରେକର୍ଡରରେ ବାଜିଉଠୁଥିବା ଗୀତଗୁଡ଼ିକ ତାଙ୍କୁ ଯେମିତି ଜିଇଁବାର ସୁଯୋଗ ଦେଇଥାଏ। ମହମ୍ମଦ ରଫି, ଲତା ମଙ୍ଗେସକର, କିଶୋର କୁମାରଙ୍କଠାରୁ ନେଇ ମୁକେଶଙ୍କ ପର୍ଯ୍ୟନ୍ତ ଶହେରୁ ଊର୍ଦ୍ଧ୍ୱ ଗୀତ ତାଙ୍କର ମନେ ରହିଛି। ତେବେ ପିଲାଟି ଦିନରୁ ଅଭାବ ଅନଟନରେ ଚଳି ଆସୁଥିବାରୁ କେବଳ ଗୀତ ତାଙ୍କୁ ଜୀବନର ମାନେ ଶିଖାଇଥିବା ମୋତିଲାଲ କୁହନ୍ତି। କୌଣସି କାରଣରୁ ଯଦି ତାଙ୍କର ମନ ଦୁଃଖ ହୋଇଯାଏ, ସେ ତୁରନ୍ତ ଟେପ୍ ରେକର୍ଡରରେ ଗୀତ ବଜାଇ ଦିଅନ୍ତି। ଆଉ ଖୁସି ଅନୁଭବ କରନ୍ତି।



## ରାଶି ଅନୁସାରେ ରୁଦ୍ରାକ୍ଷ ଧାରଣ

ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା ଭଗବାନ ଶିବଙ୍କ କୃପା ପ୍ରାପ୍ତ ହୁଏ। ଏହାକୁ ଧାରଣ କରିବା ଦ୍ୱାରା ଜୀବନରେ ଦୁଃଖ ଓ ସଙ୍କଟ ଦୂର ହୋଇଥାଏ। ତା'ସହ ଏହା ମନକୁ ଶାନ୍ତ ରଖିବାରେ ସାହାଯ୍ୟ କରେ। ତେବେ ରୁଦ୍ରାକ୍ଷ ରାଶି ଅନୁସାରେ ଧାରଣ କରିବା ଉପରେ ଗୁରୁତ୍ୱ ଦେବା ଉଚିତ। କେଉଁ ରାଶି କେତେ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଶୁଭ, ସେ ସମ୍ପର୍କରେ ଜାଣିବା।

ମେଷ ରାଶି ୫ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଶୁଭ। ବୃଷ ରାଶି ୬ ଏବଂ ୧୦ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଭଲ। ସେହିପରି ମିଥୁନ ରାଶି ବ୍ୟକ୍ତି ବିଶେଷ ୪ ଏବଂ ୧୧ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା ଶୁଭ ଫଳ ମିଳେ। କର୍କଟ ରାଶି ପାଇଁ ୪ ମୁଖୀ ଏବଂ ଗୌରୀଶଙ୍କର ରୁଦ୍ରାକ୍ଷ ଧାରଣ କରିବା ଭଲ। ସେହିପରି ସିଂହ ରାଶି ୫ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଶୁଭ। କନ୍ୟା ରାଶିଙ୍କ ପାଇଁ ଗୌରିଶଙ୍କର ରୁଦ୍ରାକ୍ଷ ଧାରଣ କରିବା ଅତ୍ୟନ୍ତ ଲାଭକାରୀ। ତୁଳା ରାଶି ପାଇଁ ୭ ମୁଖୀ ଏବଂ ଗଣେଶ ରୁଦ୍ରାକ୍ଷ ଶୁଭ ହୋଇଥାଏ। ବୃଷ ରାଶି ପାଇଁ ୮ ଏବଂ ୧୩ ମୁଖୀ ରୁଦ୍ରାକ୍ଷ ଉତ୍ତମ। ତେବେ ଧନୁ ରାଶି ପାଇଁ ୯ ଏବଂ ୧ ମୁଖୀ ରୁଦ୍ରାକ୍ଷ ଶୁଭ ହୋଇଥିବା ବେଳେ ମକର ରାଶି ପାଇଁ ୧୦ ଏବଂ ୧୩ ମୁଖୀ ରୁଦ୍ରାକ୍ଷ ଶୁଭ। ଅନ୍ୟପଟେ କୁମ୍ଭ ରାଶି ପାଇଁ ୭ ମୁଖୀ ଏବଂ ମୀନ ରାଶି ବ୍ୟକ୍ତିଙ୍କ ପାଇଁ ୧ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଶୁଭ।

ସେହିପରି ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା ମାନସିକ ଚାପ କମ୍ ହୁଏ। ସ୍ୱାସ୍ଥ୍ୟରେ ସୁଧାର ଆସେ। ଜୀବନରେ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ। ଆତ୍ମବିଶ୍ୱାସ ବଢ଼ିବା ସହିତ ଗ୍ରହଦୋଷ ଦୂର ହୁଏ। ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା ଆର୍ଥିକ କ୍ଷେତ୍ରରେ ସ୍ଥିରତା ଆସେ। ସୌଭାଗ୍ୟ ବୃଦ୍ଧି ପାଏ ଏବଂ ସଫଳତା ମିଳେ।

# ସୃଷ୍ଟି


## ଘରେ ଶିବଲିଙ୍ଗ ରଖୁଥିଲେ...

ଅନେକ ଲୋକ ଘରେ ଶିବଲିଙ୍ଗ ରଖି ପୂଜାର୍ଚ୍ଚନା କରିଥାନ୍ତି। ତେବେ ଘରେ ଶିବଲିଙ୍ଗ ସ୍ଥାପନାକୁ ଶୁଭ ବୋଲି କୁହାଯାଇଛି। ଅବଶ୍ୟ ଘରେ ଶିବଲିଙ୍ଗ ରଖି ପୂଜା କରିବାର କିଛି ନିୟମ ଅଛି।



- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଘରେ ଶିବଲିଙ୍ଗ ସ୍ଥାପନା କରାଯାଇପାରିବ। ହେଲେ ଶିବଲିଙ୍ଗ ପୂଜା ନିୟମ ନିଷ୍ଠା ଏବଂ ଶୁଦ୍ଧତାର ସହ କରିବା ଉଚିତ।
- ପ୍ରତ୍ୟେକ ଦିନ ଶିବଲିଙ୍ଗର ପୂଜାର୍ଚ୍ଚନା କରିବା ଅନିବାର୍ଯ୍ୟ।
- ସେହିପରି ଶିବଲିଙ୍ଗ ପାଖରେ ନିତିଦିନ ଭୋଗ ଲାଗି କରିବା ଉଚିତ।
- ଶିବଲିଙ୍ଗରେ ଜଳ ଏବଂ କ୍ଷୀରରେ ଅଭିଷେକ କରିବାକୁ ହେବ।
- ଅଭିଷେକ ପରେ ବଳକା ପାଣି ତଥା କ୍ଷୀରକୁ ଜଳରେ ପ୍ରବାହିତ କରନ୍ତୁ।

## ରାମ ନାମ ଜପର ମହତ୍ତ୍ୱ



**ରାମ ନାମ ମହିମା ଅଦ୍ୱିତୀୟ। ଏହା କେବଳ ଆଧ୍ୟାତ୍ମିକ ସମସ୍ୟାର ସମାଧାନ କରି ନ ଥାଏ, ବରଂ ଜୀବନରେ ସୁଖ, ଶାନ୍ତି ଏବଂ ସଫଳତାରେ ଭରି ଦିଏ। ଧର୍ମଗ୍ରନ୍ଥ ଅନୁସାରେ, ରାମ ନାମ ଜପ କରିବା ଦ୍ୱାରା ଜୀବନରେ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ। ରାମ ନାମ ଉଚ୍ଚାରଣରେ ମନ ଶାନ୍ତ ହୁଏ।**

କଳିଯୁଗରେ ରାମ ନାମକୁ ସଞ୍ଜିବନୀ ବୋଲି କୁହାଯାଇଛି। ରାମ ନାମର ନିୟମିତ ଜପରେ ଜୀବନରୁ ବଡ଼ ବଡ଼ ସଙ୍କଟ ଦୂର ହୁଏ ଏବଂ କଠିନ ସମସ୍ୟାର ସମାଧାନ କରିବା ସମ୍ଭବ। ସେହିପରି ବିବାହରେ କୌଣସି ସମସ୍ୟା ସାମ୍ନା କରୁଥିଲେ, ରାମ ନାମ ଅଦ୍ଭୁତ ପରିଣାମ ଦିଏ। 'ରମାପତି' ନାମ ଜପ ଏବଂ ମାତା ସୀତାଙ୍କ ଧ୍ୟାନ କରିବା ଦ୍ୱାରା ବିବାହ ସମସ୍ୟା ଶୀଘ୍ର ଦୂର ହୁଏ ବୋଲି ବିଶ୍ୱାସ କରାଯାଏ। ସନ୍ତାନ ପ୍ରାପ୍ତିରେ ସମସ୍ୟା ଥିଲେ ୧୦୮ ଥର ରାମନାମ ଜପ ଦ୍ୱାରା ସନ୍ତାନ ସମ୍ବନ୍ଧି ଦୋଷ ସମାପ୍ତ ହେଉଥିବା ବି ବିଶ୍ୱାସ ଅଛି। ବିଜ୍ଞାନ ଅନୁସାରେ, ରାମନାମ ଜପ ଦ୍ୱାରା ଶରୀର ଏବଂ ମନରେ ସକାରାତ୍ମକ ପ୍ରତିକ୍ରିୟା ଆସେ। ଅନ୍ୟପଟେ ରାମନାମ ନିୟମିତ ଜପ ଦ୍ୱାରା ଐଶ୍ୱର୍ଯ୍ୟ ଏବଂ ଧନଧାନ୍ୟ ପ୍ରାପ୍ତ ହୁଏ। ଏହାବାଦ୍ ଶିକ୍ଷା ଏବଂ କ୍ୟାରିୟରରେ ଆସୁଥିବା ବାଧାକୁ ଦୂର କରିବା ଲାଗି ରାମନାମ ଜପ ଅତ୍ୟନ୍ତ ପ୍ରଭାବୀ।


## ଲେମ୍ବୁ ଗଛ ଲଗାଇବା ଶୁଭ ନା ଅଶୁଭ

ଘରେ ଗଛ ଲଗାଇବା ତଥା ଛୋଟମୋଟ ବଗିଚା କରିବା ସାଧାରଣ କଥା। ହେଲେ ଘରେ କେଉଁ ଗଛ ଲଗାଇବା ଦରକାର ସେ, ସମ୍ପର୍କରେ ଜାଣିବା ଜରୁରି। ତେବେ ଲେମ୍ବୁ ଗଛ ଘରେ ଲଗାଇବା ଶୁଭ କି ଅଶୁଭ, ତାହାକୁ ନେଇ ବାସ୍ତୁଶାସ୍ତ୍ରରେ କ'ଣ ନିୟମ ଅଛି, ସେ ସମ୍ପର୍କରେ ଜାଣିବା।



- ବାସ୍ତୁ ଶାସ୍ତ୍ର ଅନୁସାରେ, ଲେମ୍ବୁ ଗଛକୁ ଘରର ମୁଖ୍ୟ ଦ୍ୱାର ତଥା ଘର ଭିତରେ ଲଗାଇବା ଅନୁଚିତ। ଲେମ୍ବୁ ଗଛରେ କଣ୍ଟା ଥିବାରୁ ଏହା ନକାରାତ୍ମକ ଶକ୍ତି ସଞ୍ଚାର କରେ। ଏହାକୁ ଘର ସାମ୍ନାରେ ଲଗାଇଲେ ମାନସିକ ଅଶାନ୍ତି ଏବଂ ଧନହାନି ହୋଇଥାଏ।
- ଘରର ଉତ୍ତର-ପୂର୍ବ କୋଣରେ ଲେମ୍ବୁ ଗଛ ଲଗାଇବା ଶୁଭ।
- ଲେମ୍ବୁ ଗଛକୁ ଘର ବଗିଚାର ଦକ୍ଷିଣ- ପୂର୍ବ ଦିଗରେ ଲଗାଇବା ଉଚିତ। ଏହା ଦ୍ୱାରା ଆର୍ଥିକ ସ୍ଥିତି ଭଲ ରହେ।
- ଲେମ୍ବୁ ଗଛକୁ ଘରର ବାଲକୋନି ତଥା ସୂର୍ଯ୍ୟାଲୋକ ପଡୁଥିବା ସ୍ଥାନରେ ରଖନ୍ତୁ। ଦକ୍ଷିଣ-ପୂର୍ବ ଦିଗରେ ଏହାକୁ ରଖିବା ଦ୍ୱାରା ବ୍ୟବସାୟରେ ଲାଭ ଏବଂ କ୍ୟାରିୟର୍‌ରେ ଉନ୍ନତି ପରିଲକ୍ଷିତ ହୁଏ।

## ସ୍ଥଗିତ ରହିଲା ମନ୍ଧାନାଙ୍କ ବିବାହ



ମୁମ୍ବଇ, ୨୩।୧୧ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ତାରକା ଖେଳାଳି ସ୍ମୃତି ମନ୍ଧାନା ଓ ସଙ୍ଗୀତକାର ପଲାଶ ମୁଛଲଙ୍କ ମଧ୍ୟରେ ରବିବାର ହେବାକୁ ଥିବା ବହୁଚର୍ଚ୍ଚିତ ବିବାହ ସ୍ଥଗିତ ରଖାଯାଇଛି। ଦୁଃଖଦାୟକ ପାରିବାରିକ ଜରୁରୀକାଳୀନ ପରିସ୍ଥିତି ଯୋଗୁ ବିବାହ ଅନିର୍ଦ୍ଦିଷ୍ଟକାଳ ଲାଗି ସ୍ଥଗିତ ହୋଇଛି। ରବିବାର ସକାଳେ ମନ୍ଧାନାଙ୍କ ପିତା ଶ୍ରୀନିବାସ ଜଳଖିଆ କରୁଥିବାବେଳେ ହଠାତ୍ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ଏହାପରେ ତୁରନ୍ତ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ହୃଦଘାତର ଶିକାର ହୋଇଥିବା ଜଣାପଡ଼ିଛି। ହସ୍ପିଟାଲରେ ତାଙ୍କର ଚିକିତ୍ସା ଜାରି ରହିଛି। ଶ୍ରୀନିବାସ ସୁସ୍ଥ ନ ହେବା ପର୍ଯ୍ୟନ୍ତ ବିବାହକୁ ସ୍ଥଗିତ ରଖିବାକୁ ମନ୍ଧାନା ନିଷ୍ପତ୍ତି ନେଇଥିବା ତାଙ୍କ ମ୍ୟାନେଜର ତୁହିନ ମିଶ୍ର କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୯ ବର୍ଷୀୟା ମନ୍ଧାନାଙ୍କ ନିଜ ଗାଁ ମହାରାଷ୍ଟ୍ରର ସାଙ୍ଗଲିରେ ରବିବାର ବିବାହ କରିଥାନ୍ତେ। ବିବାହ ପୂର୍ବରୀତିନୀତି ଅନୁଯାୟୀ ମନ୍ଧାନାଙ୍କ ଘରେ ହଳଦୀ ଓ ମେହେନ୍ଦୀ ଉତ୍ସବ ବହୁତ ଧୁମଧାମରେ ପାଳନ କରାଯାଇଥିଲା। ଏଥିରେ ଭାରତୀୟ ମହିଳା କ୍ରିକେଟ୍ ଦଳର ସମସ୍ତ ଖେଳାଳି ଅଂଶଗ୍ରହଣ କରିଥିଲେ।

## ଶ୍ୱେତାଙ୍କ ହାତ ଧରିଲେ ଅମୀୟ



ତାରକା ଧାବକ ଅମୀୟ ମଲ୍ଲିକ ଓ ଫିଜିଓଥେରାପିଷ୍ଟ ଶ୍ୱେତା ଭେଙ୍କଟ ଅଭିଲିଙ୍କ ବିବାହ ମୁମ୍ବଇରେ ଅନୁଷ୍ଠିତ ହୋଇଯାଇଛି।

### ଦ୍ୱିତୀୟ ଟେଷ୍ଟ: ୱିକେଟ୍ ପାଇଁ ଭାରତୀୟ ବୋଲରଙ୍କ ସଂଘର୍ଷ

# ମୁଥୁସାମୀଙ୍କ ଶତକରେ ଦ.ଆଫ୍ରିକା ସ୍ଥିତି ଦୃଢ଼

ଗୌହାଟୀ, ୨୩।୧୧ (ଏଜେନ୍ସି)



ସ୍ଥାନୀୟ ବର୍ଷାପଡ଼ା କ୍ରିକେଟ୍ ଷ୍ଟାଡିୟମରେ ଘରୋଇ ଭାରତ ବିପକ୍ଷରେ ଚାଲିଥିବା ଅନ୍ତିମ ତଥା ୨ୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଦୃଢ଼ସ୍ଥିତିରେ ରହିଛି। ଭାରତୀୟ ବଂଶୋଦ୍ଭବ ଖେଳାଳି ସେନୁରାନ ମୁଥୁସାମୀଙ୍କ ପ୍ରଥମ ଟେଷ୍ଟ ଶତକ ଓ ନଂ-୯ ବ୍ୟାଟର୍ ମାର୍କୋ ଜାନସେନଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୪୮୯ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଭାରତ ରବିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୬.୧ ଓଭରରେ କୌଣସି ୱିକେଟ୍ ନ ହରାଇ ୯ ରନ ସଂଗ୍ରହ କରିଛି। ଦୁଇ ଓପନର୍ ଯଶସ୍ୱୀ ଜୟସ୍ୱାଲ ୭ ଓ ଲୋକେଶ ରାହୁଲ ୨ ରନ କରି ଅପରାଜିତ ରହିଛନ୍ତି।

**ନୟାନ୍ତ କଲେ ମୁଥୁସାମୀ-ଜାନସେନ**

ପୂର୍ବଦିନର ଅସମାପ୍ତ ପ୍ରଥମ ପାଳି ସ୍କୋର ୨୪୭/୬ରୁ ରବିବାର ସକାଳେ ଖେଳ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ଶୀଘ୍ର ଅଲ୍‌ଆଉଟ୍ ହୋଇଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ବ୍ୟାଟିଂକ୍ରମର ୭ମ, ୮ମ ଓ ୯ମ ସ୍ଥାନ ବ୍ୟାଟର୍ ମୁଥୁସାମୀ, କାଏଲ ଭେରେନ୍ନୀ ଓ ଜାନସେନ ଭାରତୀୟ ବୋଲରଙ୍କୁ ନୟାନ୍ତ କରିଥିଲେ। ଏହି ୩ଜଣ ଉପଯୋଗୀ ପାଳି ଖେଳିବାରୁ ଦକ୍ଷିଣ ଆଫ୍ରିକା ୧୫୧.୧ ଓଭରରେ ୪୮୯ ରନର ବିଶାଳ ସ୍କୋର ଠିଆ କରାଇପାରିଥିଲା। ମୁଥୁସାମୀ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ସହ ୨୦୬ ବଲରୁ ୧୦୯ ରନ କରିଥିଲେ। ଏହି ପାଳିରେ ସେ ୧୦ଟି ଚୌକା ଓ ୨ଟି ଛକା ମାରିଥିଲେ। ସପ୍ତମ ୱିକେଟ୍‌ରେ ମୁଥୁସାମୀ ଓ ଭେରେନ୍ନୀ (୪୫ ରନ) ଯୋଡ଼ି ୮୮ ରନର ଭାଗୀଦାରି ଗଢ଼ିଥିଲେ। ଏହାପରେ ମୁଥୁସାମୀ ଓ ଜାନସେନ ୮ମ ୱିକେଟ୍‌ରେ ୯୭ ରନ ସଂଗ୍ରହ କରିବାରୁ ଦଳୀୟ ସ୍କୋର ୪୦୦ ଅତିକ୍ରମ କରିଥିଲା। ମୁଥୁସାମୀଙ୍କୁ ଆଉଟ୍ କରି ମହମ୍ମଦ ସିରାଜ ଭାରତକୁ ବଡ଼ ଆଶ୍ୱସ୍ତି ଦେଇଥିଲେ। ତେବେ ଜାନସେନଙ୍କ ଇନିଂସ ହିଁ ଦକ୍ଷିଣ ଆଫ୍ରିକାକୁ ୫୦୦ ରନ ନିକଟତର କରିଥିଲା। ଶେଷ ବ୍ୟାଟର୍ ଭାବେ ଆଉଟ୍ ହୋଇଥିବା ୬ ଫୁଟ୍ ୭୫ ଇଞ୍ଚ ଲମ୍ବର ଏହି ବାମହାତୀ ବ୍ୟାଟର୍ ୭ଟି ଛକା ଓ ୬ଟି ଚୌକା ବଳରେ ୯୧ ବଲରେ ୯୩ ରନର ଦ୍ରୁତ ଇନିଂସ ଖେଳିଥିଲେ। ବାମହାତୀ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କ ବଲରେ ବୋଲ୍ଡ ହୋଇ ଜାନସେନ ଅଳ୍ପକେ ପ୍ରଥମ ଟେଷ୍ଟ ଶତକରୁ ବଞ୍ଚିତ ହୋଇଥିଲେ।

ଭାରତୀୟ ବୋଲରମାନେ ଦକ୍ଷିଣ ଆଫ୍ରିକାର ବଳକା ୪ଟି ୱିକେଟ୍ ପାଇଁ ଆଜି ପାଖାପାଖି ୭୦ ଓଭର ବୋଲିଂ କରିଥିଲେ। କୁଲଦୀପ୍ ୧୧୫ ରନ ବ୍ୟୟରେ ସର୍ବାଧିକ ୪ଟି ୱିକେଟ୍ ସଫଳତା ପାଇଥିଲେ। ଯଶପ୍ରୀତ୍ ବୁମରା, ସିରାଜ ଓ ରବୀନ୍ଦ୍ର ଜାଡେଜା ମିଳିତ ଭାବେ ଅନ୍ୟ ୬ଟି ୱିକେଟ୍ ବାଣ୍ଟିନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଦ.ଆଫ୍ରିକା ପ୍ରଥମ ଇନିଂସ**: ୪୮୯/୧୦, ୧୫୧.୧ ଓଭର (ମୁଥୁସାମୀ- ୧୦୯, ଜାନସେନ- ୯୩, ଷ୍ଟବ୍ସ- ୪୯, ଭେରେନ୍ନୀ- ୪୫, କେଶମ ମହାରାପ- ଅପରାଜିତ ୧୨, କୁଲଦୀପ୍- ୪/୧୧୫, ବୁମରା- ୨/୭୫, ଜାଡେଜା- ୨/୯୪, ସିରାଜ- ୨/୧୦୬)।
**ଭାରତ ପ୍ରଥମ ଇନିଂସ**: ୯/୦, ୬.୧ ଓଭର (ଜୟସ୍ୱାଲ- ଅପରାଜିତ- ୭, ରାହୁଲ- ଅପରାଜିତ- ୨)।


## ଗିଲ୍‌ଙ୍କ ଅନୁପସ୍ଥିତିରେ ରାହୁଲଙ୍କୁ ନେତୃତ୍ୱ

ମୁମ୍ବଇ, ୨୩।୧୧ (ଏଜେନ୍ସି): ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ବିପକ୍ଷ ଆଗାମୀ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଲାଗି ରବିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ନିୟମିତ ଅଧିନାୟକ ଶୁବମନ ଗିଲ୍ ଆହତ ଯୋଗୁ ଏହି ସିରିଜରେ ଖେଳିବେ ନାହିଁ। ତାଙ୍କ ଅନୁପସ୍ଥିତିରେ ଅଭିଜ୍ଞ ୱିକେଟ୍‌ରକ୍ଷକ ବ୍ୟାଟର୍ ଲୋକେଶ ରାହୁଲଙ୍କୁ କାମଚଳା ଅଧିନାୟକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ତିଲକ ବର୍ମା, ଋଷଭ ପନ୍ତ, ରବୀନ୍ଦ୍ର ଜାଡେଜା ଓ ଋତୁରାଜ ଗାଏକ୍‌ୱାଡଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ପନ୍ତ ଉପ-ଅଧିନାୟକ ଭାର ସମ୍ଭାଳିବେ। ଗାଏକୱାଡ ୨ ବର୍ଷ ପରେ ଦିନିକିଆ ଦଳକୁ ଫେରିଛନ୍ତି। ତେବେ ଅଷ୍ଟ୍ରେଲିଆ ସିରିଜରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ସ୍ପିନ ଅଲରାଉଣ୍ଡର ଅକ୍ଷର ପଟେଲ ଓ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଦୁଇ ତାରକା ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଦିନିକିଆ ଦଳରେ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ତିନି ମ୍ୟାଚ୍‌ବିଶିଷ୍ଟ ଦିନିକିଆର ପ୍ରଥମ ମ୍ୟାଚ୍ ନଭେମ୍ବର ୩୦ରେ ରାଞ୍ଚିରେ ଖେଳାଯିବ। ଏହାପରେ ଡିସେମ୍ବର ୩ ଓ ୬ରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍ ରାୟପୁର ଓ ବିଶାଖାପାଟନାରେ ଅନୁଷ୍ଠିତ ହେବ।

**ଭାରତୀୟ ଦିନିକିଆ ଦଳ**

ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ତିଲକ ବର୍ମା, ଲୋକେଶ ରାହୁଲ (ଅଧିନାୟକ), ଋଷଭ ପନ୍ତ (ଉପ-ଅଧିନାୟକ/ୱିକେଟକିପର), ଧ୍ରୁବ ଜୁରେଲ (ୱିକେଟ୍‌କିପର), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ନୀତୀଶ ରେଡ୍ଡୀ, ହର୍ଷିତ ରାଣା, ଋତୁରାଜ ଗାଏକ୍‌ୱାଡ, ପ୍ରସିଦ୍ଧ କ୍ରିଷ୍ଣା ଓ ଅର୍ଶଦୀପ ସିଂହ।

## ସିଜନର ପ୍ରଥମ ଟାଇଟଲ୍ ଜିତିଲେ ଲକ୍ଷ୍ୟ



ସିଡ୍‌ନୀ, ୨୩।୧୧ (ଏଜେନ୍ସି): ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ଲକ୍ଷ୍ୟ ସେନ୍ ସିଜନରେ ତାଙ୍କର ପ୍ରଥମ ଟାଇଟଲ୍ ବିଜୟୀ ହୋଇଛନ୍ତି। ରବିବାର ଏଠାରେ ଅନୁଷ୍ଠିତ ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଲକ୍ଷ୍ୟ ୨୧-୧୫, ୨୧-୧୧ ସିଧାସଳଖ ଗେମରେ ଜାପାନର ୟୁଶି ତାନାକାଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ଲକ୍ଷ୍ୟଙ୍କୁ ୩୮ ମିନିଟ୍ ସମୟ ଲାଗିଥିଲା। ୨୪ ବର୍ଷୀୟ ଲକ୍ଷ୍ୟଙ୍କ କ୍ୟାରିୟରର ଏହା ୬ଷ୍ଠ ଟାଇଟଲ୍ ଥିଲା। ଏଥିପୂର୍ବରୁ ଶେଷଥର ଲାଗି ସେ ଗତ ଡିସେମ୍ବରରେ ସୟଦ ମୋଦି ଇଣ୍ଟରନ୍ୟାସନାଲରେ ଟ୍ରଫି ଜିତିଥିଲେ। ୨୦୨୫ରେ ଲକ୍ଷ୍ୟ ହଂକଂ ଓପନ୍‌ର ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ। ସେହିଭଳି ଚଳିତ ବର୍ଷ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଟାଇଟଲ୍ ଜିତିବାରେ ସେ ଦ୍ୱିତୀୟ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଆୟୁଷ ସେଟ୍ଟୀ ଗତ ଜୁନରେ ୟୁଏସ୍ ଓପନ୍ ସୁପର୍-୩୦୦ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିଲେ।

## କୋଚ୍ ସୁବ୍ରତଙ୍କୁ ହରାଇ ଆଶୁତୋଷ ଚାମ୍ପିଅନ



ଭୁବନେଶ୍ୱର, ୨୩।୧୧ (ସମିସ): ସ୍ଥାନୀୟ ପଟିଆ ସ୍ଥିତ ୬ପକେଟ୍ କ୍ଲବରେ ଚାଲିଥିବା ୩୧ତମ ନିଖିଳ ଓଡ଼ିଶା ସିନିଅର ବିଲିଆର୍ଡ୍ସ ଓ ସ୍ନୁକର ଚାମ୍ପିଅନସିପ୍ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମୁକାବିଲାରେ ଆଶୁତୋଷ ପାଢ଼ୀ ୬-୩ (୧୦୦-୦୮, ୧୪-୫୬, ୫୩-୫୯, ୬୯-୨୫, ୩୪-୬୫, ୫୯-୩୫, ୧୧୧-୦୦, ୪୩-୩୧, ୪୪-୩୧) ରେ ନିଜ ଗୁରୁ ତଥା କୋଚ୍ ସୁବ୍ରତ ଦାସଙ୍କୁ ପରାସ୍ତ କରି ବାଜି ମାରିଛନ୍ତି। ଏଥିସହ ଆଶୁତୋଷ ଏପର୍ଯ୍ୟନ୍ତ ୫ଟି ସ୍ନୁକର ଟାଇଟଲ ହାସଲ କରିଛନ୍ତି। ସୁବ୍ରତ ମଧ୍ୟ ୫ଟି ସିନିଅର ସ୍ନୁକର ଟାଇଟଲ ଜିତିଛନ୍ତି। ଚାମ୍ପିଅନ ଆଶୁତୋଷଙ୍କୁ ୨୦ ଓ ରନର୍ସଅପ୍ ସୁବ୍ରତଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ପୂର୍ବରୁ ମଧ୍ୟ ଆଶୁତୋଷ ସିନିଅର ବିଲିଆର୍ଡ୍ସରେ ଚାମ୍ପିଅନ ହୋଇ ୧୦ ଓ ସୁବ୍ରତ ରନର୍ସଅପ ହୋଇ ୫ ହଜାର ଟଙ୍କା ପୁରସ୍କାର ଜିତିଥିଲେ।

### ୧୦ମ ରାଜ୍ୟ ଦୃଷ୍ଟିହୀନ ପୁରୁଷ କ୍ରିକେଟ୍ ଉଦ୍‌ଯାପିତ

## ବରଗଡ଼କୁ ହରାଇ କୋରାପୁଟ ଚାମ୍ପିଅନ



ଭୁବନେଶ୍ୱର/ଯାଜପୁର, ୨୩।୧୧ (ସମିସ): ଧର୍ମଶାଳା ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଦୃଷ୍ଟିହୀନ ପୁରୁଷ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କୋରାପୁଟ ଦୃଷ୍ଟିହୀନ ଦଳ ଚାମ୍ପିଅନ ହୋଇଛି। ଫାଇନାଲ ମୁକାବିଲାରେ କୋରାପୁଟ ୧୩୩ ରନରେ ବରଗଡ଼ର ରାଇଜିଂ ଷ୍ଟାର୍ କ୍ଲବକୁ ପରାସ୍ତ କରିଥିଲା। ସୁଖରାମ ମାଝୀଙ୍କ ୮୩ ରନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା କୋରାପୁଟ ୨୦ ଓଭରରେ ୩ ୱିକେଟ୍ ହରାଇ ୧୯୦ ରନ କରିଥିଲା। ଜବାବରେ ବରଗଡ଼ ୧୫ ଓଭରରେ ୫୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସୁଖରାମଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ହିମାଂଶୁ ଶେଖର ସାହୁ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, 'ସକ୍ଷମ ଓଡ଼ିଶା'ର ମନସ୍ମିତା ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ସମାରୋହକୁ ଓଡ଼ିଶା ଦୃଷ୍ଟହୀନ କ୍ରିକେଟ୍ ସଂଘର ସଭାପତି ମହମ୍ମଦ ଜାଫର ଇକବାଲ ପରିଚାଳନା କରିଥିଲେ। ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଓ ସକ୍ଷମ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଗତ ୫ ଦିନ ଧରି ଏହି ଟୁର୍ଣ୍ଣାମେଣ୍ଟ ଚାଲିଥିଲା।

## ରାଜ୍ୟ ଟିଟି: ସେମିରେ ଶ୍ୱେତା-ଆଦିତି ଲଢ଼େଇ

କଟକ, ୨୩।୧୧ (ସମିସ): ସିଡିଏ ସେକ୍ଟର-୭ ସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ହଲ୍‌ରେ ୩୧ତମ ଆନ୍ତଃଜିଲ୍ଲା ଏବଂ ରାଜ୍ୟ ଟେବଲ ଟେନିସ ଚାମ୍ପିଅନସିପ୍ ଜାରି ରହିଛି। ପ୍ରତିଯୋଗିତାର ରବିବାର ୩ୟ ଦିବସରେ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗର ସେମିଫାଇନାଲ ଲାଇନଅପ ଚୂଡ଼ାନ୍ତ ହୋଇଛି। ବାଳିକା ସିଙ୍ଗଲ୍ସ ଇଭେଣ୍ଟର ପ୍ରଥମ ସେମିଫାଇନାଲରେ ଉର୍ଜା ବର୍ମା ଏବଂ ଆଶୀ ସ୍ୱାଇଁ, ଦ୍ୱିତୀୟ ସେମିଫାଇନାଲରେ ଅଂଶ ଆଦିତି ଏବଂ ଶ୍ୱେତା ବର୍ମା, ବାଳକ ସିଙ୍ଗିଲ୍ସ ଇଭେଣ୍ଟ ପ୍ରଥମ ସେମିଫାଇନାଲରେ ଜିଜ୍ଞାସୁ ସାଇ କିରଣ ପ୍ରଧାନ ଏବଂ ମହମ୍ମଦ ତକମିଲ, ଦ୍ୱିତୀୟ ସେମିଫାଇନାଲରେ ସୟଦ ଅର୍ଶ ଅଲ୍ଲୀ ଏବଂ ଜିଜ୍ଞାସୁ ସାହୁ ମୁହାଁମୁହିଁ ହେବେ। ୧୧ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ସୟଦ ଅସରାଜ ଅଲ୍ଲୀ, ଆୟୂଷ ଅର୍ପଣ, ବିଜୟ ହାସଲ କରିଛନ୍ତି।.



## ଗଣ୍ଡରପୁର ଜିତିଲା ଶରଣକୁଳ କପ୍

ଶରଣକୁଳ, ୨୩।୧୧ (ସମିସ)

ଶରଣକୁଳ ଲଡୁକେଶ ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ ନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ୬୪ତମ ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ରବିବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଗଣ୍ଡରପୁର ଫୁଟ୍‌ବଲ କ୍ଲବ (ଭୁବନେଶ୍ୱର) ଟାଇ ବ୍ରେକର ରେ ୫ –୪ ଗୋଲରେ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ(ବରଗଡ଼)କୁ ପରାସ୍ତ କରି ଚାମ୍ପିଅନ ହୋଇଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୨-୨ ଗୋଲ୍‌ରେ ଡ୍ର ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା।

ଅନୁଷ୍ଠାନର ସଭାପତି ସତ୍ୟ ନାରାୟଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୟାଗଡ଼ ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସମାଜସେବୀ ତ୍ରିନାଥ ବିଶ୍ୱାଳ, ମନସୁର ବକ୍ସ, ଶିଖରପୁର ସରପଞ୍ଚ ସନ୍ୟାସୀ ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସଂଯୁକ୍ତା ପଡିଆରୀ ଅତିଥି ରୂପେ ଯୋଗଦେଇ ଚାମ୍ପିଅନ ଗଣ୍ଡପୁର ଦଳକୁ ୩୦ ହଜାର ଅର୍ଥ ରାଶି ସହିତ ଟ୍ରଫି ଓ ପରାଜିତ ବରଗଡ଼ ଦଳକୁ ନଗଦ ୨୦ ହଜାର ଅର୍ଥ ସହିତ ଟ୍ରଫି ପ୍ରଦାନ କରିଥିଲେ। ଗଣ୍ଡରପୁର ଅସୀମ ଟୁଡୁ ଓ ବରଗଡ଼ ଦଳର ସୁଶୀଲ ପଡିଆରୀଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବାବେଳେ ପ୍ରିୟବ୍ରତ ବାହିନୀପତି, ଜଗନ୍ନାଥ ପରିଡା ଓ ପ୍ରସନ୍ନ ନାୟକ ଲାଇନରେ ସହାୟତା କରିଥିଲେ। ଉପସଭାପତି ବିକ୍ରମ ଦାଶ ଅତିଥି ପରିଚୟ ଓ ସମ୍ପାଦକ ରବିନ୍ଦ୍ର ବିବରଣୀ ପାଠ କରିଥିଲେ। କୃଷ୍ଣ ଚନ୍ଦ୍ର ମହାପାତ୍ର, ଚିତ୍ତରଞ୍ଜନ ବରାଡ, ମନୋରଞ୍ଜନ ଦାଶ, ରମେଶ ଚନ୍ଦ୍ର ବରାଡ, ପ୍ରମୋଦ ଦାଶ, ଅଖିଳ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS